

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୦୪ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 SEPTEMBER 2022
Vol.No. 35 ■ No. 232 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ବିମାନ ଚୋରିକରି ମାର୍କେଟରେ କ୍ରାସ କରିବାକୁ ଧମକ

ନୂଆଦିଲ୍ଲୀ, ୦୩/୦୯ : ବିମାନ ବନ୍ଦରରୁ ବିମାନ ଚୋରି କଲେ। ସହର ଉପରେ ବେଫିକର ହୋଇ ଉଡ଼ାଇଲେ। ଆଉ ସୁପରମାର୍କେଟରେ କ୍ରାସ କରିବାକୁ ଧମକ ଦେଲେ। ଜଣେ ପାଇଲଟଙ୍କ ଏଭଳି ଆତଙ୍କରେ ସମ୍ପୃକ୍ତ ଜନବସତି ଅଞ୍ଚଳକୁ ପୁଲିସକୁ ଖାଲି କରିବାକୁ ପଡ଼ିଥିଲା । ଲୋକେ ଆତଙ୍କିତ ହୋଇ ଧାଁ ଦୌଡ଼ କରିଥିଲେ। ଏମିତି ଏକ ଅଦ୍ଭୁତ ଘଟଣା ଆମେରିକାର ମିଶିଶିପି ଅଞ୍ଚଳରୁ ଆସିଛି। ପାଇଲଟ ଜଣକ ସେଠିକାର ୱାଲମାର୍ଟ ଷ୍ଟୋର ଉପରେ କ୍ରାସ କରିବାକୁ ଧମକ ଦେଇଥିଲେ। ଏହା ପରା ପୁଲିସ ପ୍ରଶାସନ ଉକ୍ତ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ଆରମ୍ଭ କରିଥିଲା। ପାଇଲଟର



ପରିଚୟ ମିଳିପାରି ନାହିଁ । ଟୋପେଲୁ ବିମାନ ବନ୍ଦରରୁ ଏୟାରକ୍ରାଫ୍ଟଟି ଚୋରି ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହି ଏୟାରକ୍ରାଫ୍ଟକୁ ପାଇଲଟ ଜଣକ ଟୋପେଲୁ ଟାଉନ ଉପରେ ଘଣ୍ଟାଏରୁ ଉର୍ଦ୍ଧ୍ୱ ଧରି ଉଡ଼ାଇଥିଲେ। ପାଇଲଟଙ୍କ ଧମକ ନେଇ ସ୍ଥାନୀୟ ପ୍ରାଶାସନକୁ ନାକେଦମ ହେବାକୁ ପଡ଼ିଥିଲା। ଏଥିପାଇଁ ଶତାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସତର୍କ କରାଯାଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ କେହି କିଛି ପଦକ୍ଷେପ ନନେବାକୁ ଆଲର୍ଟ କରାଯାଇଥିଲା । ଏମିତିକି ପାଇଲଟ ଜଣକ ଏୟାରକ୍ରାଫ୍ଟକୁ ଅତି ଅଳ୍ପ ଉଚ୍ଚରେ ଉଡ଼ାଇଥିଲେ। ଟୁପେଲୋ ପୁଲିସ ବିଭାଗ କହିଛି ଯେ, ସେମାନେ ଉକ୍ତ ପାଇଲଟଙ୍କ ସହ ଯୋଗାଯୋଗରେ ଅଛନ୍ତି। ସ୍ଥାନୀୟ ଜରୁରୀକାଳୀନ ବିଭାଗ ଉକ୍ତ ଏୟାରକ୍ରାଫ୍ଟର ଗତିବିଧି ଉପରେ ନଜର ରଖିଛନ୍ତି। ଯଦି ଏୟାରକ୍ରାଫ୍ଟକୁ କାବୁ କରିବା ସମ୍ଭବ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଯିବ ବୋଲି କୁହାଯାଇଛି। ହେଲେ ସେ ପର୍ଯ୍ୟନ୍ତ ଲୋକଙ୍କୁ ସତର୍କ କରାଯାଇଛି। ଯେମିତି କୌଣସି ଅଘଟଣ ନଘଟେ ସେଥିଲାଗି ସ୍ଥାନୀୟ ପ୍ରଶାସନ ପୂରା ସତର୍କ ରହିଛି।

## ମୋଦିଙ୍କ ବିରୋଧରେ ମଙ୍ଗ ଧରିବେ ନୀତୀଶ ! ୫ରେ ଦିଲ୍ଲୀ ମିଶନ

ନୂଆଦିଲ୍ଲୀ, ୦୩/୦୯ : ହାତରେ ଆଉ ମାତ୍ର ବର୍ଷଟିଏ ବାକି। ଏହା ପରେ ୨୦୨୪ ସାଧାରଣ ନିର୍ବାଚନ। ଆଉ କେନ୍ଦ୍ରରେ ଥିବା ବିଜେପି ସରକାରକୁ ମୁକାବିଲା ପାଇଁ ବିରୋଧୀ ଆରମ୍ଭ କଲେଣି ରଣନୀତି। ବିଜେପି ବିରୋଧରେ ଏକାଠି ହେବା ପାଇଁ ଆରମ୍ଭ ହୋଇଛି କସରତ।ଏଥିପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆସନ୍ତା ସେପ୍ଟେମ୍ବର ୫ରେ ଦିଲ୍ଲୀ ଯାଇପାରନ୍ତି। ସେଠାରେ ସେ ବିରୋଧୀ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ମଧ ଭେଟି ୨୦୨୪ ନିର୍ବାଚନ ସମ୍ପର୍କରେ ଆଲୋଚନା କରିପାରନ୍ତି ନୀତୀଶ କୁମାର। ମିଳିଥିବା ସୂଚନା ଅନୁଯାୟୀ, ନୀତୀଶ କୁମାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଅନ୍ୟ ବାମପନ୍ଥୀ ନେତାଙ୍କୁ ଭେଟି ବିଜେପିକୁ



୨୦୨୪ରେ ଚେକ ଦେବା ପାଇଁ ଆଲୋଚନା କରିପାରନ୍ତି। ପାଟନାରେ ୨ ଦିନ ଧରି ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଥିଲା। ଫୋକସରେ ଥିଲା ୨୦୨୪ ସାଧାରଣ ନିର୍ବାଚନ । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ଏକାଠି କରିବାକୁ ନୀତୀଶ କୁମାରଙ୍କୁ ଦଳ ପକ୍ଷରୁ ନେତା ଭାବେ ପ୍ରସ୍ତାବ ଆସିଥିଲା। ନିକଟରେ ବିଜେପି ହାତ ଛାଡ଼ି ମହାମେଣ୍ଟ ସହ ସରକାର ଗଠନ ପରେ ପ୍ରଥମ ଥର ପାଇଁ ଦିଲ୍ଲୀ ଯାଉଛନ୍ତି ନୀତିଶ କୁମାର। ନୀତୀଶ କୁମାର ଦଳୀୟ କର୍ମୀଙ୍କୁ ୨୦୨୪ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇ କହିଛନ୍ତି ଯେ, ସମସ୍ତ ମତଭେଦ ଭୁଲି ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟ କରନ୍ତୁ। ମୁଁ ୨ଦିନ ପରେ ଦିଲ୍ଲୀ ଯିବି। ସେଠାରେ ▶▶ପୃଷ୍ଠା ୭

## ବାତ୍ୟାର ସମ୍ଭାବନା ନାହିଁ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ନିକଟରେ ବାତ୍ୟା ହେବାର ସମ୍ଭାବନା ନାହିଁ। ବାତ୍ୟା ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏଭଳି କିଛି ସୂଚନା ନଥିବା କହିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ସେ କହିଛନ୍ତି ଯେ ଆଇଏମଡି ବାତ୍ୟା ନେଇ କୌଣସି ଆକଳନ କରିନାହିଁ। ବାତ୍ୟା ସଂପର୍କରେ ଆଇଏମଡି କୌଣସି ସୂଚନା ଜାରି କରି ନାହିଁ। ୮ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ବା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ବାତ୍ୟା ସୂଚନା ନାହିଁ କି ବାତ୍ୟା ନେଇ କିଛି ଆକଳନ କରାଯାଇନି। ଆସନ୍ତା ୧୦ କିମ୍ବା ୧୧ ତାରିଖରେ ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳରେ ମାଡ଼ ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲା।

## ବିଜେପି କର୍ମୀଙ୍କୁ କେଜ୍ରିୱାଲଙ୍କ ପରାମର୍ଶ: ଦଳ ଛାଡ଼ନି, ଆପ୍ ପାଇଁ କାମ କର

ଅହମ୍ମଦାବାଦ, ୦୩/୦୯ : ମିଶନ ଗୁଜରାଟ ଅଭିଯାନରେ ବାହାରିଥିବା ଆପ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଆଜି ଥିଲା ଶେଷ ପରିଦର୍ଶନ। ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ଘନ ଘନ ଗସ୍ତ କରୁଥିବା କେଜ୍ରିୱାଲ ଆଜି ଏଠାରେ ଆୟୋଜିତ ସଭାରେ ଉଦବୋଧନ ଦେଇଥିଲେ । ଏହି ଅବସରେ ବିଜେପି କର୍ମୀମାନଙ୍କୁ ଆପ ପାଇଁ ଭିତରେ ଭିତରେ କାମ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ବିଜେପି ନଛାଡ଼ିବା ପାଇଁ ପରାମର୍ଶ ଦେଇଥିଲେ। ବିଜେପି ପାଖରୁ ପଇସା ନିଅନ୍ତୁ, କିନ୍ତୁ ଆପ ପାଇଁ କାମ କରିବାକୁ କେଜ୍ରିୱାଲ ଅନୁରୋଧ କରିଥିଲେ। ଆପ୍ ପକ୍ଷରୁ ଯେଉଁ ଗ୍ୟାରେଣ୍ଟି ଦିଆଯାଇଛି ତାହା ବିଜେପି



କର୍ମୀମାନଙ୍କୁ ମିଳିବ। ଯେତେବେଳେ ଆପ ଏଠାରେ କ୍ଷମତାକୁ ଆସିବ ସବୁ ସୁବିଧା ମିଳିବ ବୋଲି କେଜ୍ରିୱାଲ ପ୍ରତିଶ୍ରୁତି ଦେଥିଲେ। ସେ ଆହୁରି କହିଛନ୍ତି ଯେ, ଆମେ ବିଜେପି ନେତା ଚାହୁଁ ନାହୁଁ। ବିଜେପି ତାର ନେତାଙ୍କୁ ତାପାଖରେ ରଖୁ। କିନ୍ତୁ ଗାଁ-ପଞ୍ଚାୟତମାନଙ୍କରେ ଥିବା ବିଜେପି କର୍ମୀମାନେ ଆପ ପ୍ରତି ଢଳିବା ଆରମ୍ଭ କରିଛନ୍ତି। ସେମାନେ ଆମ ଆଦମୀ ପାର୍ଟିକୁ ସମର୍ଥନ କରୁଛନ୍ତି। ମୁଁ ବିଜେପି କର୍ମୀମାନଙ୍କୁ ପଚାରୁଛି। ଆପଣ ଦଳ ସେବାରେ ଲାଗିପଡ଼ିଛନ୍ତି। କିନ୍ତୁ ପ୍ରତିବଦଳରେ ଦଳ ଆପଣଙ୍କୁ କଣ ଦେଇଛି। ଏପରିକ ବର୍ଷ ବର୍ଷ ବିତି ଯାଥିଲେ ମଧ ଆପଣଙ୍କୁ କେବଳ ନିରାଶ ହେବାକୁ ପଡ଼ିଛି। ଆପଣ ସେଇ ଦଳରେ ରୁହନ୍ତୁ । କିନ୍ତୁ ଆପ ପାଇଁ ଭିତରେ କାମ କରନ୍ତୁ। କିଛି ବିଜେପି କର୍ମୀ କାମ ପାଇଁ ପଇସା ପାଉଛନ୍ତି। ଦଳ ଠାରୁ ପାଉଣା ଆଣନ୍ତୁ କିନ୍ତୁ ଆପ ପାଇଁ କାମ କରିବାକୁ କେଜ୍ରିୱାଲ ଅନୁରୋଧ କରିଥିଲେ। କାରଣ ଆପ ପାଖରେ ଟଙ୍କା ନାହିଁ ବୋଲି କେଜ୍ରିୱାଲ କହିଥିଲେ। ନିଜ ନିର୍ବାଚନୀ ପ୍ରତିଶ୍ରୁତିରେ କେଜ୍ରିୱାଲ ମାଗଣା ଶିକ୍ଷା, ବିଜୁଳି, ମହିଳାଙ୍କୁ ୧୦୦୦ ଟଙ୍କା ଭତ୍ତା ଠାରୁ ବିଭିନ୍ନ ପ୍ରକାର ଗ୍ୟାରେଣ୍ଟି ଦେଇଛନ୍ତି କେଜ୍ରିୱାଲ।

## ନୀତୀଶଙ୍କୁ ଝଟ୍‌କା : ମଣିପୁରର ୫ ଜେଡିୟୁ ବିଧାୟକ ବିଜେପିରେ ସାମିଲ

ଇମ୍ଫାଲ, ୦୩/୦୯ : ବିବହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ବଡ ଝଟ୍ ?କା। ଗୋଟିଏ ପଟେ ବିହାରରେ ବିଜେପିର ହାତ ଛାଡି ନୀତୀଶ କୁମାର ମହାମେଣ୍ଟ ସରକାର ଗଠନ କରିଥିବା ବେଳେ ଅନ୍ୟପଟେ ମଣିପୁର ଜେଡିୟୁକୁ ଶକ୍ତ ଝଟ୍‌କା ଲାଗିଛି। ଏଠାକାର ୭ରୁ ୫ ଜଣ ବିଧାୟକ ବିଜେପିରେ ମିଶିଛନ୍ତି। ଜେଡିୟୁ ଶୁକ୍ରବାର ଦିନ ଏହି ସୂଚନା ଦେଇଛି। ଦଳ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନିକଟରେ ବିହାରରେ ଘଟିଥିବା ରାଜନୈତିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଦଳ ଛାଡି ବିଜେପିରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି ମଣିପୁରର ଜେଡିୟୁ ବିଧାୟକ। ବିହାରରେ ଏନଡିଏ ମେଣ୍ଟରୁ ଦଳ ଓହରିବା ନିଷ୍ପତ୍ତିକୁ ନେଇ ଏହି ବିଧାୟକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ,



ନୀତୀଶ କୁମାରଙ୍କ ଜେଡିୟୁ କିଛି ଦିନ ପୂର୍ବେ ମଣିପୁରରେ ବିଜେପି ସରକାର ଠାରୁ ସମର୍ଥନ ଫେରାଇ ନେବା ପାଇଁ କହିଥିଲା। ଏହାକୁ ନେଇ ଉକ୍ତ ମଣିପୁରର ଜେଡିୟୁ ବିଧାୟକମାନେ ଅସନ୍ତୋଷ ଥିଲେ। ବିଜେପିରେ ସାମିଲ ହୋଇଥିବା ମଣିପୁର ଜେଡିୟୁ ବିଧାୟକଙ୍କ ମଧ୍ୟରେ ଜୟ କିସନ, ଏନ୍ ସନାତେ, ମୋହମ୍ମଦ ଅଛବଉଦ୍ଦିନ, ପୂର୍ବ ପୁଲିସ ମହାନିର୍ଦ୍ଦେଶକ ଏଏମ୍ ଖାଉଟେ ଓ ଥାଙ୍ଗଜାମ ଅରୁଣ କୁମାର ଅଛନ୍ତି। ବର୍ତ୍ତମନା ୬୦ ଆସନ ବିଶିଷ୍ଟ ବିଧାନସମଭାରେ ବିଜେପି ନେତୃତ୍ୱ ମେଣ୍ଟକୁ ୫୫ ବିଧାୟକଙ୍କ ସମର୍ଥନ ରହିଛି। ଏଥିରେ ଜେଡିୟୁର ୭ ଜଣ ବିଧାୟକ ସାମିଲ ଅଛନ୍ତି। ଏଠାରେ, ଯଦିଓ ଜେଡିୟୁ ସମର୍ଥନ ପ୍ରତ୍ୟାହାର କରେ, ତେବେ ଶାସକ ମେଣ୍ଟର ସଂଖ୍ୟା ୪୮ ହେବ, ଯାହା ସଂଖ୍ୟା ଗରିଷ୍ଠତାର ମ୍ୟାଜିକ୍ ନମ୍ବର ୩୧ରୁ ▶▶ପୃଷ୍ଠା ୭

## ପୋକ୍ସୋ କୋର୍ଟ ବିଚାରପତି ମୃତ୍ୟୁ ମାମଲା : ହତ୍ୟା ଅଭିଯୋଗ ଆଣି ଏତଲା ଦେଲେ ମା'

ଭୁବନେଶ୍ୱର,୦୩/୦୯ (ନି.ପ୍ର): କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ ଆତ୍ମହତ୍ୟା ଘଟଣାରେ ନୂଆ ଟ୍ୱିଷ୍ଟ ଆସିଛି। ଜଜ୍ ସୁବାସ କୁମାର ବିହାରୀ ଆତ୍ମହତ୍ୟା କରି ନାହାନ୍ତି ବରଂ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଜଜ୍ ଙ୍କ ପତ୍ନୀ ଓ ତାଙ୍କ ଶଳା ତାଙ୍କୁ ହତ୍ୟା କରିଥିବା କହିଛନ୍ତି ତାଙ୍କ ମା। ସେ କହିଛନ୍ତି ମୋ ପୁଅକୁ ଘରକୁ ଛାଡୁନଥିଲେ କି ମୋ ସହ କଥା କରାଇ ଦେଉନଥିଲେ। ବୋହୂ ଏବଂ ତାଙ୍କ ଭାଇ ମାରିଦେଇଛନ୍ତି ବୋଲି ସେ କହିଛନ୍ତି। ଏନେଇ ସୁବାସଙ୍କ ମା ଓ ଭାଇ କଟକ ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ସେହିପରି ଜଜ୍ ଙ୍କ ସମ୍ପର୍କୀୟ ଭାଇ କହିଛନ୍ତି ଯେ ଆମକୁ ମୃତଦେହ ନିକଟକୁ ଛାଡି ନଥିଲେ। ଚୁପଚାପ୍ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରିଦେଲେ। ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ ଙ୍କ ଝୁଲନ୍ତା ମୃତଦେହ ତାଙ୍କ କଟକର ସିଡିଏ ସେକ୍ଟର -୯ ସ୍ଥିତ ସରକାରୀ ଘରୁ ମିଳିଥିଲା। ସିଡିଏର ଏକ ଘରୋଇ ହସ୍ପିଟାଲ ତାଙ୍କୁ ମୃତ ଘୋଷଣା କରିଥିଲେ । ଏସିପି ତାପସ ପ୍ରଧାନ କହିଥିଲେ ଯେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଲାଗୁଛି। ତାଙ୍କ ବେକରେ ଦାଗ ଓ ଆଂଚୁଡ଼ା ଚିହ୍ନ ରହିଛି। ଘଟଣାସ୍ଥଳରୁ ଏକ ରଶି ମିଳିଛି। ତାକୁ ଜବତ କରାଯାଇଛି ଓ ପରୀକ୍ଷା ପାଇଁ ପଠାଯିବ। ସାଇଂଟିଫିକ୍ ଟିମ୍ ମଧ ଘଟଣାସ୍ଥଳରେ ଯାଂଚ କରିଛି।

## ତୁରନ୍ତ ପ୍ରିକସନ୍ ଡୋଜ୍ ନେବାକୁ ସ୍ୱାସ୍ଥ୍ୟ ବିଭାଗର ଅପିଲ୍

ଭୁବନେଶ୍ୱର,୦୩/୦୯ (ନି.ପ୍ର): ସେପ୍ଟେମ୍ବର ୩୦ରେ ମାଗଣା ଟୀକାର ଅବଧି ଶେଷ ହୋଇଯିବ । ତେଣୁ ତୁରନ୍ତ ଟୀକା ନେବାକୁ ଅପିଲ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ମାଗଣା ଟୀକାର ଅବଧି ଆଉ ମାତ୍ର ୨୭ ଦିନ ଥିବାରୁ ସମସ୍ତେ ତୁରନ୍ତ ଟୀକା ନେଇଯାଆନ୍ତୁ। ରାଜ୍ୟରେ ଏପର୍ଯ୍ୟନ୍ତ୮୦ ଲକ୍ଷ ୯୦ ହଜାର ୩୮୬ ଜଣ ପ୍ରିକସନ ଡୋଜ ନେଇଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୭୫ ଭାଗ ଲୋକ ଅର୍ଥାତ ୨ କୋଟି ୪୦ ଲକ୍ଷ ଲୋକ ପ୍ରିକସନ ଡୋଜ୍ ନେଇ ନାହାନ୍ତି । ସେହିପରି ଦ୍ୱିତୀୟ ଡୋଜ ନେବାକୁ ଭୁଲି ଯାଇଛନ୍ତି ୨୩ ଲକ୍ଷ ୩୨ ହଜାର ଲୋକ। ଖୋର୍ଦ୍ଧା, କଟକ, ଜଗତସିଂହପୁର, ଅନୁଗୁଳ, ପୁରୀ, ସୁନ୍ଦରଗଡ ଜିଲ୍ଲାବାସୀ ଟୀକା ନେବା ପାଇଁ ଆଗ୍ରହ ଦେଖାଉନାହାନ୍ତି ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ।

## ଆରମ୍ଭ ହେଲା ସ୍ୱେଶାଲ ଓଜେଇଇ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଆଜି(ଶନିବାର) ଠାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଓଜେଇଇ । ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଟାରେ ଶେଷ ହେବ ପରୀକ୍ଷା। ଶନିବାର ଦିନ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ଯାଂଚ କରାଯିବା ପରେ ଛଡାଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍, କାଲକୁଲେଟର ପରି ଇଲେକ୍ଟ୍ରୋନିକ୍ସ ଜିନିଷ ସହ ଘଂଟା ନଆଣିବାକୁ କୁହାଯାଇଥିଲା। ସିବିଟି ବା କମ୍ପ୍ୟୁଟର ବେସଡ ଟେଷ୍ଟ ମାଧ୍ୟମରେ ୪ଟି ସିଫ୍ଟରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେପ୍ଟେମ୍ବର ୩,୪ ଓ ୭ ତାରିଖରେ ବିଟେକ୍, ବିଫାର୍ମା, ଏମବିଏ, ବିଟେକ୍ ଲାଟେରାଲ ଏଂଟ୍ରି, ଏମସିଏ, ଏମ୍‌ଟେକ୍, ଏମ୍‌ଫାର୍ମା ପାଠ୍ୟକ୍ରମରେ ନାମଲେଖା ପାଇଁ ପରୀକ୍ଷା ହେବ। ମୋଟ ୨୮,୬୨୦ ଜଣ ପରୀକ୍ଷାର୍ଥୀ ସ୍ୱେଶାଲ ଓଜେଇଇ ଦେଉଛନ୍ତି। ଏହି ପରୀକ୍ଷା ପାଇଁ ଓଡ଼ିଶାର ୨୮ଟି ସହରରେ ୩୮ କେନ୍ଦ୍ର କରାଯାଇଛି। ସେହିପରି ଓଡିଶା ବାହାରେ ୩ ଟି ସହର ଯଥା କୋଲକାତା, ରାଂଚି ଏବଂ ପାଟନାରେ ମଧ କେନ୍ଦ୍ର କରାଯାଇଛି।

## ନବଜାତର ମୃତ୍ୟୁ ହେଲେ ମହିଳା କର୍ମଚାରୀଙ୍କୁ ମିଳିବ ଏହି ଛୁଟି

ନୂଆଦିଲ୍ଲୀ, ୦୩/୦୯ : ସାଧାରଣତଃ ସମସ୍ତ କର୍ମଜୀବୀ ମହିଳାଙ୍କୁ ମାତୃତ୍ୱକାଳୀନ ଛୁଟି ଉପଲବ୍ଧ ହୋଇଥାଏ। ହେଲେ ଯେଉଁ କ୍ଷେତ୍ରରେ ପ୍ରବସ ପରେ ପିଲାଟି ଆଖି ବୁଜି ଦେଇଥାଏ, ଅଥବା ମା' ପେଟରେ ହିଁ ପିଲାଟିର ମୃତ୍ୟୁ ହୋଇଥାଏ ସେତେବେଳେ କ'ଣ ଏହି ନିୟମ ଲାଗୁ ହୁଏ ? କାରଣ ନିଜ ଛୁଆକୁ ହରାଇବା ଏକ ମା' ପାଇଁ ସବୁଠୁ କଷ୍ଟଦାୟକ ଅନୁଭୂତି। ଏହା ମା'କୁ ମାନସିକ ଭାବେ ଶକ୍ତ ଧକ୍କା ଦେଇଥିବା ବେଳେ ସ୍ୱାଭାବିକ ଅବସ୍ଥାକୁ ଫେରିବାକୁ ମହିଳାଜଣକ ସମୟ ନେଇଥାଏ। ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଆଣିଛନ୍ତି ନୂଆ ଯୋଜନା। ଅର୍ଥାତ ଯେଉଁ କର୍ମଜୀବୀ ମହିଳା ଏପରି ସ୍ଥିତିର ସମ୍ମୁଖନ ହେବେ ସେମାନଙ୍କୁ



ସ୍ୱାଭାବିକ ସ୍ଥିତିକୁ ଫେରିବାକୁ ମିଳିବ ୬୦ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି। ଏନେଇ ଶୁକ୍ରବାର କର୍ମଚାରୀ ଓ ତାଲିମ ବିଭାଗ(DoPT) ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି ଯେ, ଜନ୍ମ ହେଉ ହେଉ ପିଲାଟିର ମୃତ୍ୟୁ ହେଲେ, ଅଥବା ମା' ପେଟରେ ପିଲାଟି ଆଖି ବୁଜି ଦେଲେ ମା'ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥାଏ। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ମହିଳା କର୍ମଚାରୀଙ୍କୁ ୬୦ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମୃତ ଶିଶୁ ଜନ୍ମ ହେଲେ, ପ୍ରସବ ପରେ ଶିଶୁଟି ଜୀବୀତ ଥିବାର କୌଣସି ଲକ୍ଷଣ ଦେଖା ନଗଲେ, କିମ୍ବା ୨୮ ସପ୍ତାହର ଗର୍ଭାବସ୍ଥାରେ ଯଦି ମୃତ ପିଲା ଜନ୍ମ ହେଲା ତେବେ ଏହି ନିୟମ ଲାଗୁ ହେବ । କେନ୍ଦ୍ର ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ / ବିଭାଗକୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯାଇଛି। DoPT ଉଲ୍ଲେଖ କରିଛି ଯେ, ଯଦି କେନ୍ଦ୍ର ସରକାରଙ୍କ ଜଣେ ମହିଳା କର୍ମଚାରୀ ମାତୃତ୍ୱକାଳୀନ ଛୁଟିରେ ଅଛନ୍ତି, ହେଲେ ଛୁଟି ନେବାର କିଛି ଦିନ ପରେ ତାଙ୍କର ଏକ ମୃତ ଶିଶୁ ଜନ୍ମ ହେବ, ଅଥବା ଶିଶୁଟି ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁମୁଖରେ ପଡ଼ିବ । ତେବେ ପୂର୍ବ ଛୁଟିଗୁଡ଼ିକୁ ମାତୃତ୍ୱକାଳୀନ ଛୁଟିରୁ ହଟାଯାଇ ଅନ୍ୟ ଛୁଟିରେ ରୂପାନ୍ତର କରାଯିବ ଯାହା ନିମନ୍ତେ କୌଣସି ମେଡିକାଲ ସାର୍ଟିଫିକେଟର ଆବଶ୍ୟକତା ପଡ଼ିବ ନାହିଁ। ଏହାପରେ ଯେବେଠୁ ଛୁଆର ମୃତ୍ୟୁ ହେବ ସେବେଠୁ ୬୦ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପ୍ରଦାନ କରାଯିବ। ଅନ୍ୟ ଏହି ନିର୍ଦ୍ଦେଶ ଅନୁଯାୟୀ, ଯଦି କେନ୍ଦ୍ର ସରକାରଙ୍କ ଜଣେ ମହିଳା କର୍ମଚାରୀ ମାତୃତ୍ୱ ଛୁଟି ନେଇ ନାହାନ୍ତି, ତେବେ ତାଙ୍କୁ ମୃତ ଶିଶୁର ଜନ୍ମ କିମ୍ବା ଶିଶୁର ମୃତ୍ୟୁ ଦିନଠାରୁ ୬୦ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପ୍ରଦାନ କରାଯିବ। ଏହାବାଦ ଯଦି ଜନ୍ମ ପରଠୁ ୨୮ ଦିନ ମଧ୍ୟରେ ନବଜାତର ମୃତ୍ୟୁ ହୁଏ ତେବେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ବିବେଚନା କରାଯିବ। ଏହି ନିୟମ କେନ୍ଦ୍ର ସରକାରଙ୍କ ସେହି ମହିଳା କର୍ମଚାରୀଙ୍କ ପାଇଁ ଉପଲବ୍ଧ ହେବ ଯେଉଁମାନଙ୍କର ଦୁଇରୁ କମ୍ ବଞ୍ଚିଥିବା ପିଲା ଅଛନ୍ତି । ଏଥିସହ ସେମାନଙ୍କ ପ୍ରସବ ଏକ ସରକାରୀ କିମ୍ବା ସରକାରୀ ଅନୁମୋଦିନ ଡାକ୍ତରଖାନାରେ ହେବା ଆବଶ୍ୟକ ।

## ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୩/୦୯ (ନି.ପ୍ର): ମୌସୁମୀ ନିମ୍ନ-ଚାପ ରେଖାର ପଶ୍ଚିମ ଭାଗ ଆଜି ହିମାଳୟର ପାଦଦେଶ ରେ ଅବସ୍ଥାନ କରିଛି। ଏଥିସହ ପୂର୍ବ ଭାଗ ଉତରପ୍ରଦେଶର ଗୋରଖପୁରରୁ ବାହାରି ମୁଜାଫରପୁର, ଜଲପାଇଗୁଡ଼ିରୁ ପୂର୍ବ ଦିଗରେ ଉତର-ବଙ୍ଗଳାଦେଶ ଏବଂ ଆସାମ ଦେଇ ନାଗାଲାଣ୍ଡ ଯାଏଁ ବ୍ୟାପିଛି। ଅପରପକ୍ଷରେ ଆହୁରି ୨ଦିନ ପର୍ଯ୍ୟନ୍ତ ଦୁର୍ବଳ ମୌସୁମୀ ର ପ୍ରଭାବ ରହିବ। ଏଥିଯୋଗୁଁ ଗୁଳୁଗୁଳି ଲଶଗି ରହିବ। ତେବେ ୫ତାରିଖରୁ ବର୍ଷାର ବିସ୍ତୃତିବଢିବ ଏବଂ ୬ରୁ ବର୍ଷାର ପରିମାଣ ବଢିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର



ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୦ ଟି ଜିଲ୍ଲାରେ ଘଡଘଡି ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ , ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ।

# ମୃଣାଳିନୀର ଅମୃତ ମହୋତ୍ସବ ବିଶେଷାଙ୍କ ଉନ୍ମୋଚିତ

ନୂଆପଡ଼ା,୩/୦୯ (ନି.ପ୍ର): ସିନାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ମୃଣାଳିନୀ'ର ଅମୃତ ମହୋତ୍ସବ ବିଶେଷାଙ୍କ ଉନ୍ମୋଚିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମସିନ୍ଧୁ ହେର୍ଣ୍ଣା, ପ୍ରାକ୍ତନ ପ୍ରଧାନଶିକ୍ଷକ ସନତ କୁମାର ପଣ୍ଡା ଏବଂ ଅବସରପ୍ରାପ୍ତ ଶିକ୍ଷକ ପ୍ରକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପ୍ରାଚୀର ପତ୍ରୀକାର ଏହି ସ୍ୱତନ୍ତ୍ର ବିଶେଷାଙ୍କକୁ ଉନ୍ମୋଚିତ କରିଥିଲେ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବକୁ ଭିତି କରି ଛାତ୍ରଛାତ୍ରୀଙ୍କ ବିଭିନ୍ନ ସୃଜନଶୀଳ ରଚନା ଏଥରର ମୃଣାଳିନୀରେ ସ୍ଥାନ ପାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶେଷରେ ଶିକ୍ଷକ ମନୋରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପତ୍ନୀକୁ ପୋଡ଼ି ହତ୍ୟା ଉଦ୍ୟମ

ଗଞ୍ଜାମ,୩/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁରା ଗ୍ରାମ ମାଝିସାହିରେ ରୀତା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ନିଆଁ ଲଗାଇ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗତକାଲି ରାତିରେ ଅଭିଯୁକ୍ତ ସ୍ୱାମୀ ପତ୍ନୀ ଦେହରେ ସାନିଟାଇଜର୍ ଢାଳି ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଫଳରେ ରୀତାଙ୍କ ଶରୀରର ପ୍ରାୟ ୩୦ ଭାଗ ପୋଡ଼ି ଯାଇଛି। ପେଟର କିଛି ଅଂଶ ପୋଡ଼ି ଯାଇଥିବା ବେଳେ ସେ ନିଜ ଶରୀରରେ ପାଣି ଢାଳି ମୃତ୍ୟୁ ମୁଖରୁ ବର୍ତି ଯାଇଥିଲେ। ଏବଂ ଦୌଡ଼ି ଯାଇ ନିକଟସ୍ଥ ଅନ୍ୟ ଏକ ସାହିରେ ରହୁଥିବା ମାଉସୀଙ୍କ ଘରେ ପହଂଚି ତାଙ୍କୁ ସମସ୍ତ କଥା କହିଥିଲେ। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡ଼ିକାଲରେ ଭର୍ତି କରାଯାଇଛି। ଖବର ପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ୨୦୧୮ ରେ ବୈଦିକ ରୀତି ମତେ ରୀତା ସଞ୍ଜୟ ପ୍ରଧାନଙ୍କୁ ବିବାହ ହୋଇଥିଲା। ବିବାହ ପରଠାରୁ ଯୌତୁକ ପାଇଁ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇ ଆସୁଥିବା ପୀଡ଼ିତାଙ୍କ ପିତାମାତା ଥାନାରେ କରିଥିବା ଏତଲାରେ ଦର୍ଶାଇଛନ୍ତି। ଏନେଇ ୨୦୧୯ ରେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ତେବେ ସେତେବେଳେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇନଥିଲା।

# ଯାଜପୁର ପୋଲିସକୁ ବଡ ସଫଳତା : ଏଟିଏମ୍ ମେସିନ ଲୁଟ ଘଟଣାରେ ୭ ଗିରଫ

ଧର୍ମଶାଳା,୩/୦୯ (ନି.ପ୍ର): ଯାଜପୁର ପୋଲିସକୁ ମିଳିଛି ବଡ ସଫଳତା। ଅଗଷ୍ଟ ମାସ ୨୪ ତରିଖରେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଛକଠାରେ ଥିବା ଏକ ଏଟିଏମ୍ ମେସିନକୁ ଦୃବୃତମାନେ ବିଳମ୍ବିତ ରାତିରେ ଭାଙ୍ଗି ନେଇଥିଲେ। ଏହି ଘଟଣାରେ ପୋଲିସ ଲୁଟ ସାରଞ୍ଜାମ ସମେତ ନଗଦ ଟଙ୍କା ସହ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏନେଇ ଧର୍ମଶାଳା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର ସୂଚନା ଦେଇଛନ୍ତି। ଗିରଫ ଦୃବୃତମାନଙ୍କ ମଧ୍ୟରୁ ୫ଜଣ ରାଜସ୍ଥାନ ଅଂଚଳର ହୋଇଥିବା ବେଳେ ଅନ୍ୟ ୨ ଜଣ ଓଡିଶାର ହୋଇଥିବା ଜଣାପଡିଛି। ଏଥବ ସହିତ ସେମାନଙ୍କ ନିକଟରୁ ପୋଲିସ ନଗଦ ୩ଲକ୍ଷ୬୮ ହଜାର ଟଙ୍କା ସହିତ ଚୋରି ହୋଇଥିବା ଏଟିଏମ୍ ମେସିନ, ଗୋଟିଏ ମାରୁତି ସୁଜୁକି ଇକୋ କାର ଓ ଗୋଟିଏ ମାରୁତି ସୁଇଫଟ୍ ଡିଜେଆର କାର,୮ଟି ମୋବାଇଲ, ୧୦ଟି ସିମ୍ କାର୍ଡ, ଗୋଟିଏ ବଡ ହାମର,ଗୋଟିଏ ଲୁହା ଷ୍ଟଡ, ୨ଟି ଲୁହା ପାଇପ, ୪ଟି ସ୍କୃଡ୍ରାଇଭର, ୪ଟି ଲୁହ ସେଣି, ୪ଟି ଲୁହା କଟର ମେସିନ ଓ ୨ଟି ଛୋଟ କଟର ସହ ଏକ ଖଣ୍ଡାକୁ ଜବତ କରିଛି। ଜିଲା ପୋଲିସ ଓ ଧର୍ମଶାଳା ପୋଲିସ ମିଳିତ ଚଢାଉ କରି ବିଭିନ୍ନ ଅଂଚଳରୁ ରାଜସ୍ଥାନ ରାଜ୍ୟର ଅଲୱାର ଜିଲା ରାମଗଡ ଥାନା ଆଲୁଆ ଗ୍ରାମର ଇଦୁ ହୋସେନଙ୍କ ପୁଅ ଅସଲମ ହୋସେନ (୩୫), ରାମଗଡ ଥାନା ଗୋହ ଗ୍ରାମର ଦିନ ମହମ୍ମଦଙ୍କ ପୁଅ ସଦାମ ହୋସେନ(୩୦), ରାମଗଡ ଥାନା ଅନ୍ତର୍ଗତ ଜାହୁଆପୁର ଗ୍ରାମର ଦୁଦ ଖାଁନଙ୍କ ପୁଅ ମହମ୍ମଦ ଜାମସେଦ (୩୨), ଆଲୱାର ଥାନା ଅନ୍ତର୍ଗତ ମହ୍ଲଉଦିଆ ଗ୍ରାମର ଓମ୍ ପ୍ରକାଶଙ୍କ ପୁଅ ସୁମିତ କୁମାର ଓରଫ ସୋନୁ (୩୨), ସଲେମପୁର ଥାନା ଅନ୍ତର୍ଗତ କୁଦି ମୀନା ଗ୍ରାମର ମୋରସିଂ ମୀନାଙ୍କ ପୁଅ ଏମପି ମୀନା(୨୩) ଓ ଯାଜପୁର ଜିଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ଦାନଗଦୀ ଅଂଚଳ ତିରିଜଙ୍ଗ ଗ୍ରାମର ଖଲିଲଙ୍କ ପୁଅ ସେକ୍ ଇଦରିସ ଓରଫ ଇଦୁ(୩୬) ଓ ଖୋର୍ଦ୍ଧା ଜିଲା ଖୋର୍ଦ୍ଧା ଥାନା ଅନ୍ତର୍ଗତ ଛତ୍ରମା ଗ୍ରାମର ତ୍ରିନାଥ ପ୍ରଧାନଙ୍କ ପୁଅ ତପନ(୨୮)ଙ୍କୁ ପୋଲିସ ଗିରଫ କରିବାରେ ସଫଳ ପାଇଛି। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଯାଜପୁର ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମୀଳନୀରେ ଯାଜପୁର ରୋଡ ଏସଡିପିଓ ଓ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଉପସ୍ଥିତ ରହିଥିଲେ।

# ଗରିବ ଅସହାୟଙ୍କ ପାଇଁ ସରକାରୀ ଯୋଜନା ପ୍ରହସନ: ପଲିଥିନ ତଳେ ବିତୁଛି ମା' ପୁଅଙ୍କ ଜୀବନ

ମାଲକାନଗିରି,୩/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଗରିବ, ଆଦିବାସୀ ଯୋଜନାରେ ବହୁ ଲୋକ ଉପକୃତ ହେଉଥିବା ଡିଣ୍ଡିମ ପିଟୁଥିବା ବେଳେ ଦୀର୍ଘ ବର୍ଷ ଧରି ଭଙ୍ଗା କୁଡିଆରେ ବସବାସ କରୁଥିବା ବହୁ ଗରିବ ଲୋକ ଏହି ଯୋଜନାରୁ ବଂଚିତ ହେଉଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରି ଯୋଗାଇ ଦେବାର ଥିବାବେଳେ ଏବେ ଜାଗା ମିଶନ ଯୋଜନାରେ ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବାର ଯୋଜନା ଥିବାବେଳେ ଏଥିରୁ ବହୁ ଲୋକ ବର୍ତମାନ ସୁଦ୍ଧା ବଂଚିତ ଅଛନ୍ତି। ଏହା କୌଣସି ଗ୍ରାମାଂଚଳରେ ନୁହେଁ ଖୋଦ ଜିଲ୍ଲା ସଦର ମହକୁମାରେ ଦେଖିବାକୁ ମିଳିଛି। ଜିଲ୍ଲା ସଦର ମହକୁମା ମାଲକାନଗିରି ପୌର ପରିଷଦ ଅଧୀନସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତା କଡରେ ବସବାସ କରୁଥିବା ଏମ.ଲକ୍ଷ୍ମୀ ( ୭୫ ) ନାମକ ବୃଦ୍ଧା ଓ ତାଙ୍କ ପୁଅ ଏମ. ବାଲା ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସଦର ମହକୁମାରେ ବସବାସ କରି ଆସୁଥିଲେ ସୁଦ୍ଧା ସରକାରଙ୍କ ଯୋଜନାରୁ ବଂଚିତ ହୋଇଛନ୍ତି। ତେବେ ଗୋଟିଏ ପଟେ ଏମ . ଲକ୍ଷ୍ମୀ ବୃଦ୍ଧା ହୋଇଥିବା ବେଳେ ପୁଅ ଭିନ୍ନକ୍ଷମ। ଦୁହେଁ ଗୋଟିଏ ଛୋଟ ପଲିଥନ ଘରେ ବସବାସ କରୁଛନ୍ତି। ଯଦିଓ ଏମାନେ କିଛି ସରକାରୀ ଯୋଜନା ପାଉଛନ୍ତି ତାହା କେବଳ ୧୦ କେଜି ଚାଉଳ ଓ ୫୦୦ ଟଙ୍କା ଭତା। ଯେଉଁଥିରେ ଏମାନେ ଚଳିବା ଅତ୍ୟନ୍ତ କଷ୍ଟଦାୟକ। ଏପରି ପରିସ୍ଥିତିରେ ଏହି ଦୁଇଜଣ ଗୋଟିଏ ଓଳି ଖାଇଲେ ଆର ଓଳି ଉପାସରେ ରହିବାକୁ ପଡୁଛି ବୋଲି ବୃଦ୍ଧା ଲକ୍ଷ୍ମୀ ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏଥିରୁ ସ୍ପଷ୍ଟ ବାରି ହେଉଛି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ ସମ୍ପୂର୍ଣ୍ଣ ଫେଲ ମାରିଛି। ଦୀପ ତଳ ଅନ୍ଧାର ପରି ମାଲକାନଗିରି ସଦର ମହକୁମା ପୌର ପରିଷଦ କାର୍ଯ୍ୟାଳୟରୁ ମାତ୍ର ୨୦୦ ମିଟର ଦୂରରେ ଯଦି ଏପରି ପରିସ୍ଥିତି ତେବେ ମାଲକାନଗିରି ସଦର ମହକୁମାର ୧୯ ଟି ୱାର୍ଡରେ ଏହି ଯୋଜନା କିପରି କାର୍ଯ୍ୟକାରୀ ହେଉଛି ତାହା ସହଜେ ଅନୁମେୟ। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଜିଲ୍ଲା ସଦର ମହକୁମାରେ ଥିବା ଏପରି ଗରିବ ଲୋକମାନଙ୍କୁ ଚିହ୍ନଟ କରି ତୁରନ୍ତ ସମସ୍ତ ଯୋଜନାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପାଣିକୋଇଲି ପୁଲିସର ଲଜ ଉପରେ ଚଢାଉ ମାମଲା: ଜଣେ ଗ୍ରାହକ ଅଦାଲତ ଚାଲାଣ

କୋରେଇ,୩/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଲଜ ଉପରେ ପୁଲିସ ବୁଧବାର ସକାଳୁ ଅତର୍କିତ ଚଢାଉ କରିଥିଲା। ଏକ ଗଣ୍ଡଗୋଳ ମାମଲାକୁ ନେଇ ପୁଲିସ ସେଠାରେ ପହଂଚିଥିଲା। ଦେହ ବ୍ୟବସାୟର ଖବର ପାଇ ପୁଲିସ ଚଢାଉ ସମୟରେ ଜଣେ ଦେହଜିବୀ ସହ ଗ୍ରାହକକୁ ଧରି ଥାନାକୁ ଆଣିଥିଲା। ଏହା ପରେ ପୁଲିସ ଅଧିକ ତଦନ୍ତ ନିମନ୍ତେ ଲଜର ଦୁଇ କର୍ମଚାରୀ ସମେତ ମାଲିକକୁ ଥାନାକୁ ଡାକି ତଦନ୍ତ ପରିସରଭୁକ୍ତ କରିଥିଲା। ସନ୍ଧ୍ୟାରେ ବୈଜ୍ଞାନିକ ଟିମ ଦ୍ୱାରା ଥାନାଧିକାରୀ ଚିନ୍ମୟୀ ବେହେରା ଘଟଣାସ୍ଥଳେ ଲଜକୁ ତଦନ୍ତ ଜାରି ପରେ ମାଜିଷ୍ଟ୍ରେଟ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକଙ୍କ ଉପସ୍ଥିତରେ ଲଜକୁ (ଶ୍ରୀ ହରି କଟେଜ)କୁ ସିଲ କରିଥିଲା। ଏନେଇ ଏକ ମାମଲା ୨୦୦/୨୨ ରୁଜୁ କରାଯାଇ ତଦନ୍ତ ପରିସରକୁ ବ୍ୟାପକ କରାଯାଇଥିଲା। ଦେହଜିବୀଙ୍କ ସୂଚନା ମୁତାବକ ପୁଣି ରାତ୍ରୀରେ ଦୁଇ ଜଣଙ୍କୁ ପୁଲିସ ଉଠାଇ ଆଣିବା ସହ ଫୁଲବାଣୀ ଅଂଚଳର ଉକ୍ତ ଦେହଜିବୀକୁ ସ୍ୱାଧାର ଗୃହରେ ଛାଡିଥିଲା। ଲଜରେ ବେଆଇନ କାର୍ଯ୍ୟ ଚାଲୁ ରହିଥିବା ଓ ଲଜ ନିମନ୍ତେ କୌଣସି ଅନୁମତି ନଥିବା ପୁଲିସ ତଦନ୍ତରୁ ଜାଣିଥିଲା। ଏମିତିକି କ୍ରମାଗତ ଭାବେ ବାହାର ଜିଲ୍ଲାରୁ ଝିଅ ମାନଙ୍କୁ ଧରି ଗ୍ରାହକମାନେ ଆସୁଥବା ଘଟଣା ସମ୍ନାକୁ ଆସିଥିଲା। ଫଳରେ ଏହି ମାମଲାରେ ଗୁରୁବାର ୬ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ତଦନ୍ତକୁ ବ୍ୟାପକ କରିଥିଲା। ଆଜି ଅନ୍ୟ ଜଣେ ଗ୍ରାହକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ବାଲିପଶି ଗ୍ରାମର ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ପୁଅ ନବଘନ (୪୫)କୁ ପୁଲିସ ଦଫା ୩୭୦, ୩୭୦(ଏ) (୨) ଆଇପିସି ଓ ୩/୫/୬ପ୍ରିଭେନସନ ଅଫ ଆଇଏମ ମୋରାଲ ଟ୍ରାଫିକ ଆକ୍ଟରେ ଅଦାଲତ ଚାଲାଣ କରିଛି। ଏଥି ସହିତ ଏହି ମାମଲାରେ ପୁଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି।

# ପରିବାର ଅଦାଲତରେ ଦମ୍ପତିଙ୍କ ବୁଝାମଣା

କେନ୍ଦ୍ରାପଡ଼ା,୩/୦୯ (ନି.ପ୍ର): କେନ୍ଦ୍ରାପଡ଼ା ପରିବାର ଅଦାଲତରେ ବିଚ୍ଛେଦ ମାମଲା ଲଢୁଥିବା ଦମ୍ପତିଙ୍କ ମଧ୍ୟରେ ବୁଝାମଣା ହୋଇଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ବ୍ଲକ, କପାଳେଶ୍ୱର ପଂଚାୟତର ଗରୁଆଡ ଗ୍ରାମର ଅର୍ଜ୍ଜୁନ ଦାସଙ୍କ କନ୍ୟା କମଳା ଦାସ ମାର୍ଶାଘାଇ ଥାନା ଅନ୍ତର୍ଗତ ଅଙ୍ଗୁଳାଇ ଗ୍ରାମର ମକର ଭୋଇଙ୍କ ପୁତ୍ର ନାରାୟଣ ଭୋଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମନମାଳିନି ହେବାପରେ କମଳା ନିଜ ବାପଘରେ ଆସି ରହିବାପରେ ପରିବାର ଅଦାଲତରେ ଭରଣ ପୋଷଣ ପାଇଁ ୪୧/୨୦୨୨ରେ ଏକ ମାମଲା ରୁଜୁ କରିଥିଲେ। ପରିବାର ଅଦାଲତ ବିଚାରପତି ବିକାଶ ଚନ୍ଦ୍ର ଦେ କମଳା ଓ ତାଙ୍କ ସ୍ୱାମୀ ନାରାୟଣଙ୍କୁ ବୁଝାସୁଝା କରି ପୁନଃମିଳନ କରାଇ ଏକି ଭଙ୍ଗା ପରିବାରକୁ ଯୋଡ଼ିଥିବା ଜଣାପଡ଼ିଛି। ତେବେ ଉଭୟ ଦମ୍ପତି ଏବଂ କନ୍ୟା ସନ୍ତାନ ନିଜ ଘରକୁ ହସଖୁସିରେ ଯାଇଥିଲେ। ଏହି ମାମଲାକୁ ବରିଷ୍ଠ ଆଇନଜୀବି ବିଚିତ୍ରା ନନ୍ଦ ସାହୁ ପରିଚାଳନା କରୁଥିବାବେଳେ ଆଇନଜୀବି ପ୍ରମୋଦ କୁମାର ନାୟକ ସହଯୋଗ କରିଥିଲେ।

# କେନ୍ଦୁଝରରେ ଜିଲ୍ଲା ତା ବିକାଶ ଯୋଜନାର ପସ୍ତୁତି ବୈଠକ

କେନ୍ଦୁଝର ,୩/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ମିନି କନଫରେନ୍ସ ହଲରେ ଜିଲ୍ଲା ତା ବିକାଶ କମିଟିର ବୈଠକ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ତା ବିକାଶ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ବିଭାଗ ଅଧିନରେ କାର୍ଯ୍ୟକାରୀ ହେଉଥିବା ତା ବିକାଶ କାର୍ଯ୍ୟକ୍ରମର ଉପାଦେୟ ଏବଂ ଉପଯୋଗୀତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ବିଭିନ୍ନ ବିଭାଗରେ ଥିବା ସ୍କିଲ ଗ୍ୟାପ୍ କୁ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଅଣାଯାଇ କିପରି ଏହାର ସଫଳ ରୂପାୟନ ହୋଇପାରିବ ତାହା ଉପରେ ବିଭାଗୀୟ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭିନ୍ନ ବିଭାଗରେ ଥିବା ତା ବିକାଶ କାର୍ଯ୍ୟକ୍ରମକୁ ସଫଳ ଭାବେ ରୂପାୟନ କରିବାକୁ ଏବଂ ସମସ୍ତ ଶିକ୍ଷିତ ଯୁବକ ଯୁବତୀ ମାନଙ୍କର ଅବଗତ କରାଇବା ପାଇଁ ଏକ ଜିଲ୍ଲା ୱେବ ପୋର୍ଟାଲ ଖୋଲିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଯଦ୍ୱାରା ସରକାରଙ୍କ ସମସ୍ତ ତା ବିକାଶ ଯୋଜନା ଲୋକାଭିମୁଖୀ ହେବା ସହ ଫଳପ୍ରଦ ହେବ। ଏବଂ କେତେକ ପ୍ରଶିକ୍ଷାର୍ଥୀ ମାନଙ୍କୁ କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ଭବନେଶ୍ୱର କୁ ସ୍ୱନସର କରାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାର ଆନୁସଙ୍ଗୀକ ଭିତି ଭୂମି ଗଢିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଯୋଡା , ବଡବିଲ ଖଣି ଖାଦାନ ବହୁଳ ଅଂଚଳରେ , ଶିଳ୍ପ ପ୍ରତିଷ୍ଠାରେ ବହୁଳ ନିଯୁକ୍ତି ସୃଷ୍ଟି ସୁଯୋଗ ଥିବା - ମାଇନଂ ମେଟ – ଟ୍ରେଡ କେନ୍ଦୁଝର ଜିଲ୍ଲାର ବଡବିଲ ଶିଳ୍ପ କେନ୍ଦ୍ରରେ ଖୋଲିବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲା ତା ସଂଯୋଜିକା ଇପ୍ସିତା ସାମଲ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ଫଳପ୍ରଦ କାର୍ଯ୍ୟକ୍ରମ ଗୁଡିକ ଉପସ୍ଥାପନ କରିଥିଲେ। ମାହାତ୍ମା ଗାନ୍ଧୀ ନ୍ୟାସନାଲ ଫେଲୋ ପୁଲକ ଚନ୍ଦନ ଜେନା , ତା ବିକାଶ କମିଟି ସମ୍ମୁଖରେ ଜିଲ୍ଲା ତା ବିକାଶ ଯୋଜନା ବିଷୟରେ ବିଷଦ ଆଲୋଚନା କରିବା ସହ ଉକ୍ତ ଯୋଜନାକୁ ଫଳପ୍ରଦ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏ ବଂ ଏହି ଯୋଜନାକୁ ସଠିକ ଢଙ୍ଗରେ ପ୍ରସ୍ତୁତ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ ପଦାଧୀକାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ନାମ ପଞ୍ଜିକରଣ କରିବାକୁ ଦାବି

ଜୟପୁର,୩/୦୯ (ନି.ପ୍ର): ଚାଷୀଙ୍କ ଖାତା ନମ୍ବର ଓ ପ୍ଲଟ ନମ୍ବର ଚୋରି ହୋଇଥିବା ନେଇ କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଘୁମର ପଂଚାୟତର ଚାଷି ମାନେ ଜୟପୁର ଉପ ଜିଲାପାଳ ଙ୍କ ନିକଟରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏନେଇ ଉପ ଜିଲାପାଳ ବେଦ ବର ପ୍ରଧାନଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ସରକାରଙ୍କର ଦ୍ୱାରା କୁନ୍ଦୁରା ଲ୍ୟାମ୍ପସ ଠାରେ ଖରିଫ ଧାନ ବିକ୍ରି ପାଇଁ ସରକାରଙ୍କ ନିକଟରେ ନାମ ପଞ୍ଜିକରଣ ନିମନ୍ତେ ଫର୍ମ ଆବେଦନ କରାଯାଇଥିଲା। ଫର୍ମ ଅବେଦନ କରିବା ସମୟରେ ଫୋନ ନମ୍ବର, ଓଟିପି ନମ୍ବର ମଧ ଦିଆଯାଇଥିଲା। ଏହା ପରେ ମଧ ନାମ ପଞ୍ଜିକରଣ ହୋଇ ନାହିଁ। ଗତ ୨୯.୮.୨୦୨୨ ତାରିଖରେ ଲ୍ୟାମ୍ପସ କୁ ଯାଇ ଚାଷି ମାନେ ପଚାରିବାରୁ ବହୁ କରାଣ ଦର୍ଶାଇ ଥିଲେ। ୧୨ ଜଣ ଚାଷି ଙ୍କ ପଞ୍ଜିକରଣ ହୋଇ ନାହିଁ। ଚାଷି ମାନଙ୍କ ମଧ୍ୟରୁ କାହାର ପାସବୁକ୍ ନାହିଁ, ଜମି ପଟ୍ଟା ନାହିଁ, ମୋବାଇଲ ନମ୍ବର ମିଶୁ ନାହିଁ ବୋଲି ଫର୍ମ କୁ ରିଜେକ୍ଟ କରିଛନ୍ତି। ଏବଂ ଚାଷି ମାନଙ୍କ ଖାତା ନମ୍ବର ଓ ପ୍ଲଟ ନମ୍ବରକୁ ଚୋରି କିର ଅନ୍ୟ ଚାଷିଙ୍କ ନାମ ପଞ୍ଜିକରଣ କରାଯାଇଛି। ତେଣୁ ଚଳିତ ବର୍ଷ ଧାନ ଚାଷ କରିଥିବା ଧାନକୁ କେଉଠି ବିକ୍ରି କରିବୁ ଆଗାମି ଦିନରେ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ। ତେଣୁ ପ୍ରଶାସନ ତୁରନ୍ତ ନାମ ପଞ୍ଜି କରଣ କରିବାକୁ ନବିନା ଗାଧବା, ତ୍ରିଲୋଚନ ଗାଧବା, ଦୁର୍ଯ୍ୟଧନ ହରିଜନ, ସମରା ପାଙ୍ଗୀ ପ୍ରମୁଖ ଦାବି କରିଛନ୍ତି।

# ଅଟୋ ଧକ୍କାରେ କଲେଜ ଛାତ୍ରୀ ଆହତ

ଧର୍ମଶାଳା,୩/୦୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ବ୍ୟାଙ୍କ ଛକ ନିକଟରେ ଆଜି ସାକଳେ ଏକ ଅଟୋ ଧକ୍କାରେ ଜଣେ କଲେଜ ଛାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ଅଟୋକୁ ଅଟକ ରଖିବା ସହିତ ଆହତ ଛାତ୍ରୀଙ୍କୁ ତୁରନ୍ତ ଯାଜପୁର ମେଡ଼ିକାଲକୁ ନେଇଥିଲେ। ତେବେ ତାଙ୍କ ହାତ ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଆଜି ସକାଳେ ବ୍ରହ୍ମବରଦା କଲେଜର ଛାତ୍ରୀ ଜଣକ ସାଇକେଲ ଯୋଗେ ବ୍ୟାଙ୍କ ପଟୁ କଲେଜ ଭିମୁଖେ ଆସୁଥିବା ସମୟରେ ତାଙ୍କ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲେ। ଫଳରେ ଛାତ୍ରୀ ଜଣକ ସାଇକେଲରୁ ତଳେ ଖସି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲକୁ ନେଇଥିଲେ ବୋଲି ଜଣାପଡ଼ିଛି।

# ସ୍ୱାଭିମାନ ଅଞ୍ଚଳରେ ରନ୍ ଅପ୍ ଟୁ ଟିଚର୍ସ ଡେ କାର୍ଯ୍ୟକ୍ରମ ଅବସରରେ ମାରାଥନ ଦୌଡ

ମାଲକାନଗିରି,୩/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମା ସୁରକ୍ଷା ବଳ (ବିଏସଏଫ) ତରଫରୁ ଭାରତର ୭୫ ତମ ସ୍ୱାଧୀନତା ବାର୍ଷିକ ଦିବସ ପାଳନ ଉପଲକ୍ଷେ ୦୨ ସେପ୍ଟେମ୍ବର ୨୦୨୨ ରେ ''ରନ୍ ଅପ୍ ଟୁ ଟିଚର୍ସ ଡ଼େ'' କାର୍ଯ୍ୟକ୍ରମ ଅବସରରେ ମାରାଥନ ଦୌଡ ସ୍ୱାଭିମାନ ଅଞ୍ଚଳ ର ଯୋଡ଼ାମ୍ବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏସଏଫର ସଂଜୟ ଦାସ, ଏସଡିପିଓ ଅଂଶୁମାନ ଦ୍ୱିବେଦୀ,ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ସରପଞ୍ଚ ପିଙ୍କି ହନ୍ତାଳ, ସରପଞ୍ଚ ଅର୍ଜୁନ ହନ୍ତାଳ, ଦେବେନ୍ଦ୍ର ସିଂ, କମ୍ପାନି କମାଣ୍ଡର, ଇନି ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି, ଓଆଇସି ଅନୀଲ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଛାତ୍ରଛାତ୍ରୀ ଏବଂ ଯୁବକଙ୍କ ମଧ୍ୟରେ ୫ କିଲୋମିଟର, ୩ କିଲୋମିଟର, ୨ କିଲୋମିଟର, ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯୁବକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସୀମା ସୁରକ୍ଷା ବଳର ସଂଗଠନ, ଏହାର କାର୍ଯ୍ୟକାରିତା ଏବଂ ଜଣେ ସୀମା ପ୍ରହରୀ ଜୀବନ ବିଷୟରେ ଅବଗତ କରାଇବା। କାର୍ଯ୍ୟକ୍ରମ ମାଧ୍ୟମରେ ଲକ୍ଷ୍ୟ ରଖାଯାଇଛି, ଜାତୀୟ ଏକକୀକରଣ ଏବଂ ଭବିଷ୍ୟତ ବଂଶଧରଙ୍କୁ ମୁଖ୍ୟ ସ୍ରୋତକୁ ଉତ୍ପାଦନକାରୀ ନାଗରିକ ଭାବରେ ପରିଣତ କରିବା। ଏହି ଅବସରରେ ବିଏସ୍ଏଫ୍ କ୍ଷୁଦ୍ର ଅସ୍ତ୍ରଶସ୍ତ୍ର, ହ୍ୟାଣ୍ଡ ଗ୍ରେନେଡ୍ ସମେତ ଆସଲ୍ଟ ରାଇଫଲ୍, ୟୁବିଜିଏଲ୍ (ବ୍ୟାରେଲ୍ ଗ୍ରେନେଡ୍ ଲଞ୍ଚ), ମୋର୍ଟାର, ଏଲ୍ ଏମ୍ ଜି (ହାଲୁକା ମେସିନ୍ ବନ୍ଧୁକ), ଏମ୍ ଏମ୍ ଜି (ମଧ୍ୟମ ମେସିନ୍ ବନ୍ଧୁକ), ଏଚ୍ ଏଚ୍ ଏମ୍ ଡି (ହ୍ୟାଣ୍ଡ-ହେଲ୍ଡ ମେଟାଲ୍ ଡିଟେକ୍ଟର୍ସ) ସହିତ ଥର୍ମାଲ୍ ଇମେଜିଙ୍ଗ୍ ଡିଭାଇସ୍ ଏବଂ ନାଇଟ୍-ଭିଜନ୍ ଉପକରଣ ପ୍ରଦର୍ଶନ କରାଯାଇଥିଲା ! ଏକ ଡଗ୍ ସୋ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଦେଶର ସୁରକ୍ଷା ପାଇଁ ବିଏସ୍ଏଫ୍ କେତେ ପ୍ରତିବଦ୍ଧ ତାହା ଦେଖା ଯାଇଥିଲା ଏବଂ ତାଲିମପ୍ରାପ୍ତ କୁକୁରମାନେ ବିଏସ୍ଏଫ୍ କୁ କିପରି ସହାୟତା କରନ୍ତି ଏହି ବିଷୟରେ ସଚେତନ କରାଯାଇଥିଲା। ଇଭେଣ୍ଟ ପରେ ବିଏସଏଫର ଅଧିକାରୀମାନେ ସ୍ଥାନୀୟ ଛାତ୍ର ଛାତ୍ରୀ ଏବଂ ଯୁବକମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଦେଶର ସୁରକ୍ଷା କ୍ଷେତ୍ରରେ ସଶସ୍ତ୍ର ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ବିଏସଏଫରେ ମହିଳାଙ୍କ ପାଇଁ ଉପଲବ୍ଧ ସୁଯୋଗ, ଅନ୍ତର୍ଜାତୀୟ ସୀମାରେ ସେମାନଙ୍କର ଭୂମିକା ଏବଂ ନିୟୋଜନ ଉପରେ ଅବଗତ କରିଥିଲେ।

# ଏକ ହଜାରରୁ ଉର୍ଦ୍ଧ୍ୱ ଦଣ୍ଡସେନା ପରିବାରର ନୂଆଖାଇ

ନୂଆପଡା,୩/୦୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଦଣ୍ଡସେନା ପରିବାରର ଓଡ଼ିଶା ପ୍ରସିଦ୍ଧ ନୂଆଖାଇ ପର୍ବ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ପରିବାର ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭର କରୁଥିବା ବେଳେ କୃଷିଭିତିକ ପର୍ବ ନୂଆଖାଇକୁ ମହାସମାରୋହରେ ପାଳନ କରନ୍ତି। ନେହେନା ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବା ବେଳେ ଏହାର ଏକ ହଜାରରୁ ଅଧିକ ସଦସ୍ୟ ଦୀର୍ଘ ବର୍ଷ ଧରି ଏକତ୍ର ନୂଆଖାଇ ପର୍ବ ପାଳନ କରି ଆସୁଛନ୍ତି। ବିଗତ ଦୁଇ ବର୍ଷ କରୋନା ମହାମାରୀ ଯୋଗୁ ବନ୍ଦ ରହିଥିଲା। ଚଳିତ ୨୦୨୨ ମସିହାରେ ପରିବାରର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଖାଇ ପର୍ବ ପାଳନ କରି ଏକତା ଓ ଭାଇଚାରାର ନିଦର୍ଶନ ଦେଇଛନ୍ତି। ପ୍ରଥମେ ପରିବାରର ଇଷ୍ଟ ମା ମଙ୍ଗଳାଙ୍କୁ ନୂଆ ଅର୍ପଣ କରିବା ପରେ ସମସ୍ତ ଦେବାଦେବୀଙ୍କୁ ଅର୍ପଣ କରି ନୂଆ ଖାଇଥିଲେ। ନୂଆଖାଇ ସାରିବା ପରେ ନୂଆଖାଇ ଭେଟ କାର୍ଯ୍ୟକ୍ରମରେ ଜ୍ୟେଷ୍ଠ ମାନଙ୍କୁ ନୂଆଖାଇ ଜୁହାର କରି ଆଶୀର୍ବାଦ ନେଇଥିଲେ। ଚଳିତ ବର୍ଷ ପାଇଁ ସାମୁହିକ ନୂଆଖାଇ ପର୍ବ ସ୍ୱର୍ଗତ ପିତାମ୍ବର ଦଣ୍ଡସେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଇଥିଲା। ଏହାର ସମସ୍ତ ଖର୍ଚ୍ଚ ତାଙ୍କର ଦୁଇ ପୁଅ ବିକ୍ରମ ସିଂ ଦଣ୍ଡସେନା ଓ ବିରେନ୍ଦ୍ର ସିଂ ଦଣ୍ଡସେନା ବହନ କରିଥିଲେ। ଏହି ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବା ବେଳେ ଏହି ପରିବାରର ଅନେକ ସଦସ୍ୟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ନୂଆଖାଇରେ ସାମିଲ ହୋଇଥିଲେ। ନୂଆଖାଇ ପ୍ରସ୍ତୁତିରେ ଯୁବ ଗୋଷ୍ଠି ପ୍ରମୁଖ ଭୂମିକା ନିଭାଉ ଥିବାବେଳେ ବରିଷ୍ଠ ମାନେ କଣ କରାଯିବ ସେନେଇ ଦିଗଦର୍ଶନ ଦେଉଥିଲେ। ଚଳିତ ବର୍ଷ ନୂଆଖାଇରେ ଦିନ ବେଳେ ଛାତ୍ରଛାତ୍ରୀ ଓ ମହିଳା ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ପରିବାରର ସଦସ୍ୟ ମାନେ ଭାଗ ନେଇଥିଲେ। ଏଥିରେ ଦଣ୍ଡସେନା, ବିରେନ୍ଦ୍ର ଦଣ୍ଡସେନା, ସାରଙ୍ଗ ପାଣି, ରାଜୁ, ଯୁଗଲ, ଆଶୁତୋଷ, ବିଶ୍ୱରଞ୍ଜନ, ସଞ୍ଜୀବ, ଘେନୁରାମ ଓ ପରିବାରର ଅନ୍ୟ ସଦସ୍ୟ ମାନେ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ।

# ଜିଲ୍ଲାପାଳ ଆରକ୍ଷୀ ଅଧିକ୍ଷକଙ୍କ ସେପ୍ଟେମ୍ବର ମାସ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ

ବଲାଙ୍ଗିର ,୩/୦୯ (ନି.ପ୍ର): ସେପଟ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ତଦନୁସାରେ ସେପ୍ଟେମ୍ବର ମାସ ପ୍ରଥମ ସୋମବାର ତା. ୦୫/୦୯/୨୦୨୨ ରିଖ ପୂର୍ବାହ୍ନ ଘ: ୧୦ଟା ୩୦ ମିନିଟ ସମୟରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ, ଦ୍ୱିତୀୟ ସୋମବାର ତା ୧୨/୦୯/୨୦୨୨ରିଖ ଦିନ ସଇଁତଳା ବ୍ଲକ କାର୍ଯ୍ୟାଳୟଠାରେ, ତୃତୀୟ ସୋମବାର ତା ୧୯/୦୯/୨୦୨୨ରିଖ ଦିନ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟଠାରେ ଓ ଚତୁର୍ଥ ସୋମବାର ତା.୨୬/୦୯/୨୦୨୨ରିଖ ଦିନ ଆଗଲପୁର ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସଂପୃକ୍ତ ଅଞ୍ଚଳର ଜନ ସାଧାରଣ ସେମାନଙ୍କ ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟାମୂଳକ ଅଭିଯୋଗ ଜଣାଇପାରିବେ।

# ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଠିକ୍‌ରୂପେ କାର୍ଯ୍ୟକାରି ହେଉ

ଜୟପୁର,୩/୦୯ (ନି.ପ୍ର): ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକର ସଠିକ ରୁପେ କାଯ୍ୟକାରି କରିବାକୁ ଦାବୀ ହୋଇଛି। ଏନେଇ ଜୟପୁର ବ୍ଲକ ପୁଜାରିପୁଟ ଗ୍ରାମ ପଂଚାୟତର ଗ୍ରାମବାସୀ ପଂଚାୟତ ନିବାହୀ ଅଧିକାରି ପ୍ରଶାନ୍ତ କୁମାର ମିଶ୍ର ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଜନସାଧାରଣଙ୍କ ପାଇଁ ବିଭିନ୍ନ ଉନ୍ନୟନ ମୁଳକ ଯୋଜନା କରିଛନ୍ତି। କିନ୍ତୁ ପୁଜାରିପିଟ ଗ୍ରାମରେ ବହୁ ଜନ କଲ୍ୟାଣ ଯୋଜନା କାଯ୍ୟକାରି ହୋଇ ପାରୁ ନାହିଁ। ଯାହା ପଳରେ ସରକାରଙ୍କୁ ଟିକସ ଦେଉଥିବା ଜଣେ ଗିରିବ ନାଗରିକ ତାର ପ୍ରକୃତ ସାମ୍ବାଧାନିକ ଅଧିକାର ଏବଂ ସୁବିଧାରୁ ବଞ୍ଚିତ ହୋଇଅଛି। ପଂଚାୟତରେ ହରିଶ୍ଚନ୍ଦ୍ର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଥିବା ହିତାଧିକାରି ମାନଙ୍କ ନାମ ସାବଜନୀନ କରିବା ଷ୍ଟିଟ ଲାଇଟ ସମସ୍ୟାର ସମାଧାନ କରିବା, ପାନୀୟ ଜଳ ସମସ୍ୟାର ସମାଧାନ କରିବା, ଏମଏନଆରଇଜିଏ କାମ ସମ୍ପୁର୍ଣ୍ଣ କରିବା ଆଦି ଦାବି ରହିଛି। ଏହି ଦାବି ପତ୍ର ପ୍ରଦାନ ସମୟରେ ତାରିଣି ଚରଣ ପାଢୀ, ଖ୍ରୀଷ୍ଟ ପ୍ରେମ ବାଘ, ଶବ ପେଣ୍ଡିଆ, ରାଧା କୃଷ୍ଣ ଗଣ୍ଡ, ମଙ୍ଗଳଦାନ ବାଘ, ଇଶ୍ୱର ଦାନ ବାଘ, ହରିଶ୍ଚ ଚନ୍ଦ୍ର ଗଣ୍ଡ ଦିବାକର ଗଣ୍ଡ ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଛନ୍ତି।

## ଧାରାବାହିକ : ଜୀବନାନୁଭୂତି

ଭାଗ-୯୦

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେମାନଙ୍କ ସଙ୍ଗକୁ ଶିଶୁ ପୂର୍ଣ୍ଣିମା ତାହାର ଦରୋଟି କଥା ସହିତ ନୈସର୍ଗିକ ସଙ୍ଗୀତ ପ୍ରତିଭାରେ ଦର୍ଶକମଣ୍ଡଳୀଙ୍କୁ ମୁଗଧ କରୁଥାଏ । ଝିଅମାନଙ୍କ କୃତିତ୍ୱରେ ଲୋକେ କ୍ରମେ ଏତେ ସନ୍ତୁଷ୍ଟ ହୋଇଥିଲେ ଯେ କଟକରେ ଅବସ୍ଥିତ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସଂଟରକୁ ଓ । ବକ୍ସିବଜାରର ହଲମୁକ୍ ସିନେମାକୁ ଗଲେ ଟିକଟର ମୂଲ୍ୟ ଯାଚିଲେ ସୁଦ୍ଧା ନେଉ ନଥାନ୍ତି । ପୂର୍ଣ୍ଣିମା ଇହଧାମ ତ୍ୟାଗ କରିବାର ଆଜିକୁ ୨୦ ବର୍ଷ ହେଲା । ପୁରାତନ କାଗଜପତ୍ର ଫିଟାଇ ତାହା ସମ୍ବନ୍ଧରେ ପ୍ରକାଶିତ ମନ୍ତବ୍ୟ ମାନ ପାଠକରି ନିରବରେ ଅଶୃତ୍ୟାଗ କରିବାକୁ ସୁଖ ଲାଗେ। ସେତେବେଳେ ସେ ମୋ' କ୍ରୋଡ଼ରେ ବସିଥିବା ଅନୁଭବ କରେ । ତାହାର ଶିଶୁକଣ୍ଠର ଲଳିତ ମଧୁର ସଙ୍ଗୀତ କଣ୍ଠ କୁହରରେ ଧ୍ୱନିତ ହେଉଥାଏ । ଦିନେ ତା.୨.୧.୧୯୩୬ର ସମାଜ ଫିଟାଇ ଦେଖିଲି, "୩ ବର୍ଷର ବାଳିକା କୁମାରୀ ପୂର୍ଣ୍ଣିମା' ଶୀର୍ଷକ ଲେଖାଟି – "ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଭାରତଚନ୍ଦ୍ର ନାୟକଙ୍କ ତିନିବର୍ଷର କନ୍ୟା କୁମାରୀ ପୂର୍ଣ୍ଣିମାର ଗଳା ଉତ୍କଳ ସଙ୍ଗୀତ ସମ୍ମିଳନୀରେ ଅତି ଲଳିତ ସ୍ୱରରେ ତାଳୟ ସହିତ ସଙ୍ଗୀତ ଗାନକରି ବିଶେଷ କୃତିତ୍ୱ ଦେଖାଇଅଛି । ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତି ଏ ଶିଶୁର ଗାନରେ ମୁଗଧହୋଇ ଗୋଟିଏ ଏସ୍ୱରାଜ ପୁରସ୍କାର ଦେଇଛନ୍ତି । କଲିକତା ସଙ୍ଗୀତ ସମାଜ ତରଫରୁ ଗୋଟିଏ ମଡ଼େଲ ଓ ଶ୍ରୀଯୁକ୍ତ ପ୍ରାଣବନ୍ଧୁ କର ଗୋଟିଏ ମେଡ଼ାଲ୍ ଦେଇଛନ୍ତି । କୁମାରୀ ପୂର୍ଣ୍ଣିମାଙ୍କର ପୂର୍ବ ଜନ୍ମ ସଂସ୍କାରରୁ ସଙ୍ଗୀତ ବିଦ୍ୟାରେ ଅନ୍ତର୍ନିହିତ ପ୍ରତିଭା ଥିବାର ଜଣାଯାଏ । କାରଣ ଦେଢ଼ବର୍ଷ ବୟସରେ ପାଟି ଫିଟିବା ଦିନଠାରୁ ସେ କୌଣସି ଗାନ ଥରେ ଶୁଣିଲା ମାତ୍ରେ ତାହାକୁ ଅବିକଳ ଭାବରେ ଗାନ କରିପାରୁଛି, ସେ ଶୁଣି ଶୁଣି ଯାହା ଶିଖିଛି, କେହି କେବେ ଉଦ୍ୟମ କରି ତାକୁ ଏ ପର୍ଯ୍ୟନ୍ତ ଶିଖାଇ ନାହିଁ । ଏହି ଲେଖା ସଙ୍ଗେ ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତିଙ୍କ ପ୍ରଦତ୍ତ ଏସ୍ୱରାଜ୍ ଓ କଲିକତା ସଙ୍ଗୀତ ସମାଜ ଓ ଶ୍ରୀଯୁକ୍ତ ପ୍ରାଣବନ୍ଧୁ କରଙ୍କ ମେଡ଼ାଲ ଦ୍ୱୟ ପୂର୍ଣ୍ଣିମାର ଛବି ସହିତ ପ୍ରକାଶିତ ହୋଇଥିଲା । ଆଜିଯାଏ ଏସବୁ ମୁଁ ଯତ୍ନ ସହକାରେ ରଖିଅଛି ଓ ଏହା ମଧ୍ୟରେ ପୂର୍ଣ୍ଣିମାର ପ୍ରତିମୂର୍ତ୍ତି ଦେଖୁଅଛି। ପୁଣି ୧୯୩୬ ଉତ୍କଳ ସାହିତ୍ୟର ବୈଶାଖ ସଂଖ୍ୟାରେ ସ୍ୱର୍ଗୀୟ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷ ପାଇଁ ସଫର' ଶୀର୍ଷକ ପ୍ରବନ୍ଧ ଦିନେ ମୋ ଦୃଷ୍ଟିରେ ପଡ଼ିଲା। ତହିଁରେ ଲେଖାଅଛି, ମୁଁ ତା.୧୨.୪.୩୬ ସକାଳେ କଟକରୁ ତାଳଚେର ଟ୍ରେନ୍‌ରେ ମେରାମୁଣ୍ଡଳିକୁ ଆସି ସେଠାରୁ ସର୍ଭିସ୍ ଲରୀରେ ଅନୁଗୁଳ ବାଟେ ସମ୍ବଲପୁର ଆସିଲି, କଟକର ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଭାରତ ଚନ୍ଦ୍ର ନାୟକ, ତାଙ୍କ ସହଧର୍ମିଣୀ ଓ ୪ବର୍ଷ ବୟସ୍କା ସହଜ ସଙ୍ଗୀତ ପ୍ରବୀଣା କନ୍ୟା ଓ ସ୍ତନନ୍ଧୟୀ କନ୍ୟା ମଧ କଟକରୁ ସେହି ଟ୍ରେନ୍‌ରେ ଯାଉଥିଲେ । ଭାରତବାବୁ ଅନୁଗୁଳଠାରୁ ବିଦାୟ ନେଇ ରହିଲେ ଓ ତାଙ୍କ ସହଧର୍ମିଣୀ ଓ ପିଲାଦୁଇଟିଙ୍କ ସାଙ୍ଗ ମୁଁ ସମ୍ବଲପୁର ଅଭିମୁଖରେ ଚାଲିଲି । ଭାରତବାବୁଙ୍କ ୪ବର୍ଷ ବୟସ୍କା। କନ୍ୟାଟି ପୂର୍ବଜନ୍ମ ସଂସ୍କାର ଫଳରେ କବିସୂର୍ଯ୍ୟଙ୍କ ଚମ୍ପୂ ଓ ଅନ୍ୟାନ୍ୟ ସଙ୍ଗୀତମାନ ତାଳ ମାନ ସହିତ ଗାଇପାରେ । ଏହା କଟକରେ ଗତ ସଙ୍ଗୀତ ସମେଳନରେ ଉପସ୍ଥିତ ଶତ ଶତ ସ୍ରୋତା ନିଜେ ଶୁଣିଅଛନ୍ତି । ଆଜି ସେ କନ୍ୟାଟିକୁ କ୍ରୋଡ଼ରେ ପାଇ ମୁଁ ନିଜକୁ ଭାଗ୍ୟବାନ୍ ମନେକଲି, ତେ'ଷଠି ବର୍ଷ ବୟସରେ ମୋତେ ଭାଷାକୋଷ ଗୋଟାଏ ଆଡକୁ ଟାଣି ଧରୁଛି; ଯମ ଦେବତା ଆଉ ଗୋଟାଏ ଆଡ଼କୁ ଆଖିଠାର ମାରୁଛନ୍ତି । ବୟସ ଦୃଷ୍ଟିରେ ଦେଖିବାକୁ ଗଲେ ଭାରତ ବାବୁ ଓ ତାଙ୍କ ସହଧର୍ମିଣୀ ମୋର ଅପତ୍ୟ ସ୍ଥାନୀୟ ଓ ତାଙ୍କ ପିଲା ଝିଅଟି ମୋର ନପ୍ତ୍ରୀ ସ୍ଥାନୀୟା ବୈଶାଖ ମାସର ଝାଞ୍ଜପିଟା ଖରା। ସର୍ଭିସ୍ ଲରୀରେ ଯାତ୍ରୀ ଭିଡ଼ ଓ ସନ୍ଧ୍ୟାବେଳକୁ ମଜଲିମୁଣ୍ଡ ଧରିବା ଚିନ୍ତା । ବାସ୍ତବ ଜଗତରେ ଏ କଠୋର ଅନୁଭୂତି କଳ୍ପନାଜଗତର ମଧୁର ମନୋହର ଛବିକୁ ବୁଡ଼ାଇବାକୁ ଚେଷ୍ଟା କରୁଥିଲେ ମଧ ଭାରତ ବାବୁଙ୍କ ଝିଅଟି ମୋ' କୋଳରେ ବସି ପ୍ରଥମେ ମାତ୍ରାଦେଶ ଅନୁସାରେ ଓ ପରେ ମାତ୍ରାଦେଶକୁ ଅପେକ୍ଷା ନକରି ମହାଦେଶ ଅନୁସାରେ ଗୋଟିଏ ଗୋଟିଏ ଗୀତ ଗାଇଲା ଓ ଲରୀ ଚାଲିଲା । କବିସୂର୍ଯ୍ୟଙ୍କ 'ନୂଆ ନଟପଟଳୀମୁକୁଟ ହେ, ଗୀତ - ଆରେ ମୋ ବାଇଆ ରଜା ଦେ ମୋତେ ବାଇଆ କରି' ଗୀତଗୁଡ଼ିକ ତାଳମାନ ମୁତାବକ ପିଲାର ଦରୋଟି ମୁହଁରୁ ଶୁଣି ଲରୀରେ ଥିବା ସମସ୍ତେ ଆନନ୍ଦରେ ବିଭୋର ହୋଇଗଲୁ ।" । ପୂର୍ଣ୍ଣିମାର ରୂପଟି ଆଜି ମୋ ଆଖି ଆଗରେ ନାଚୁଛି । ତା'ର ସୁ ତିଜନିତ ଅଶ୍ରୁତର୍ପଣରେ ମୁଁ ହୃଦୟରେ ଶାନ୍ତି ଅନୁଭବ କରୁଅଛି ।

ଏପରି ପରମ ସୁଖରେ ଝିଅମାନଙ୍କ ସହିତ ମୋ ଜୀବନ ଅତିବାହିତ ହୋଇଯାଉଥାଏ । ଏପରି ସୁଖମୟ ସମୟ ମୋ ଜୀବନରେ କେବେ ଘଟିନଥିଲା । କଟକରେ ରହି ମୁଁ କ୍ରମେ କ୍ରମେ ଅନୁଭବ କଲି ମୋ' ପ୍ରତି ସମସ୍ତେ ସଦୟ ଓ ମୋର କାର୍ଯ୍ୟ ଏବଂ ବ୍ୟବହାରରେ କେହି ଅସନ୍ତୁଷ୍ଟ ନାହାଁନ୍ତି । ମୋ ଝିଅମାନଙ୍କ କୃତିତ୍ୱରେ ପ୍ରଶଂସାର ଭାଗ ମୋତେ ଦେଉଅଛନ୍ତି । ୨୫ ବର୍ଷ ତଳର କଥା । ବ୍ରାହ୍ମଣ ଝିଅଙ୍କ ମଧ୍ୟରେ ମୋ ଝିଅ ସଷମା ପ୍ରଥମେ ମେଟ୍ରିକୁଲେଶନ ପାସକରା ଛାତ୍ରୀ । କଟକର ଖବର କାଗଜମାନଙ୍କରେ ଏହି ସମ୍ବାଦ ପ୍ରଚାରିତ ହୋଇଗଲା । ସେତେବେଳେ ଆଜିକାଲି ପରି ଏତେ ସଂଖ୍ୟାରେ ଝିଅମାନେ ପାଠ ପଢୁନଥିଲେ। ଝିଅମାନଙ୍କ ପାଠ ପ୍ରତି ଅଭିଭାବକମାନଙ୍କ ମନ ଆକର୍ଷଣ କରିବା ଶିକ୍ଷୟିତ୍ରୀମାନଙ୍କ ଏକ ପ୍ରଧାନ କର୍ତ୍ତବ୍ୟ ହୋଇଥିଲା । ଏହି କାରଣରୁ ରେଭେନ୍ସା ବାଳିକା ସ୍କୁଲର ପୁରସ୍କାର ବିତରଣ ଉତ୍ସବରେ ଅଭିଭାବକମାନଙ୍କୁ ନିମନ୍ତ୍ରଣ ହେଉଥିଲା ଏବଂ ଏହି ସମୟରେ ବାଳିକାମାନଙ୍କ ସଙ୍ଗୀତ, ନୃତ୍ୟ ପ୍ରଭୃତିରେ କୃତିତ୍ୱ ଦର୍ଶନକରି ବାସ୍ତବରେ ସେମାନଙ୍କ ମନୋଭାବ ସ୍ତ୍ରୀ ଶିକ୍ଷା ପ୍ରତି ପରିବର୍ତ୍ତିତ ହେଉଥିଲା । କାଳର ପ୍ରଭାବକୁ କିଏ ଲଂଘନ କରିପାରେ ? ସମୟ ଥିଲା, ଘର ଘର ଯାଇ ଝିଅମାନଙ୍କୁ ସ୍କୁଲକୁ ପଠାଇବା ସକାଶେ ଅଭିଭାବକମାନଙ୍କୁ କେତେ ବୁଝାଇବାକୁ ହେଉଥିଲା । ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ସୁଦ୍ଧା ଝିଅଙ୍କୁ ସ୍କୁଲକୁ ପଠାଇବାକୁ କୁଣ୍ଠିତ ହେଉଥିଲେ । ଆଜି ସେହି ମନୋଭାବ ବଦଳି ଯାଇଅଛି । ବିଶିଷ୍ଟ ପରିବାର ମଧ୍ୟରେ ଆଜି ପୁଅ ସହିତ ଝିଅର ଶିକ୍ଷା ଅତ୍ୟନ୍ତ ଆବଶ୍ୟକ ମନେହେଉଛି । ଆଜି ସ୍କୁଲ କଲେଜରେ ସ୍ଥାନ ମିଳୁନାହିଁ । ସ୍ଥାନ ଅଭାବରେ ଅନେକ ଝିଅଙ୍କୁ ଫେରିଯିବାକୁ ହେଉଅଛି । ସମଗ୍ର ଓଡ଼ିଶାରେ ପୂର୍ବେ ଝିଅମାନଙ୍କ ଉଚ୍ଚଶିକ୍ଷା ସକାଶେ ଥିଲା ଏକମାତ୍ର ରେଭେନ୍ସା ବାଳିକା ସ୍କୁଲ । ଆଜିକାଲି ପ୍ରାୟ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ବାଳିକା ହାଇସ୍କୁଲ ଓ ସେଠାରେ ମଧ ଛାତ୍ରୀସଂଖ୍ୟା ଏତେ ହେଉଅଛି ଯେ ଅନେକ ସମୟରେ କେତେକଙ୍କୁ ସ୍ଥାନ ମିଳୁନଥିବାରୁ ସେମାନଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବାକୁ ହେଉଅଛି । ମଫସଲରେ ସୁଦ୍ଧା ବାଳିକାମାନଙ୍କ ଉଚ୍ଚଶିକ୍ଷା ସକାଶେ ସରକାରଙ୍କ ପାଖରେ ଲୋକେ ଦାବି ଉପସ୍ଥାପିତ କଲେଣି । ସ୍କୁଲ ଓ କଲେଜରେ ବାଳକମାନଙ୍କ ସହିତ ବାଳିକାମାନଙ୍କ ସହ ଶିକ୍ଷା ଅବାଧରେ ଚାଲିଛି । ରକ୍ଷଣଶୀଳ ଲୋକେ ସୁଦ୍ଧା ନିଜ ନିଜ ଝିଅଙ୍କୁ ଉଚ୍ଚଶିକ୍ଷାରୁ ନିବୃତ୍ତ କରିପାରୁନାହାଁନ୍ତି । ଓଡ଼ିଶା ମଧ୍ୟରେ ସମ୍ବଲପୁର ଅପେକ୍ଷାକୃତ ଏକ ଅନୁନ୍ନତ ସ୍ଥାନ ହେଲେହେଁ ଏଠାରେ ଅତିଶୀଘ୍ର ଏକ ମହିଳା କଲେଜ ସ୍ଥାପନର ଦାବି ହୋଇଥିଲା । ଏବଂ ୧୯୫୮ ସାଲର ସ୍ଥାନୀୟ ଉଚ୍ଚ ବାଳିକା ବିଦ୍ୟାଳୟର ପୁରସ୍କାର ବିତରଣୀ ସଭାରେ ଉତ୍କଳର ତଦାନୀନ୍ତନ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ସରକାରଙ୍କ ପକ୍ଷରୁ ଏହି ଦାବି ଗ୍ରହଣ କରିଥିବା ଘୋଷଣା କରିବା ଫଳରେ ୧୯୫୯ ମସିହାରେ ମହିଳା କଲେଜ ସ୍ଥାପିତ ହେଲା ଓ ତହିଁରେ ସମ୍ବଲପୁରର ତିନିଜଣ ଝିଅ, ମୋ ଝିଅ ଶ୍ୟାମା ଓ ଅନ୍ୟ ଝିଅ ଶରତକୁମାରୀ ଓ ସୁଖଲତା ଯଥାକ୍ରମେ ସଂସ୍କୃତ ଓ ଓଡ଼ିଆ ସାହିତ୍ୟ ଓ ଇତିହାସରେ ଅଧ୍ୟାପିକା ହୋଇଅଛନ୍ତି । ବଲାଙ୍ଗୀର ପରି ଆଉ କେତେ ସ୍ଥାନରେ ମଧ ମହିଳା କଲେଜ ସ୍ଥାପିତ ହେଲାଣି । ଯେଉଁ ରକ୍ଷଣଶୀଳ ଲୋକେ ଦେଶ ଓ ସମାଜର ଏହି ପରିସ୍ଥିତିକୁ ଅଶୁଭ ସୂଚକ ବୋଲି ମନେକରି ସ୍ତ୍ରୀ ଶିକ୍ଷା ପ୍ରସାରରେ ଅନ୍ତରାୟ ସୃଷ୍ଟି କରୁଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଆଉ ନାହାଁନ୍ତି । ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଅଛନ୍ତି, କାଳର ପ୍ରଭାବରେ ସେମାନେ ଆଜି ନିରବ। ପୁଣି କେତେକଙ୍କ ମନୋଭାବରେ ମଧ ଘୋର ପରିବର୍ତ୍ତନ ଘଟିଅଛି ।' (କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ- ୬୫

### ॥ ୨୦୧୬ର ଯାତ୍ରା (୩) ॥

(ବାଇ ବାଇ ଦୁବାଇ)

ଝିଅଟା ବିଗିଡ଼ିଗଲାର ଅନ୍ୟ ଗୀତଗୁଡ଼ିକ ଚମତ୍କାର ଥିଲା । ବିଶେଷ କରି 'ହଳଦୀ ଗିନା' ଗୀତରେ ଦର୍ଶକମାନେ ପ୍ରେକ୍ଷାଳୟରେ ଚିତ୍କାର କରି ତାଳି ମାରୁଥିଲେ । ଗୀତ ପିକ୍‌ଚରାଇଜେସନ୍ ମଧ ଉଚ୍ଚକୋଟୀର ଥିଲା । ଏବେବି ପ୍ରତ୍ୟେକ ଗୀତ ପପୁଲାର । ଗାଆଁରୁ ରୁଦ୍ର ଓ ଏଲିନାଙ୍କ ଦୁଷ୍ଟାମୀ ଯୋଗୁ ଉଭୟେ ସହରକୁ ଲୁଚ ଚାଲି ଆସନ୍ତି । ଠିକ ବାବୁସାନ୍ ହାବୁଡ଼ରେ ପଡ଼ି ସର୍ବସ୍ୱାନ୍ତ ହୁଅନ୍ତି । ଏକ ମର୍ଡର କେଶ୍‌ରେ ଫସିଯାଏ ସରଳ ରୁଦ୍ର । ନାୟିକା ଏଲିନା ଅସହାୟ ହୋଇପଡ଼େ । ବିଭିନ୍ନ କୁଚକ୍ରାନ୍ତର ଶିକାର ହୁଏ । ଠକ ବାବୁସାନ୍‌କୁ ଖୋଜେ । ଜେଲରୁ ମୁକୁଳି ରୁଦ୍ର ପୋଲିସ ଇନିସ୍‌ପେକ୍ଟର ଜିନା ସାମଲ ପାଖରେ ରୁହେ ଓ ତାକୁ ଭଲ ପାଇବସେ ।

ପରିଶେଷରେ ବାବୁସାନ୍ କ୍ଲାଇମାକ୍ସରେ ପହଞ୍ଚେ ଓ ଏଲିନାକୁ ଜୀବନସାଥି ଭାବରେ ଗ୍ରହଣ କରିନିଏ । ପ୍ରତ୍ୟେକ କଳାକାର ଏଥିରେ ବହୁତ ଭଲ ଅଭିନୟ କରିଥିଲେ ।

ଏଡିଟିଂ କରିଥିଲେ ସୁକୁମାର ମଣି । ବିନିବାବୁ ଜିଦ୍ ଧରିଲେ ଗୋଟିଏ ଗୀତକୁ କ୍ଲାଇମାକ୍ସ ପରେ ଦେବା ପାଇଁ । ସେତେବେଳେ ଶାହରୁଖ୍ ଏଇ ଟ୍ରେଣ୍ଡର ସୃଷ୍ଟି କରିଥିଲେ । ମାତ୍ର ଓଡ଼ିଆ ଚଳଚ୍ଚିତ୍ରରେ କେତେଦୂର ଏହା ସଫଳ ହେବ ମୁଁ ଆଶଙ୍କାରେ ଥିଲି । ତା'ଛଡ଼ା ଏଡ଼େ ସୁନ୍ଦର ଗୀତଟା ନଷ୍ଟ ହୋଇଯାଇ ପାରେ ବୋଲି ମୋର ଧାରଣା ହେଲା । ବିନିବାବୁ ମଧ ତାଙ୍କ ପୂର୍ବ ଆଲ୍‌ବମ୍ ଗୀତଟିଏ ଯୋଗ କରିବାକୁ ଚାହିଁଲେ । ଆମେମାନେ ସମସ୍ତେ ବିଜୟଙ୍କ ଷ୍ଟୁଡିଓରେ ବସି ଆଲୋଚନା କଲୁ । ପାଖାପାଖି ଦୁଇଟି ଗୀତ ସଂଯୋଜିତ ହେଲେ ଅସୁନ୍ଦର ହେବ ବୋଲି ଉଭୟ ଏଡିଟର ଓ ନିର୍ଦ୍ଦେଶକ ଜିଦ୍ ଧରିଲେ । ମାତ୍ର ମୋର ଯୁକ୍ତି ଥିଲା ଗୀତଗୁଡ଼ିକ ମଧ୍ୟରେ କେତେ ସମୟର ବ୍ୟବଧାନ ରହିବ ଏ ସଂପର୍କରେ କୌଣସି ବିଧିବଦ୍ଧ ଗ୍ରାମର୍ ନାହିଁ । ମୋ ଯୁକ୍ତିକୁ ସମସ୍ତେ ମାନିନେଲେ । ଚଳଚ୍ଚିତ୍ରଟି ମୁକ୍ତିଲାଭ ପରେ ସମସ୍ତେ ଅନୁଭବ କଲେ ଆମ ନିଷ୍ପତ୍ତି ଠିକ୍ ଥିଲା । ପ୍ରଶଂସାର ସୁଅ ଅଜାଡ଼ି ହୋଇ ପଡ଼ିଲା ଆମ ଟିମ୍ ଉପରେ । ଦର୍ଶକମାନେ ବେଶ୍ ଉପଭୋଗ କଲେ ଚଳଚ୍ଚିତ୍ରଟିକୁ । ମୋ ନିଜ ଚିତ୍ରନାଟ୍ୟ ରଚନା ଉପରେ ଭରସା ଆସିଗଲା । ସଂପୂର୍ଣ୍ଣ ମୌଳିକ କାହାଣୀ ଉପରେ ନବାଗତ ନିର୍ଦ୍ଦେଶକଙ୍କୁ ନେଇ ଚଳଚ୍ଚିତ୍ର ଯେ ହିଟ୍ ସାବ୍ୟସ୍ତ ହୋଇପାରେ ଏହା ଆମେ ପ୍ରମାଣ କରି ଦେଖାଇ ଦେଲୁ । କାର୍ଯ୍ୟକାରୀ ନିର୍ଦ୍ଦେଶକ ଅଶ୍ୱିନୀଙ୍କର କାର୍ଯ୍ୟଶୈଳୀକୁ ସମସ୍ତେ ପସନ୍ଦ କରିଥିଲେ ।

ଏ ଚଳଚ୍ଚିତ୍ରର ପ୍ରିମିୟର କଟକ ସମ୍ରାଟ ଟକିଜ୍‌ରେ ୨୦୧୬ ଜୁଲାଇ ୧୪ ତାରିଖରେ ହୋଇଥିଲା । ପ୍ରଥମଥର ପାଇଁ, ହୋଡିଂରେ ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକ ଓ ସଂଗୀତ ନିର୍ଦ୍ଦେଶକଙ୍କର ବଡ଼ ବଡ଼ ଫଟୋ ଲାଗିଥିଲା । ପରଦାପଛର ବ୍ୟକ୍ତିତ୍ୱମାନଙ୍କ ପାଇଁ ସମ୍ମାନ ଦେବାରେ ମୁନ୍ ଟିଭି ପ୍ରଯୋଜନା ସଂସ୍ଥା ବୋଧହୁଏ ପ୍ରଥମ ଥିଲା ।

ଏହାର ଲୋକପ୍ରିୟତା ଏତେ ଥିଲା ଯେ ମାତ୍ର କିଛି ମାସ ଅନ୍ତରରେ ଭୁବନେଶ୍ୱରସ୍ଥିତ ଏକାମ୍ର ହଲ୍‌ରେ ପୁନଃ ମୁକ୍ତିଲାଭ କଲା । ଏହି ଅବସରରେ ସାମ୍ବାଦିକ ସମ୍ମିଳନୀ କରାଯାଇ ଆମମାନଙ୍କୁ ସମ୍ମାନିତ କରାଯାଇଥିଲା । ସେହିଦିନଠାରୁ ମୁନ୍ ଟିଭି ପ୍ରଯୋଜନା ସଂସ୍ଥା ସହ ମୋର ବନ୍ଧୁତ୍ୱ ଗଢ଼ି ଉଠିଥିଲା । ଅବଶ୍ୟ ପରବର୍ତ୍ତୀ ଦୁଇ ତିନୋଟି ପ୍ରୋଜେକ୍ଟରେ ସେମାନଙ୍କ ସହ ମୁଁ ନଥିଲି ।

'ଝିଅଟା ବିଗିଡ଼ିଗଲା'ର ସୁଟିଂ ସମୟରେ ମୁଁ ନିର୍ଦ୍ଦେଶକ ବସନ୍ତ ସାହୁଙ୍କ ସହ ମିଶି ଆଉ ଗୋଟିଏ ପ୍ରୋଜେକ୍ଟର ପରିକଳ୍ପନା କଲୁ । 'ପିଲାଟା ବିଗିଡ଼ିଗଲା'ର ସଫଳତାକୁ ନେଇ ସେହି ଟିମ୍‌କୁ ରିପିଟ୍ କରି 'ବାଇ ବାଇ ଦୁବାଇ'ର ପ୍ରସ୍ତୁତି ଚାଲିଲା । 'ପିଲାଟା ବିଗିଡ଼ିଗଲା'ରେ ସବ୍ୟସାଚୀଙ୍କ ଚରିତ୍ର ପାଖାପାଖି ପ୍ରାୟ ଏକାରକମ୍ କହିଲେ ଚଳେ । ନାୟିକା ଭାବରେ ଅର୍ଚ୍ଚିତା ମଧ ଦ୍ୱୈତ ଭୂମିକାରେ । ବୁଦ୍ଧାଦିତ୍ୟ ଅନ୍ୟତମ ନାୟକ । ଚଳଚ୍ଚିତ୍ରଟିକୁ ପ୍ରଯୋଜନା କରିବା ପାଇଁ ଶ୍ରୀଯୁକ୍ତ ଅକ୍ଷୟ ପରିଚ୍ଛା ରାଜି ହୋଇଗଲେ । ଅବଶ୍ୟ ଏ କାହାଣୀଟିକୁ ପୂର୍ବରୁ ପ୍ରସ୍ତୁତ କରିଥିଲେ ନିର୍ଦ୍ଦେଶକ ବସନ୍ତ ସାହୁ । ଜଣେ ଭଲ ପ୍ରଯୋଜକଙ୍କ ସଂଧାନରେ ବସନ୍ତଭାଇ ଥିଲେ । କାହାଣୀଟି ରୋଚକ । ବାପା ମା'ଙ୍କ ସାମ୍ନାରେ କଥା କହି ନପାରୁଥିବା ନାୟକ ନାୟିକାଙ୍କୁ ନେଇ ଦୁବାଇ ଯାଉଛି । ନାୟିକା ନିଜର ଭଉଣୀକୁ ନିଜ ଗେଟ୍‌ଅପ୍‌ରେ ସଜାଇ ଘରେ ଶାଶୁ ଶଶୁରଙ୍କ ପାଖରେ ଛାଡ଼ି ଯାଉଛି । ଅତ୍ୟାଧୁନିକା ଦ୍ୱିତୀୟ ଭଉଣୀଟି ନିଜକୁ ସରଳ ବୋହୂ ଭୂମିକାରେ ପ୍ରସ୍ତୁତ କରୁଛି । ନିଜ ପ୍ରେମିକ ବୁଦ୍ଧାଦିତ୍ୟଙ୍କ ସହ ଗୋପନରେ ମିଳାମିଶାରୁ ସନ୍ଦେହ ଉପୁଜୁଛି । ପପୁ ପମ୍ ପମ୍ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିଥିଲେ । କ୍ଲାଇମାକ୍ସରେ ସବୁ ସତ ଜଣା ପଡ଼ିଯାଉଛି । ସାମାନ୍ୟ ମିଛ କିଭଳି ସବୁକୁ ଓଲଟ ପାଲଟି କରିଦେଇ ପାରେ ଏହା ପ୍ରତିପାଦିତ ହୋଇଛି । ବିଜୟ ମହାନ୍ତି, ମିହିର ଦାସ, ଜୀବନ ପଣ୍ଡା ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ । ଦୁବାଇରେ ଗୋଟିଏ ଗୀତ ଓ କିଛି ଦୃଶ୍ୟର ସୁଟିଂ ହୋଇଥିଲା ।

ଚଳଚ୍ଚିତ୍ରଟି ୨୦୧୬ ସେପ୍ଟେମ୍ବର ଦୁଇ ତାରିଖରେ ସମଗ୍ର ଓଡ଼ିଶାରେ ମୁକ୍ତିଲାଭ କରିଥିଲା । ଏଇ ବ୍ୟୟ ବହୁଳ ଚଳଚ୍ଚିତ୍ରଟି ହିଟ୍ ଚଳଚ୍ଚିତ୍ରର ମାନ୍ୟତା ପାଇଥିଲେ ହେଁ 'ପିଲାଟା ବିଗିଡ଼ିଗଲା' ଭଳି ଦର୍ଶକୀୟ ଆଦୃତି ସେପରି ଭାବରେ ପାଇପାରି ନଥିଲା । (କ୍ରମଶଃ)

## କବିତା .....

### ॥ ବହି ବିକାଳି ॥

ପୂର୍ଣ୍ଣଚନ୍ଦ୍ର ମହାରଣା



ଟିଣଟ୍ରଙ୍କ ସାଇକେଲ ରେ ନଦି
ଗାଁ ମୁଣ୍ଡ ରୁ ଡାକମାରି ଆସେ
ବହି ବାଲା !!

ବାଡୁଅ ଝୁଅ ମାନେ
ଘରେ ଯେତେ କାମ
କରୁ ଥାନ୍ତୁ ହେଲେ
କାନ ଥିବ ଦାଣ୍ଡ ଆଡେ
ବହି ବାଲା ପାଖେ !!

ଡାକମାରି ଆସୁଥିବ ବହି ବିକାଳି,
ଆସ କିଏ ନବ !
ଛାନ୍ଦରତ୍ନାକର, ଖୁଲଣାସୁନ୍ଦରୀ
ଟୀକା ଗୋବିନ୍ଦଚନ୍ଦ୍ର,
ଅମରଜୁମର, ଅଙ୍ଗଦପଡି
ନଳ ଦମୟନ୍ତୀ,
ରେକର୍ଡ ସୀତାଚୋରୀ,
ସାବିତ୍ରୀ ସତ୍ୟବାନ,
ଅଲଣାଓଷା, ଗୁରୁବାର ଓଷା
ଖୁଦୁରୁକୁଣୀ ଓଷା,
କୁଆଁର ପୁନେଇଁଓଷା,
ଜହ୍ନିଓଷା, ବାଟଓଳାଓଷା !!

ସୁଦଶାବ୍ରତ, ରାଧାଷ୍ଟମୀବ୍ରତ
ନାଗଲଚତୁର୍ଥୀ ବ୍ରତ,
ରବିନାରାୟଣ ବ୍ରତ,
ରାଇ ଦାମୋଦର ବ୍ରତ,
ସୋମନାଥ ବ୍ରତ,
ଅନନ୍ତବ୍ରତ,ଶିବରାତ୍ରି ବ୍ରତ !!

ବିଷ୍ଣୁ ପୁରାଣ, ଗରୁଡ ପୁରାଣ,
ଅଗ୍ନି ପୁରାଣ, ବାୟୁ ପୁରାଣ
ମାର୍କଣ୍ଡେୟ ପୁରାଣ,
ନୃସିଂହ ପୁରାଣ,
ଯମ ପୁରାଣ, ଲକ୍ଷ୍ମୀ ପୁରାଣ
ବ୍ରହ୍ମବୈବର୍ତ୍ତ ପୁରାଣ !!
ରାମାୟଣ, ମହାଭାରତ, ଗୀତା, ଭାଗବତ !!
ଛାନ୍ଦ, ଚମ୍ପୂ, ଉପନ୍ୟାସ
ଆଧୁନିକ, ଭବିଷ୍ୟତମାଳିକା ଗୀତ,
ଜଣାଣ, ଭଜନ !!

ନୂଆ କାନ୍ଦଣାବହି
ଶଶିଦେଇ କାନ୍ଦ,
ଡମପଡ଼ାରାଣୀ କାନ୍ଦ,
ସହି ସଙ୍ଗାତ କାନ୍ଦ !!
ବାଡୁଅ ଝୁଅମାନେ ଯାନ୍ତି
ଲୁଚେଇ ଲୁଚେଇ କାନ୍ଦଣା ବହି କିଣନ୍ତି,
ଆମ ଦେଇ ବି କାନ୍ଦଣା ବହିକିଣେ !!
ଦେଇ ତ ଏଇସନ
ବାହାହେଇ ଯିବ କାନ୍ଦଣା ବହି
କାହା ପାଇଁ କିଣୁଛି କେଜାଣି !!

♥ବାଳକାଟୀ, ଖୋର୍ଦ୍ଧା -୭୫୨୧୦୦
(ମୋ) ୯୯୩୭୭୭୭୬୫୨

### ॥ ଖୁବ୍ ଲମ୍ବାରାତି ॥

ବିଷ୍ଣୁ ସେଠୀ



ମାଟିର କାନ୍ଥ ଓ ଚାଳଛପର ମଥାନଙ୍କୁ
ଛୁଇଁ ଛୁଇଁ ଜହ୍ନ ଆସେ
ଅନାବୃତ୍ତ ଆଲୋକମୟ ଅଗଣାକୁ
ପବନ ତୁଟାଏ ମୁଆଁସ ନଡ଼ିଆଗଛରୁ
ଆକାଶରୁ ଓହ୍ଲାଉଥିବା ତାରାମାନେ
ରାତିସାରା ପୁଚୀ, ବୋହୂବୋହୂକା ଖେଳୁଥାନ୍ତି
ଅନାତାପ ଅଗଣା କୋଳରେ।
ଝଲମଲ ନଈର ପାଣିରେ ସ୍ନାନରତା
ସମଗ୍ର ଆକାଶ। ମଥା ବିନ୍ଦି ପରି
କଢ଼ ଲେଉଟାନ୍ତି ରୂପା ରଙ୍ଗ ମାଛମାନେ
ଆପେ ଆପେ ଖୋଲିଯାଏ ଗଭୀର ଜଳରେ
ଝୀନ ଅନ୍ତର୍ବାସ।
କୂଅମୂଳ ମଲ୍ଲୀଫୁଲ ବାସ୍ନାରେ
ଅଙ୍ଗସଙ୍ଗ ନିଷିଦ୍ଧ ତମାମ ତମସା
ଅଚ୍ଛେଦରା ବିଧବା କପାଳେ କିଏ ଲେଖୁଥାଏ
'ତପସ୍ୱିନୀ' କାବ୍ୟ ଗଂଗାଧର ଶୈଳୀରେ
ଅଙ୍ଗିତା ପରା ଯେ ରକ୍ତ, ମାଂସ
ଇଡ଼ା, ପିଙ୍ଗଳାମାନଙ୍କୁ ବୁଝାଇ ବୁଝାଇ
ନୟାନ୍ତ ହେଲେବି
ଶାଙ୍ଖୋଳିରେ ସିଝାଉଥାଏ
ସମୟର ସାଉକାରେ
ଇଚ୍ଛାଥିଲେ ବି
ନ ପାହୁ ଯେ' ରାତି
ଝାପ୍‌ସା ଝାପସା ବଉଳ ଛାଇରେ
ଜହ୍ନକୁ ରାଣ ପକାଏ ଅଗଣାର ତାଡି
ପାହାଡ଼ ସେପାଖେ କ୍ରମଶଃ
ଆମ୍ର ଗୋପନର ଆଶ୍ଳେଷ
ନିରନ୍ତର ଶୁଭୁଥାଏ କରୁଣ ବଂଶୀର ଧ୍ୱନୀ
ସାଧା କସ୍ତାଶାଢ଼ୀ ପଣତରେ କେହି ଲୁହ
ପୋଛୁଥାଏ
ଭିଜୁଥାଏ କୋହରେ ଅଣିଶରେ ହୃଦୟ।

♥କୁଆଁସ,ଭଦ୍ରକ-୭୫୬୧୦୦,
ମୋ-୯୪୩୭୦୫୧୦୯୦

### ॥ ଅନ୍ୟମନସ୍କ ॥

ଅଙ୍ଗୁରବାଳା ପରିଡ଼ା



ଜାଣିନି, କାହିଁକି
ଏ ଭିଡ଼ ଭିତରେ
ଅନ୍ୟମନସ୍କ ହୋଇଯାଏ ମୁଁ।

ଗାଡ଼ିରେ ବ୍ରେକ ଦେଇ
ରହିଯାଉଥିବା ଲୋକଟି,
ଆଡ଼େଇ ହୋଇ
ଚାଲିଯାଉଥିବା ଷଣ୍ଢଟି,
ଠେଲିଦେଇ ମାଡ଼ି ଯାଉଥିବା
ପଦଚାରୀଟି,
ଅଥବା
କେହି ସହଯାତ୍ରୀର
ଦରଦୀ ହାତ
ମତେ କଢ଼େଇ ଦଉଥିବା ବେଳେ
ବୁଝି ହୁଏନି
ମୋ ଆତୁର ନିର୍ବୋଧତାକୁ।
କ'ଣ ଗୋଟେ
ଖୋଜୁଛି ନିଶ୍ଚୟ।

ଖୋଜୁଛି କି
ବର୍ଷା ପାଣିର ସୁଅରେ
ଗାଁ ଗୋହିରୀରେ
ଉସେଇ ଦେଇ ଆସିଥିବା
କାଗଜଡଙ୍ଗାକୁ !
ଖାନ୍‌ଦାନୀ ଠାଣିରେ
ଘରଭିତରକୁ ପଶିଆସୁଥିବା
ବାପାଙ୍କ ଚପଲ ଶବ୍ଦକୁ !
ହାତରେ ଆଞ୍ଜୁଳି ଦେଇ
ବିଦା କଲାବେଳେ
ବୋଉର ସେ ଭିଜା ଆଖିକୁ !
ନା, ମତେ କବିତାମନସ୍କ
କରେଇ ଦେଇଥିବା
ତୁମ ସ୍ମୃତିକୁ !
କାହାକୁ !
କାହାକୁ ଖୋଜୁଛି ଏ ମନ
ଏମିତି ଅନ୍ୟମନସ୍କତାରେ !!

♥ଡି/୧, ସେକ୍ଟର-୯, ରାଉରକେଲା-.
(ମୋ)-୯୪୩୮୦୫୭୫୭୮

### ॥ ରାସ୍ତା ॥

ନୀହାରିକା ରାୟ ବରାଳ



ଚାଲୁ ଚାଲୁ ଗୁଡାଏ ବାଟ
ଆସିଗଲାଣି ସମୟର ପାଦ
ସମ୍ପର୍କ ରାସ୍ତାରେ ଉଠାଣି ଗଡାଣି
ଖାଲ, ଖମା ନଈର ଉଜାଣି
ସକାଳର କାକର ପରି
କୁଆଡେ ଉଭାନ ହେଇ ଯାଉଚି
କ୍ଷଣିକ ସୁଖ ତ ସାମାନ୍ୟ ବିଭୋରପଣ
ଉଦ୍ବେଳଇର ରଡନିଆଁ ପରି
ହୃଦୟର ଆଗ୍ନେୟଗିରିରୁ ନିର୍ଗତ ଲାଭା
ଏଙ୍କେ ସତେଜ, ବିସ୍ଫୋରକ
ଧାନ ବିଲରେ ଲହରଉଥିବା ଧାନକେଣ୍ଡାସବୁ
ଅଜଣା ପଙ୍ଗପାଳଙ୍କ ଭୟରେ
କାକୁସ୍ତ, ସ୍ତବ୍ଧ
ଆଗାମୀ ଝଡର ସମ୍ଭାବନାରେ ।

ହଳଦୀ ଦିପ୍ରହର ସବୁକୁ ଚଳୁ କରୁଚି
ଏକ୍ଲାପଣର ଅକ୍ଟୋପସ
କିଛି ପାଇବା ହରାଇବାର
ହରାଇ ପୁଣି ଖୁଣ୍ଟିନେବାର ଦୁର୍ବାର ଇଚ୍ଛାଟିକକୁ
ଆସ୍ତେ ଆସ୍ତେ ଆଉଁସୁଚି
ରୋଗ, ଶୋକ, ଦୁଃଖର ହାତ
କାହାପାଖକୁ ଚିଟଉ ପଠାଉଥିବା
ସଂଖାଳୁଥିବା ମାଟିହାଣ୍ଡି ଆଉ କଦଳୀପତ୍ର
ଏବେ ଖୋଜୁଛି
କିଛି ଆଶ୍ୱାସନା, କିଛି ସମବେଦନା
ବିଶ୍ୱାସର..
ତା' ପରକୁ ପର ଲମ୍ବାଧାଡିରେ ଅଛନ୍ତି
ପେଟର ଭୋକ, ମନର ଭୋକ
ତ କବିତାର ଭୋକ
କାଗଜ କଲମର ଭାତହାଣ୍ଡିରେ
ଟକମକ ହୋଇ ଫୁଟୁଛି
ନିରପରାଧ ଶବ୍ଦସବୁ ଅହରହ
ଯନ୍ତ୍ରଣାର ଆଲିଙ୍ଗନ, ଏକାତ୍ମପଣ
ବର୍ତ୍ତମାନର ମୁକୁଳା ଦେହରେ
କେବେକେବେ ଅସହିଷ୍ଣୁ ଶୁଆପରି
ରଟି ଚାଲିଥାଏ, ରାସ୍ତାର ରିଷ୍ଟା
ଜୀବନର ଶୂନ୍ୟ ପଞ୍ଜୁରୀରେ ।

♥ଅନୁରାଗ, ବି-୧୦, ପ୍ରତିଭା ଏନ୍‌କ୍ଲେଭ
ବିଜେବି ନଗର, ଭୁବନେଶ୍ୱର

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୪ ସେପ୍ଟେମ୍ବର, ୨୦୨୨

## ପ୍ରେମରେ ପ୍ରେମରେ ଗୀତି ....(୭୨)



### ॥ ବଉଳିଲେ ତୁମ ମନ ॥

କିଏ ସେ କହୁଛି ଅଦିନ ବଉଳ
କିଏ କହେ ବାରମାସୀ,
ବଉଳିଲେ ତୁମେ ମୋ' ପ୍ରେମ ଡାଳରେ
ଅଦିନରେ ଆମ୍ବକସି ।

ଜାଣେନାହିଁ ମୁହିଁ ଫଗୁଣର ରଙ୍ଗ
କୋଇଲିର କୁହୁତାନ,
ସବୁ ମୋ' ପାଇଁକି ଫଗୁଣ ଫଗୁଣ
ବଉଳିଲେ ତୁମ ମନ,
ହଁ ଆଉ ନାହିଁ ଉତ୍ତର ନଦେଇ
ଦେଲେ ତୁମେ ଟିକେ ହସି ।

କଅଁଳିଲା ମୋର ଶାଖାରେ ତୁମର
ବଉଳର ପେନ୍ଥି ପେନ୍ଥି,
ଯେମିତିକି କେଉଁ ଅନୂଢ଼ା ଝିଅର
ସିନ୍ଦୂରେ ଭରିଛି ସିନ୍ଥି,
ଋତୁମାନେ ମିଶି କରୁଥାନ୍ତି କେଳି
ତୁମରି ଦେହରେ ମିଶି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୯)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଦେଖଇ ନେତ୍ର ଯାହା... ॥

ତୃତୀୟ ନେତ୍ରରେ ସମଗ୍ର ବିଶ୍ୱକୁ ଅନ୍ୱେଷଣାତ୍ମକ ଅବଲୋକନ କରିବାର ପ୍ରୟାସରୁ 'ଦେଖଇ ନେତ୍ର ଯାହା' ନାଟକର ଉଦ୍ଭବ ଓ ବିକାଶ । ଆମର ପାରମ୍ପରିକ ଦୁଇ ଆଖି ଯାହା ଦେଖେ ତାହା ପ୍ରାୟ ମିଛ ମିଶ୍ରିତ ସତ । ସ୍ୱାର୍ଥ ଓ ଲୋଭ ମିଶ୍ରିତ ବାସ୍ତବ ଚିତ୍ର । ପ୍ରକୃତ ତଥା ଚିରନ୍ତନ ସତ୍ୟକୁ ଦେଖିପାରେ କଳ୍ପନାର ତୃତୀୟ ନେତ୍ର । ଏମିତି ଏକ ତୃତୀୟ ନେତ୍ର ଦ୍ୱାରା ଉତ୍ତୋଳିତ ସେତିକି ବେଳର ଫଟୋଚିତ୍ରର ନାଟ୍ୟରୂପ ହେଉଛି 'ଦେଖଇ ନେତ୍ର ଯାହା' ।

୧୯୮୩ ମସିହାର କଥା, ଯେତେବେଳେ ସମଗ୍ର ବିଶ୍ୱ ମହାଶକ୍ତିମାନଙ୍କ ଶୀତଳ ଯୁଦ୍ଧର ଆଶଂକାରେ ଭୀତତ୍ରସ୍ତ ଭାରତର ଭୂମିକାକୁ ନେଇ ସର୍ବତ୍ର ଚର୍ଚ୍ଚିତ ଓ ପ୍ରଶଂସିତ । ଭାରତରେ ଏକ ପ୍ରଗତିବାଦୀ ସରକାର ବେଶ୍ କ୍ରିୟାଶୀଳ । ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଦ୍ୱିତୀୟ ପାଳିର ଲୋକାଭିମୁଖୀ କାର୍ଯ୍ୟକଳାପର ପ୍ରଭାବଶାଳୀ କାର୍ଯ୍ୟକାରିତା । ସର୍ବତ୍ର ପ୍ରଚାରିତ ଓ ପ୍ରଶଂସିତ । ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରତି ଜିଲ୍ଲାରେ ନାଟକୋତ୍ସବମାନ ଅନୁଷ୍ଠିତ ହେବାର ସରକାରୀ ପ୍ରସ୍ତାବ ଆସିଲା । ଆମ ଜିଲ୍ଲାରେ ମଧ ତଦନୁରୂପ ଚିଠିକୁ ଗୁରୁତ୍ୱ ଦେଇ ଉଦ୍ୟମ ଆରମ୍ଭ ହେଲା । ମାନବୀୟ ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ଭୋଗରାଇ ବିଧାୟକ ସେତେବେଳେ ସଦର ବିଡିଓ ଥାଆନ୍ତି । ମୋତେ କହିଲେ ସମସ୍ତେ ମିଶିକି ଗୋଟେ ନାଟକ କର । ନାଟକଟି କୌଣସି ଗୁଣରେ ପାରମ୍ପରିକ ବା ଗତାନୁଗତିକ ହୋଇ ନଥିବ । ସମ୍ପୂର୍ଣ୍ଣ ନୂତନ ଶୈଳୀ, ନୂତନ ଭାବ ଧାରା ଏବଂ ଆନ୍ତର୍ଜାତୀୟ ସମସ୍ୟା ଆଧାରିତ ହୋଇଥିବା ଆବଶ୍ୟକ । ଶୀଘ୍ର ନାଟକଟେ ଲେଖି ମୋତେ ଦେଖାଅ । ନାଟକ ପୁଣି ଆନ୍ତର୍ଜାତୀୟ ସମସ୍ୟା ଆଧାରିତ, ଗତାନୁଗତିକ ହୋଇନଥିବ, ବିଷମ ବ୍ୟାପାର । ଏଣୁ ତେଣୁ ଅନେକ ଚିନ୍ତନ ପରେ ସିଦ୍ଧାନ୍ତରେ ପହଞ୍ଚିଲି ଶୀତଳ ଯୁଦ୍ଧକୁ କେନ୍ଦ୍ରକରି ନାଟକଟେ ଲେଖିବି । ବାର୍ତ୍ତା, ଯୁଦ୍ଧ, ହିଂସା ଜନିତ ଅଶାନ୍ତ ପରିବେଶରୁ ପୃଥିବୀକୁ ରକ୍ଷା କରିବା ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା । କେବଳ ବାର୍ତ୍ତାଟି କହିଦେଲେ ତ ହେବନି, ଗୋଟିଏ ନାଟକୀୟ କାହାଣୀ ମାଧ୍ୟମରେ ବାର୍ତ୍ତାର ପରିବେଷଣ କରିବାକୁ ପଡ଼ିବ, ତେବେ ଯାଇ ନାଟକ ।

ସେତେବେଳର ପରିସ୍ଥିତିରେ ମହାଶକ୍ତିମାନେ ପୃଥିବୀକୁ ନିଜର କରିବା ଲକ୍ଷ୍ୟରେ ଅର୍ଥାତ୍ ସମଗ୍ର ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର କରିବା ଲକ୍ଷ୍ୟରେ ମହାଶକ୍ତି ମାନଙ୍କ ମଧ୍ୟରେ ସାମରିକ ପ୍ରତିଦ୍ୱନ୍ଦିତା, ଏହି ମନୋବୃତ୍ତିକୁ ଲକ୍ଷ୍ୟ କରି କାହାଣୀର ଅବତାରଣା କରିବାକୁ ଲାଗିଲି । ପୃଥିବୀ ଅର୍ଥାତ୍ ଧରିତ୍ରୀ ଜଣେ ରୂପ ବୈଭବଶାଳିନୀ ନାରୀ. ଯାହାକୁ ନିଜର ଅଂକଶାୟନୀ କରିବାର ଲକ୍ଷ୍ୟରେ ପଞ୍ଚ ମହାଶକ୍ତି ଆମେରିକା, ଋଷ, ଇଂଲଣ୍ଡ, ଫ୍ରାନ୍ସ ଓ ଚାଇନା ତତ୍ପର ହୋଇଉଠନ୍ତି । ଯେହେତୁ ଏହା ଏକ ଆସୁରିକ ପ୍ରବୃତ୍ତି ତେଣୁ ସେମାନଙ୍କୁ ଜଣେ ଜଣେ ରାକ୍ଷସ ରୂପରେ ଚିତ୍ରିତ କରି ପରସ୍ପର ମଧ୍ୟରେ ଲଢ଼ିବାର ବା ପ୍ରତିଦ୍ୱନ୍ଦିତା କରିବାକୁ ନେଇ ଏକ ଗତିଶୀଳ ତଥା ଆବେଗଭରା କାହାଣୀର ଆରମ୍ଭ କରେ । ପ୍ରତୀକାତ୍ମକ ଚରିତ୍ର ଅମିତ୍ରାକ୍ଷର ସଂଳାପ ଓ କଂପୋଜିସନ ଶୈଳୀ ପ୍ରତି ମୋର ସେତେବେଳ ଖୁବ୍ ଦୁର୍ବଳତା ଥାଏ । ତା'ଛଡ଼ା 'ଅଥଚ ଅଥର୍ବ'ରେ ମୁଁ ଏହି ସବୁ ଧାରାର ସଫଳ ପ୍ରୟୋଗ କରି ବେଶ୍ ସଫଳତା ପାଇଥାଏ । ତେଣୁ ଏମିତି ଏକ ବିଷୟବସ୍ତୁକୁ ସାଙ୍କେତିକ ଧାରାରେ ଉପସ୍ଥାପନା କରିବା ଉଚିତ ଭାବି କଲମ ଧରିଲି । କାହାଣୀ ଯଦିଓ ଗତାନୁଗତିକ ନୁହେଁ ଦର୍ଶକ ତ ଗତାନୁଗତିକ । ତେଣୁ ଦର୍ଶକ ମନୋଉପଯୋଗୀ କାହାଣୀ ପରି ଲାଗୁଥିବା ଦ୍ୱନ୍ଦ୍ୱ, ଉତ୍କଣ୍ଠା, ହାସ୍ୟ, କରୁଣ ରସସିକ୍ତ ନାଟକଟେ ନକଲେ ଦର୍ଶକୀୟ ସଫଳତା ମିଳିବା ଅସମ୍ଭବ । ଦର୍ଶକ ନିକଟରୁ ପ୍ରତ୍ୟାଖ୍ୟାତ ନାଟକ ଏକ ସଫଳନାଟକ ପଦବାଚ୍ୟ ହୋଇ ପାରିବନି । ସେଥିପାଇଁ ବହୁ ସତର୍କତାର ସହ ଆରମ୍ଭ କଲି ।

ଯେହେତୁ ଆନ୍ତର୍ଜାତୀୟ ସମସ୍ୟା ଏବଂ ଚରିତ୍ରମାନେ ସୂକ୍ଷ୍ମ ପ୍ରତିନିଧିତ୍ୱ ଭାବନାତ୍ମକ ଓ ପ୍ରତିନିଧି ସ୍ତରର, ତେଣୁ ମଂଚ ମଧ ସେମିତି ସମ୍ମୁଖ ଭାଗ କଳା ପରଦାରେ ଆବୃତ ଥିଲା ବେଳେ ପଛପାଖ ଏକ ଅନ୍ତରୀକ୍ଷର ଚିତ୍ରଭଳି ପ୍ରତୀୟମାନ ହେଉଥିବା ନୀଳମିଶା ଧଳା ପରଦା । ଯାହା କୋଳରେ ମାଳମାଳ ମେଘ, ତା ଫାଙ୍କରେ ସମୟ ନାମକ ଚରିତ୍ର ଯିଏ ରଥାରୁଢ଼ ହୋଇ ଅନ୍ତରୀକ୍ଷରେ ଥାଇ ବିଶ୍ୱର ଦୟନୀୟ ସ୍ଥିତି ସଂପର୍କରେ ବିଦ୍ୟମାନ ହୋଇ ଦର୍ଶକ ନିକଟରେ ବିବରଣୀ ପ୍ରଦାନ କରୁଥାଆନ୍ତି ବିଶ୍ୱର ଏକ ସଂକଟମୟ ଚିତ୍ର ।

ବିଶ୍ୱର ପଞ୍ଚ ମହାଶକ୍ତି ପୃଥିବୀ ଅଧିକାର ନିମନ୍ତେ ନିଜ ନିଜ ଭିତରେ ସାମରିକ ସାମର୍ଥ୍ୟକୁ ପ୍ରତିଦ୍ୱନ୍ଦିତା କରନ୍ତି । ଏହି ପଞ୍ଚ ମହାଶକ୍ତିଙ୍କୁ ଆମେରିକା (ଅମରାସୁର) ରୁଷିଆ (ସମରାସୁର) ଇଂଲଣ୍ଡ (ଲଣ୍ଡାସୁର) ଫ୍ରାନ୍ସ (ଷଣ୍ଢାସୁର) ଓ ଚୀନ୍ (ପେଙ୍କାସୁର) । ଏହି ସମସ୍ତ ଶକ୍ତିର ପ୍ରତିନିଧି ଜଣେ ଜଣେ ପାରମ୍ପରିକ ରାକ୍ଷସ ରୂପରେ ଧରିତ୍ରୀକୁ ଅଧିକାର ନିମନ୍ତେ ନିଜର ଶକ୍ତି ବିନିଯୋଗ କରନ୍ତି । ପ୍ରତୀକ ସ୍ୱରୂପ ସମସ୍ତ ସାମରିକ ଶକ୍ତି ଏକ ମହାଶକ୍ତିର ରୂପ ନିଏ, ଯାହାର ନାମ ହୁଏ ମହାସୁର । ଯିଏକି ପ୍ରତିଦିନ ଟନ୍ ଟନ୍ ମଣିଷ ମାଂସ ଆବଶ୍ୟକ କରେ । ପଞ୍ଚଶକ୍ତି ମଣିଷ ଶିକାର ପାଇଁ ସାମରିକ ବ୍ୟବସାୟ ମାଧ୍ୟମରେ ସମଗ୍ର ବିଶ୍ୱକୁ ଏକ ଯୁଦ୍ଧ ସ୍ତୁପରେ ପରିଣତ କରିଦିଅନ୍ତି । ମଣିଷ ଆଶ୍ରୟ ନିଏ ଦେବଭୂମି ଭାରତରେ । ଭାରତର ବୈଜ୍ଞାନିକ ବ୍ରହ୍ମା ରୂପରେ ପଞ୍ଚ ମହାଶକ୍ତି ଦ୍ୱାରା ଅପହୃତ ହୁଅନ୍ତି ଯାହାଙ୍କୁ ତପ କରୁଥିବା ମହାସୁର ଅମରତ୍ୱ ପ୍ରାପ୍ତି ପାଇଁ ବାଧକରେ ଏବଂ ଅମରତ୍ୱ ପ୍ରାପ୍ତ ହୁଏ । ଶେଷରେ ମୃତ୍ୟୁ ଭେଦ ସ୍ୱରୂପ ବ୍ରହ୍ମା ତାଙ୍କୁ ଏକ ବାକ୍ୟବାଣ ମୃତ୍ୟୁର କାରଣ ବୋଲି ଅଭିହିତ କରନ୍ତି । ତତ୍ପରେ ମହାସୁରର ପ୍ରବଳ ପ୍ରତାପରେ ଧରିତ୍ରୀ ପାଷାଣ ପାଲଟି ଯାଏ ଏବଂ ଧରିତ୍ରୀର ପୁନର୍ମୁକ୍ତି ନିମନ୍ତେ ବିବେକାନନ୍ଦ ବେଶଧାରୀ ମଣିଷ ତପସ୍ୟା କରେ, ତା'ପରେ...

(କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ
♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା। କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା। ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ୍ୟ ହୋଇଗଲା। ମା ପାଖରେ ପୁଅ ହାର୍ ମାନି ବାଉଳି ମାଟି ପାଖରେ ଘାଟି ହାର ମାନିଲା।
ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସମ୍ପୂର୍ଣ୍ଣ ବିବରଣୀ ନୁହେଁ କିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହଁ। ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି। ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି।
-ଲେଖିକା

(ପୂର୍ବ ପ୍ରକାଶିତ ଉତ୍ତାରୁ..)
(ଭାଗ-୪)

ଖବର ଦେବାକୁ ଆଉ କାହିଁ? ତୁ ତ ଖଜୁରୀପଟିଆ ନେଇ ଜାମୁକୁଣ୍ଡା ହାଟକୁ ଯାଇଥିଲୁ । ଅମୀନ ବେଳଉତା ଆଇଲା । ଲୁଗାଧୁଆ ବେଳକୁ ଚାଲିଗଲାଣି । ଯଦି ତୋର କିଛି କହିବାକୁ ଥାଏ, ଯା, ମାଲିକକୁ କହିବୁ ।

ଅଗରା ମୁଣ୍ଡକୁ ରକ୍ତ ଚହଲିଗଲା ।

ସେ ଚିତ୍କାର କଲା, ହଇରେ ଶଳେ, ମୁଁ ବଞ୍ଚି ଥାଉଁ ଥାଉଁ ମୋ ଛାତିରେ ତମେ ହିଡ଼ ଦେବ? ଡାକ ତୋ ଗୋସେଇଁ ହରି ସାହୁକୁ, ମୁଁ ଦେଖିବି, କେଉଁ ବାପ ତା ପିଠିରେ ପଡ଼ିବ । ପାନ ବେଉସା କରି ଦିପଇସା ହୋଇଗଲାଣି ବୋଲି ଭାରି ତେଜ ହୋଇଗଲାଣି, ନା?

ଅଗରା ହଳରେ ଯୋଖିବାକୁ ଆଣିଥିବା ଲଙ୍ଗଳ ଫାଳରେ ହିଡ଼ ତାଡ଼ିବାକୁ ଆରମ୍ଭ କଲା ।

ମୁଚୁକୁନ୍ଦିଆ ଓ ହାଡ଼ିଆ ପରସ୍ପର ମୁହଁକୁ ଚାହିଁଲେ ।

ଅଗରା ମଳିକ ଗୋଖରଛୁଆ । ଛଅ ହାତିଆ ଦେହ । ନିଦା କାଠ ଖମ୍ବ ଭଳି ଦମ୍ଭିଲା ଦେହ । ଆଗରୁ ଯାତ୍ରାପାର୍ଟିରେ ଥିବାବେଳେ ଭୀମ ହେଉଥିଲା, ତା' ସାଥିରେ ବଳକଷାକଷିରେ ଅନ୍ତତଃ ପାରିହେବନି ।

ମୁଚୁକୁନ୍ଦିଆ କହିଲା, ଯା ହାଡ଼ିଆ, ମାଲିକକୁ ଡାକି ଆଣ । ଅଗରା ମଳିକ ପାଟିକଲା, ଯାବେ ଯା, ଡାକ ତୋ ହରିଆ ସାହୁକୁ । ଶଳା ଅଣପୁରୁଷିଆ, ଚାରି ଚାରିଟା ମାଇପ ଗଲେଣି, ଶଳାର ବଂଶରେ ସଞ୍ଜ ଦେବାକୁ କେହି ଜନମ ହେଲେନାହିଁ, ଶଳାର ଲୋଭ ଦେଖ?

ପାଟି ଶୁଣି ଆଖପାଖ ବିଲରୁ ହଳିଆମାନେ ହଳ ଛାଡ଼ି ଧାଇଁଆସିଲେ।

କେହି କେହି ଅଗରା ମଳିକକୁ ସମର୍ଥନ ଜଣାଇଲେ, କେହି କେହି ହରି ସାହୁକୁ ।

ଅଗରା ସେମିତି ହିଡ଼ ତାଡ଼ି ସମତୁଲ କରିଚାଲିଥିଲା । ତା'ର କଳା ରୂକ୍ଷ ଦେହଟାରୁ ଉତ୍ତେଜନାରେ ଗମ ଗମ ଝାଳ ବୋହିଚାଲିଥିଲା ।

ସମସ୍ତେ ଦି'ଭାଗ ହୋଇ ଛିଡ଼ା ହୋଇ ଭୁଟୁଭାଟର ହେଉଥିଲେ । ବଡ଼ପାଟିରେ କଥା କହିବାର ସାହସ କାହାର ନଥିଲା । ଅଗରା ମୂଢ଼ । ତାକୁ ରଗାଇଲେ ସେ ହାତଗୋଡ଼ରେ କଥା କହେ ।

ମୁଚୁକୁନ୍ଦିଆ ଓ ହାଡ଼ିଆ କିଂକର୍ତ୍ତବ୍ୟମୂଢ଼ ଭାବେ ଠିଆ ହୋଇଥିଲେ । କାଳିଆ ଓ କଷରା ଜୁଆଳିବନ୍ଧା ଅବସ୍ଥାରେ ହିଡ଼ମୁଣ୍ଡରୁ ଘାସ ଖୁଣ୍ଟୁଥିଲେ ।

ମୁଚୁକୁନ୍ଦିଆଠାରୁ ପୁଣି ନିର୍ଦ୍ଦେଶ ପାଇ ହାଡ଼ିଆ ହରିସାହୁକୁ ଡାକିବାକୁ ଗଲା ।

ଆମ୍ବରୁଖି ଗାଆଁର ପାନବରଜିଆ ହରି ସାହୁ ।

ଜାତିରେ ତେଲି । କାଳିଆ ହୋଇ ଚାରିଫୁଟିଆ ମଣିଷ । ମୁଣ୍ଡରେ ଚିତା, ଚଇତନ । ବୟସ ପଚାଶ । ବଡ଼ କପଟିଆ । ବାପ ଘଣା ପେଲିପେଲି ମଲା । ପୁଅ ତେଲବେଉସା ଛାଡ଼ି ପାନ ବେଉସା କରି ଖୁବ୍ ପଇସା କଲାଣି । ବରଜ ପରେ ବରଜ କରୁଛି । ଦି'ଦିଟା ଅମାର । ପ୍ରତିବର୍ଷ ଚତୁର୍ମାସ୍ୟାରେ ତିନିଚାରି ଭରଣ ପୁରୁଣା ଧାନ ବିକେ । ଏଣେ ତିନିଟା ଖଡ଼ି ବାଡ଼ି ବି କିଣିଲାଣି । ଅଥଚ ଖାଇବାକୁ ଅଛି କିଏ? ଚାରିଚାରିଟା ଭରିଯା ତାକୁ ଛାଡ଼ି ପଳାଇଲେଣି । ଅଣପୁରୁଷିଆ । ବଦନାମ ସେଇଥିପାଇଁ । ହେଲେ ପାଖଆଖ ଲୋକ କହନ୍ତି, ଲୋକଟା ବଡ଼ କଞ୍ଜୁସ । ମାଇପମାନଙ୍କୁ ବି କୁଆଡ଼େ ଗୋଡ଼େ ଗୋଡ଼େ ଜଗେ । ଚାଉଳଠୁଁ ଆରମ୍ଭ କରି ମାଳପା ଫୁଟଣ ଯାଏଁ କୁଞ୍ଚିମାରି ରଖେ । ସେଇଥିନାଗି କେହି ସ୍ତ୍ରୀ ରହୁନାହାନ୍ତି ।

ଅଥଚ ଲୋକଟାର ସମ୍ପତ୍ତି ଲୋଭର ଶେଷ ନାହିଁ । ଗତ ସନ ଯେବେ ଗାଆଁ ମଝିରେ ଥିବା ଗୋହିରୀ ରାସ୍ତାଟିକୁ ଓସାରିଆ କରିବା କଥା ହେଲା, ସମସ୍ତେ ଆପଣା ଅପଣା ଜମିରୁ ଦି' ହାତ କରି ଜମି ଛାଡ଼ିବାକୁ ମଙ୍ଗିଥିଲେ, ଏଇ ହରିସାହୁ ଛଡ଼ା ।

ଅଗରା ମଳିକ ଜାତିରେ ପାଣ । ଦଶବର୍ଷ ତଳେ ତାଠୁଁ ତିନିବର୍ଷ ବଡ଼ ମାଧ ମଳିକର ବିଧବା ସ୍ତ୍ରୀ ସରସ୍ୱତୀକୁ ସଙ୍ଗୀ ହୋଇ ଜମିବାଡ଼ି ବିକି ଦେଉଳା ପଳାଇଥିଲା । ସେଠି ଢ଼େର ଦିନ ଥିଲା ବି । ଦିନେ ସରସ୍ୱତୀ ଅଚିହ୍ନା ରୋଗରେ ଚାଲିଗଲା । ଢ଼େର ଢ଼େର ଡାକ୍ତର ଦେଖାଇଥିଲା ଅଗରା । କେହି ଭଲକରି ପାରିଲେନି ।

ତାପରେ ଦିନେ କି ଖିଆଲ ପଶିଲା କେଜାଣି, ଦିନେ ଯେମିତି ଅଚାନକ ଗାଆଁରୁ ଯାଇଥିଲା, ସେମିତି ଦିନେ ଅଚାନକ ଗାଆଁକୁ ଫେରିଲା । ସାଥିରେ ସରସ୍ୱତୀର ତିନିବର୍ଷର ପୁଅ ଗୋପାଳିଆ ।

ତା' ଡିହ ସେ ସୁନାକର ମଳିକକୁ ବିକିଥିଲା । ତାଠୁଁ ଏବେ କେଶବ ମହାନ୍ତି ନେଇଛି । ବରଜ ବସାଇଛି । ତା' ପୁରୁଣା ଘରର ଖଣ୍ଡିଆ କାନ୍ଥ ବି ଆଉ ନାହିଁ ।

ସରସ୍ୱତୀର ଗହଣାପତ୍ର ଭାଙ୍ଗି ଅଗରା ହଜାରେ ଟଙ୍କା ପାଇଥିଲା । ହେଲେ କେଶବ ମହାନ୍ତି ସେତିକି ଟଙ୍କାରେ ତା' ଡିହ ଫେରାଇ ଦେବାକୁ ରାଜି ହେଲାନାହିଁ । ସେଠି ପାନ ଖୁବ୍ ଉଧଉଛି କହିଲା, ଚାରିହଜାର ନେବ ।

ଅଗରା ସେଇ ହଜାରେ ଟଙ୍କାରେ ହଗୁରା ଜେନାଠୁଁ ଏଇ ଦିଗୁଣ୍ଠ ଜମି କିଣିଥିଲା । ଗତ ସନ କବଲା ହୋଇଥିଲା । ଭାଗ ଜମି ବି ଚଷିବାକୁ ଆରମ୍ଭ କରିଛି । ଗତସନ ଚାରିଗୁଣ୍ଠ ଜମି ଭାଗ ଚଷି ଥିଲା ଏଥର ଛଅଗୁଣ୍ଠ ମିଳିଛି ।

ତା'ର ମନରେ ସେଇ ଏକମାତ୍ର ଆଶା, ତା' ଡିହ ସେ ମୁକୁଳାଇବ । ବାପ ଅଜା ଅମଳର ଡିହ ସେ କାହାରିକୁ ଦେବ ନାହିଁ । ଯେଉଁମାଟିରେ ସେ ଜନମ ହୋଇଥିଲା, ଏଡୁଟିରୁ ଏଡୁଟିଏ ହୋଇଥିଲା, ସେଇ ମାଟିରେ ସେ ଆଖି ବୁଜିବ ।

ଦେଉଳାରେ ତ ତା'ର କିଛି ଅଭାବ ନଥିଲା । ସେଠି ତ ବରଜିଆମାନଙ୍କର ମଜୁରୀ ବେଶି । ହାଟ ପଛକୁ ଗୋଚର ଜାଗାରେ ଛୋଟିଆ ଚାଳିଆଟିଏ ବି ତ ସେ କରିଥିଲା । ହେଲେ ସବୁ ତୁଚ୍ଛ ଲାଗିଲା ଦିନେ । ଏଇ ଗାଆଁର ଗଛପତର, ବିଲବାରି, ନଈନାଳ ତାକୁ ହାତଠାରି ଡାକିଲା । ରାତିରେ ସପନ ଦେଖିଲା ରୋଜ । ତା' ଗୋସେଁଇ ବାପ କାନ୍ଦୁଛି । କହୁଛି, ମୋ ଡିହରେ ସଞ୍ଜବତୀ ଜଳୁନି । ଏ କି ଅଲକ୍ଷଣା କାଣ୍ଡ କଲୁ?

ବାପ, ଗୋସେଁଇ ବାପ ଅମଳର ଡିହରେ ସେ ସଞ୍ଜବତୀ ଜାଳିବ । ନ ହେଲେ ତାଙ୍କ ଆତ୍ମା ଶାନ୍ତି ପାଇବ ନାହିଁ ।

ଆଜି ହରି ସାହୁ ସେ ଇଚ୍ଛାକୁ ହିଡ଼ ବାନ୍ଧିଦେବ?

ସେ ଆହୁରି ଜୋରରେ ହିଡ଼ ତାଡ଼ିବାକୁ ଲାଗିଲା ।

ହରିସାହୁ ହିଡ଼ମୁଣ୍ଡରେ ପହଞ୍ଚିବାବେଳକୁ ଅଗରା ପାଗଳ ଭଳି ହିଡ଼ରୁ ମାଟି ହାଣୁଛି । ଚେକା ମାଟି ହାଣି ହିଡ଼ ଅଧା ଭାଙ୍ଗିସାରିଲାଣି ।

ହରିସାହୁ କଅଣ ଗୋଟାଏ ଆଶ୍ରାବ୍ୟ ଗାଳି ଦେଇ ଅଗରା ଆଡ଼କୁ ମାଡ଼ି ଆସିଲା । ସାଥିରେ ଆସିଥିବା ଚାରିପାଞ୍ଚ ମୂଲିଆ ବି ତା ଆଡ଼କୁ କୁଦିପଡ଼ିଲେ ।

ଅଗରା ବି ସେଇ ଲଙ୍ଗଳ ଧରି ମହାବିକ୍ରମରେ ସେମାନଙ୍କର ସମ୍ମିଳିତ ଆକ୍ରମଣର ପ୍ରତିରୋଧ କରିବାକୁ ଲାଗିଲା ।

ସେଦିନ ସନ୍ଧ୍ୟାରେ ବାଲିଆପାଳ ଡାକ୍ତରଖାନା ବାରଣ୍ଡାରେ ଏକ ସାଙ୍ଗରେ ଦୁଇଜଣ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କୁ ସାଲାଇନ ଦିଆଯାଉଥିଲା । ଦୁଇଜଣଙ୍କ ଦେହରେ ମୁଣ୍ଡରେ ବ୍ୟାଣ୍ଡେଜ । ଜଣେ ଅଗରା ମଳିକ, ଆଉ ଜଣେ ହରିସାହୁ ।

ନୂଆ କରି ଜଏନ କରିଥିବା ଧାଇ ଚନ୍ଦ୍ରମଣି କହୁଥିଲା, ଏ ଗାଉଁଲି ଲୋକଙ୍କୁ ଆଉ ପାରିହେବନି । ନିତି ତିନିଚାରି ଫୌଜଦାରୀ କେଶ! ଜମି ତମକୁ ସ୍ୱର୍ଗକୁ ନେବ କିରେ?

କିଛି ଦିନ ଆଗରୁ ରଣଭାରରେ ଶେଷ ସୟଳ ପୈତୃକ ଡିହ ଖଣ୍ଡକ ବିକି ଦେଇଥିବା ସୁଇପର ଭୀମ ମୁଖୀ ତା'ର ଉତ୍ତରରେ କହୁଥିଲା, ତମେ ସେ ଦୁଃଖ ବୁଝିବନି ଦିଦି । ଯାହାକୁ ସାପ କାମୁଡ଼ିନି, ସେ ସାପକାମୁଡ଼ାର ବିଷଜ୍ୱଳା କଅଣ କେମିତି ବୁଝିବ?

॥ ପାଞ୍ଚ ॥

ଚୁଆରୁ ବରଜକୁ ପାଣି ବୋହୁଥିଲେ ସନିଆ, ନବଘନିଆ ଓ ରାଧୁ । ପାଟପୁର ଗ୍ରାମର ନୀଳକଣ୍ଠ ମହାନ୍ତିଙ୍କର ଏ ଆଡ଼ିଆରେ ସାତଖଣ୍ଡି ବରଜ । ଦୁଇଖଣ୍ଡି ବରଜରେ ବମ୍ଭେଇପାନ ।

ବୈଶାଖ ମାସର ଏ ତାତିରେ ଚୁଆ, ପୋଖରୀ ସବୁ ଶୁଖିଗଲାଣି । ସେଥିରେ ବିଲାତି ଦଳ, ବୋରଝାଞ୍ଜି, କାନସିରି ମାଡ଼ିଛି । ସନିଆ କଳସୀଟିକୁ ଭଲକରି ବୁଡ଼ାଉ ବୁଡ଼ାଉ କହିଲା, ଏସନ ବୈଶାଖରୁ ଏମିତି ତାତି ହେଲାଣି, ଜ୍ୟେଷ୍ଠ ମାସକୁ ଆଉ ମେଦିନୀ ରହିବନା?

ନବଘନିଆ ଓ ରାଧୁ କହିଉଠିଲେ, ଖରା ତ ନୁହେଁ ନିଆଁ ହୁଳା ବରଷୁଛି ।

ତିନିଜଣଙ୍କର କଳାମଚମଚ ମୁଗୁନି ପଥର ଭଳି ଦେହରୁ ତାପତ ଝାଳ ନିଗିଡ଼ି ପଡୁଥିଲା । ସମସ୍ତେ କରିଆ ଖଣ୍ଡେ କରି ପିନ୍ଧିଥିଲେ । ବରଜିଆମାନଙ୍କର ବିଶେଷ ପୋଷାକ ।

ବରଜୁ ଉପରକୁ ବାଲିରେ ଭାଡ଼ି ବାନ୍ଧି ପାହୁଚ ହୋଇଛି । ବଡ଼ ଅଣଓସାରିଆ ପାହୁଚ । ଟିକେ ଖସରିଗଲେ ସିଧା ଚୁଆରେ ।

ସୂର୍ଯ୍ୟ ଆହୁରି ମଥାଉପରକୁ ଆସିନାହାନ୍ତି । ଦିନ ବାରଟା ହୋଇନାହିଁ ।

ତିନିଜଣ ପାଣି ବୋହୁ ବୋହୁ ଥକିପଡୁଥିଲେ।

ଅଲଗା ବରଜରେ ଆଉ ବରଜିଆମାନେ ପାଣି ଦେଉଛନ୍ତି । ଏ ଆଡ଼ିଆରେ ମୋଟ ଦୁଇଶହରୁ ଅଧିକ ବରଜ ।

ଖରା ନିଆଁ ଭଳି ଦେହକୁ ଜାଳିଦେଉଛି ।

ତଳ ତାତିକୁ ଉପର ତାତି ମିଶିଯାଇଛି ।

ଆଡ଼ିଆ ଗଦାମ୍ବ ବାସନରେ ମହମହ ବାସୁଛି । ପ୍ରାୟ ସବୁ ଗଛରେ ଫୁଲ, ଫଳ ଭର୍ତ୍ତି ହୋଇଛି । ଚୁନି ଚୁନି ଧଳା ରଙ୍ଗର ଫୁଲ । କେଉଁଠି ବା ଚୁନି ଚୁନି କଷି ଖୁନ୍ଦିଯାଇଛି । କଞ୍ଚା, ପାଚିଲା ଗଦାମ୍ବରେ ଗଛଗୁଡ଼ିକ ନଦିପଡ଼ିଲା ଭଳି ଲାଗୁଛି ।

ଚାରିଆଡ଼େ ଖାଲି ଗଦାମ୍ବ ବଣ । କେଉଁଠି ଘଞ୍ଚ, କେଉଁଠି ପତଳା । ମଝିରେ ମଝିରେ ପାନବରଜ ଆଉ ଚୁଆ । ଠାଆକୁ ଠାଆ କଣ୍ଟେଇକୋଳି, ବଇଁଚକୋଳି, ଆଙ୍କ କୋଳିର ବୁଦା, ବଣୁଆ ଘାସବୁଦା । କେଉଁଠି ଅବା ନାମ-ଅଜଣା କେଉଁ ଘାସଫୁଲ । ସନିଆର ମଥା ଉପର ହେଇ ହଳଦୀବସନ୍ତଟିଏ ଉଡ଼ିଗଲା । ସନିଆ ତା'ର ହଳଦୀ ଗୁରୁଗରୁ ଦେହକୁ ଅନାଇ ବିଭୋର ହୋଇଯାଇଥିଲା । ନବଘନିଆ ପାଟି କଲା, କଅଣ ଦେଖୁଛୁ କିରେ? ତୋତେ ଭୋକ ଲାଗୁନି କି?

ସନିଆ ହସିପକାଇ ପୁଣି ଚୁଆକୁ ଓହ୍ଲାଇଗଲା ।

ଚୁଆରେ ପାଣି ନାହିଁ । କେତେଟା ଦଣ୍ଡିକିରୀ ଫକ ଫାକ ହେଉଛନ୍ତି । କଳସୀ ଭଲକରି ବୁଡୁନି । କେମିତି ଏସନ ପାନଗଛ ବଞ୍ଚିବ କେଜାଣି?

ଆଚ୍ଛା, ନବଘନିଆ, ପାନଗଛର ପ୍ରଧାନ ଖାଦ୍ୟ ପାଣି । ଅଥଚ ଗଦାମ୍ବ କଥା ଦେଖ । ବିନା ପାଣିରେ କେମିତି ଫଳରେ ଭାଙ୍ଗିପଡ଼ିଛି! ସନିଆ ପଚାରିଲା ।

ନବଘନିଆ ରାଗିଗଲା । ତୋର କଅଣ ହୋଇଛି କିରେ ସନିଆ? ଆଜି ଘରକୁ ଫେରିବାକୁ ମନ ନାହିଁ?

ତୋର କେତେ ହେଲାଣି କି? ସନିଆ ପଚାରିଲା ।

ତିନିପଣ ହୋଇନି । ନବଘନିଆ ଉତ୍ତର ଦେଲା । ଆହୁରି ଦି'ଗଣ୍ଡା ବାକି ।

ମୋର ତ ଜମା ଦୁଇପଣ । ଆଉ ଥାଉ ଆଜି । ଭଲଲାଗୁନି । ସେ କଳସୀଟିକୁ ଥୋଇଦେଇ ପାନଗଛରୁ ପୋକା ପତ୍ର ବାଛିବାକୁ ଲାଗିଲା । ପାନଗଛର ଏ ଏକ ଶତ୍ରୁ ।

ବରଜ ସାରା ଧାଡ଼ି କରି ଖଡ଼ି ପୋତା ହୋଇଛି । ସେଇ ଖଡ଼ି ଦେହରେ ଗୁଡ଼ାଇ ଉଠିଛି ପାନ-ଲତା । ଅଙ୍କେଇ ବଙ୍କେଇ । ବିଭିନ୍ନ ଆକାରର ପାନରେ ଭର୍ତ୍ତି ହୋଇଯାଇଛି ଖଡ଼ି ସବୁ । ଉପରେ ଇକଡ଼ରେ ତିଆରି ଛାଉଣୀ । ଆଉ ଚାରିପାଖେ ବତା, ଇକଡ଼ ଆଉ ସରରେ ତିଆରି ଟାଟି ।

ପାଟିରେ ପାନଖିଲେ ଦେଇ ରାଧୁ କହିଲା, ସନିଆର କାହିଁକି ଆଜି ଜଳବୁହାରେ ମନ ଲାଗୁନି, ମୁଁ ଜାଣେ ।

କହିଲୁ ଦେଖି! ସନିଆ ହସି ପଚାରିଲା ।

ନବଘନିଆ କହିଉଠିଲା, ମୁଁ ବି ଜାଣେ । ଦେଉଳାରୁ ଫେରିବା ଠାରୁ ସନିଆର ଏମିତି ହେଉଛି ।

ସନିଆ ଉତ୍ତର ଦେଲାନାହିଁ । ଅଳ୍ପ ହସିଲା ଯାହା । (କ୍ରମଶଃ)



## ଅନୁବାଦ ଗଳ୍ପ

# ଭଗବାନ ଓ ପୂଜକ

ମୂଳହିନ୍ଦୀ-
ବିଷ୍ଣୁ ପ୍ରଭାକର



ଅନୁବାଦ- ବିନୟ କୁମାର ଦାସ



ସେତେବେଳେ କିଛି ଉଚ୍ଚଜାତିର ଲୋକେ ନିମ୍ନବର୍ଗର ଲୋକଙ୍କୁ ଅଛୁଆଁ ଭାବରେ ଦେଖୁଥିଲେ । ସେଇଥିପାଇଁ ସେମାନେ ନିମ୍ନବର୍ଗର ଲୋକଙ୍କ ଠାରୁ ନିଜକୁ ସର୍ବଦା ଦୂରେଇ ରଖୁଥିଲେ । ମନ୍ଦିର ଭିତରକୁ କିମ୍ବା ସର୍ବସାଧାରଣ କୂଅମୂଳକୁ ନିମ୍ନବର୍ଗର ଲୋକଙ୍କ ଯିବାରେ ନିଷେଧ ଥିଲା ।

ଥରେ ଜଣେ ଅଛୁଆଁ ଲୋକ ଏକ ମନ୍ଦିରର ପୂଜକଙ୍କୁ ରାସ୍ତାରେ ଭେଟି ଯଥାମାନ୍ୟ ସମ୍ମାନ ଜଣାଇ କହିଲା, "ଆଜ୍ଞା, ଭଗବାନଙ୍କୁ ଦର୍ଶନ କରିବା ପାଇଁ ମୋ ମନ ଖୁବ୍ ବ୍ୟାକୁଳ ହେଉଅଛି । ମନ୍ଦିର ତ ଆମ ପାଇଁ ମନା । ତଥାପି ମନ ବୁଝୁନାହିଁ । ସତରେ କଣ ମୁଁ କେବେ ବି ଥରେ ମନ୍ଦିର ଭିତରକୁ ପ୍ରବେଶ କରି ପାରିବି ନାହିଁ ?" ତହୁଁ ପୂଜକ କହିଲେ, "ଦେଖ, ତୁମେ ନୀଚ କୁଳରେ ଜନ୍ମ ହୋଇଛ । ତେଣୁ ବିଧି ବ୍ୟବସ୍ଥା ଅନୁସାରେ ତୁମେ ମନ୍ଦିର ଭିତରକୁ ପ୍ରବେଶ କରି ପାରିବ ନାହିଁ ।"

"ସେତକ ତ ମୁଁ ଜାଣିଛି । ତେବେ ଆପଣ ଚାହିଁଲେ କିଛି ଗୋଟିଏ ବ୍ୟବସ୍ଥା କରି ପାରିବେ । ମରଣ ପୂର୍ବରୁ ଥରେ ମୋ ମନର ଆଶା ପୂରଣ କରି ଦିଅନ୍ତୁ ।" ପୂଜକ ଟିକେ ଚିନ୍ତା କରି କହିଲେ, "ତୁମେ ଯଦି ଏତେ ବ୍ୟସ୍ତ ହେଉଚ.. ତେବେ ଗୋଟିଏ ବାଟ ଅଛି । କିନ୍ତୁ ତୁମେ କଣ ପାରିବ ?" ମନ୍ଦିର ଭିତରକୁ ପ୍ରବେଶ କରି ଭଗବାନଙ୍କୁ ଥରେ ଦର୍ଶନ କରିବା ସକାଶେ ଆଉଟୁ ପାଉଟୁ ହେଉଥିବା ସେହି ଲୋକଟି ତତ୍କ୍ଷଣାତ୍ କହିଲା, "ସବୁ ପାରିବି ଆଜ୍ଞା...ଆପଣ ଖାଲି ବାଟ ବତାନ୍ତୁ । ଯେତେ କଷ୍ଟସାଧ୍ୟ ହେଲେ ବି ମୁଁ ସେତକ ନିଷ୍ଠାର ସହିତ କରିବି ।" ତହୁଁ ପୂଜକ କହିଲେ, "ହଉ ଠିକ୍ ଅଛି । ମୁଁ ଯେଉଁ ଢଂଗରେ କହୁଛି , ତୁମେ ସେମିତି ନୀତି ନିୟମ ମାନି ତପସ୍ୟା କର । ଦୁଇ ବର୍ଷ ପରେ ମୋତେ ସାକ୍ଷାତ କର । ତାପରେ ମୁଁ ତୁମ କଥା ବିଚାର କରିବି ।"

ଲୋକଟି ପୂଜକଙ୍କ କଥା ଅନୁସାରେ ନିଷ୍ଠାର ସହିତ ତପସ୍ୟା ଆରମ୍ଭ କରିଦେଲା । ଇତି ମଧ୍ୟରେ ଦୁଇ ବର୍ଷ ଯାଇ ତିନି ବର୍ଷ ବି ବିତିଗଲା । କିନ୍ତୁ ସେ ପୂଜକଙ୍କ ପାଖକୁ ଗଲା ନାହିଁ କି ତାଙ୍କୁ ସାକ୍ଷାତ କରିବା ପାଇଁ ଜମା ଆଗ୍ରହ ପ୍ରକାଶ କଲା ନାହିଁ । ଦିନେ ସେହି ମନ୍ଦିର ବାଟ ଦେଇ ସେ ଯାଉଥିବା ସମୟରେ ଦୈବାତ୍ ପୂଜକଙ୍କ ସହ ଭେଟ ହୋଇଗଲା । ପୂଜକ ଲକ୍ଷ୍ୟ କଲେ ଲୋକଟି ତାଙ୍କୁ ଦେଖିଲା ଅଥଚ ନ ଦେଖିଲା ପରି ବ୍ୟବହାର କଲା । ସେ ଆଶ୍ଚର୍ଯ୍ୟ ହେଲେ । ନିଜ ଆଡୁ ତାକୁ ଡାକି ପଚାରିଲେ , "ଏହା ଭିତରେ ତ ଦୁଇ ବର୍ଷ ବିତିସାରିଲାଣି । ମୁଁ ତ ତୁମକୁ ମାତ୍ର ଦୁଇବର୍ଷ ସମୟ ଦେଇଥିଲି ତପସ୍ୟା ପାଇଁ.. ତାପରେ ମୋତେ ସାକ୍ଷାତ କରିବା କଥା । ଅଥଚ ତୁମ ଠାରେ କାହିଁ ସେ ପୂର୍ବ ଆଗ୍ରହ ଜମା ଜଣା ପଡୁନାହିଁ ? କଥା କଣ ? ତପସ୍ୟା କରିବାରେ କିଛି ସମସ୍ୟା ହେଲା କି ?"

ଲୋକଟି ପୂଜକଙ୍କୁ ଯଥାମାନ୍ୟ ଜଣାଇ କହିଲା, " ନା ..ମୋର କିଛି ସମସ୍ୟା ହୋଇନି । ବରଂ ମୋ ତପସ୍ୟାର ଫଳ ମୋତେ ପ୍ରାପ୍ତ ହୋଇସାରିଛି । ମୋତେ ସ୍ୱୟଂ ଭଗବାନ ଦର୍ଶନ ଦେଇ ସାରିଛନ୍ତି ।"

"କଣ କହୁଚ ତୁମେ ?"

"ହଁ ..ମୁଁ ଭଗବାନଙ୍କ ଦର୍ଶନ ଲାଭ କରି ସାରିଛି । ସେ ମୋତେ ଦର୍ଶନ ଦେଇ କହିଲେ , ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ..କି ବର ମାଗୁଛ ମାଗ । ମୁଁ କହିଲି..ପ୍ରଭୁ ଯଦି ଦୟା କରିଛନ୍ତି ତେବେ ଏତିକି ବର ଦିଅନ୍ତୁ ମୁଁ ମନ୍ଦିର ଭିତରକୁ ଯାଇ ଆପଣଙ୍କୁ ଦର୍ଶନ କରି ପାରିବି । ତହୁଁ ସେ ହସିଲେ । କହିଲେ, ମନ୍ଦିରକୁ ଯିବା ପାଇଁ ତୁ ଏତେ ବ୍ୟାକୁଳ ହେଉଛୁ କଣ ପାଇଁ ? ତୁ କଣ ଭାବୁଛୁ ସେଠିକି ଗଲେ ତୁ ମୋର ଦର୍ଶନ ପାଇବୁ? ଆରେ..ମୁଁ ପରା ହଜାର ହଜାର ବର୍ଷ ହେଲାଣି ନିଜେ ବି ସେଠାକୁ ଯାଇନାହିଁ ।"

ଏତକ ଶୁଣିବା ପରେ ପୂଜକଙ୍କ ମୁହଁ ଶୁଖିଗଲା । ହେଲେ ତାଙ୍କର ଆତ୍ମଗର୍ବ ତଥାପି ଦୂର ହେଲା ନାହିଁ । ଆଜି ବି ସେ ପ୍ରଭୁହୀନ ମନ୍ଦିରରେ ଦ୍ୱାର ବନ୍ଦ ପୂର୍ବକ ପୂଜା ଅର୍ଚ୍ଚନାରେ ବ୍ୟସ୍ତ ରହୁଛନ୍ତି ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ-୭୯୭୮୮୬୦୩୬୩

## ସାମ୍ପ୍ରତିକୀ...



**ସୁବ୍ରତ ପଟ୍ଟନାୟକ**

# ଆଦର୍ଶ ବିଦ୍ୟାଳୟର ଭିତିରି କଥା

**ଭାତହାଣ୍ଡିରୁ ଗୋଟିଏ ଭାବେ ଆମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସୁନ୍ଦରାପାଳ, ହାଟଡିହିକୁ ଆଲୋଚନା କରୁଚେ । ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୮୮ । ପୁଅ ୧୫୫, ଝିଅ ୨୩୩ । ପ୍ରତି ଶ୍ରେଣୀରେ ଦୁଇଟି ଲେଖାଏଁ ସେକ୍ସନ୍ । ଅର୍ଥାତ୍ ସମୁଦାୟ ଦଶଟି ସେକ୍ସନ୍‌ରେ ପାଠପଢ଼ା ଚାଲିଛି । ମୁଣ୍ଡ ଗଣତି ଭାବେ ଦଶଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି । ସାଧାରଣରେ ଧାରଣା ଦଶଟି ସେକ୍ସନ୍‌କୁ ୧୦ ଶିକ୍ଷକ ରୀତିମତ ପାଠ ପଢ଼ାଉଥିଲେ ।**

ଗ୍ରାମାଞ୍ଚଳରେ ମେଧାବୀ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଗଢ଼ାଗଲା ଆଦର୍ଶ ବିଦ୍ୟାଳୟ । ସେଠାରେ ଇଂଲିଶ୍ ମିଡିୟମ୍ ବା ସିବିଏସ୍‌ଇ ଢାଞ୍ଚାରେ ପଢ଼ାଗଲା ପାଠ । ଷଷ୍ଠରୁ ଦଶମ କିମ୍ବା ଦ୍ୱାଦଶ ଶ୍ରେଣୀ ଯାଏ ପିଲାଏ ପଢ଼ିଲେ । ପାଠପଢ଼ା ସହିତ ପିଲାଙ୍କୁ ମାଗଣା ହଷ୍ଟେଲ ସୁବିଧା, ଖେଳକୁଦ, କମ୍ପ୍ୟୁଟର, ଡ୍ରଇଂ ପେଣ୍ଟିଂ ଆଦି ଶିକ୍ଷା ଦିଆଯିବାକୁ ଉପରୁ ବଜାଗଲା । ଏଣ୍ଟ୍ରାନ୍ସ ପରିକ୍ଷା କରି ବଛାବଛା ମେଧାବୀ ପିଲାଙ୍କୁ ଆଦର୍ଶ ବିଦ୍ୟାଳୟକୁ ଅଣାଗଲା । ଉଭୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଆଦର୍ଶ ବିଦ୍ୟାଳୟକୁ ନେଇ ମନେ ମନେ ଗର୍ବ ଅନୁଭବ କଲେ ।

୨୦୧୭ ମସିହାରୁ ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଖୋଲିଲା । ୨୦୨୨ ମସିହାରେ ଦଶମ ଶ୍ରେଣୀ ଓ ଦ୍ୱାଦଶ ଶ୍ରେଣୀ ଫାଇନାଲ ପରୀକ୍ଷା ଦେଲେ । ଆଶା ଥିଲା ଆଦର୍ଶ ପିଲାଏ ପରିକ୍ଷାରେ ଖୁବ୍ ଭଲ କରିବେ । ମାତ୍ର ଦେଖାଗଲା, ସିବିଏସ୍‌ଇ ଓ ଆଇସିଏସ୍‌ଇ ପିଲାଏ ପରିକ୍ଷାରେ ଯେତିକି ପରସେନ୍‌ଟେଜ୍ ମାର୍କ ରଖିଛନ୍ତି ଆଦର୍ଶ ପିଲାଏ ସେହି ତୁଳନାରେ ପଛରେ ପଡ଼ିଛନ୍ତି । ସେମାନେ ଶତକଡ଼ା ଶହେ ପାଶ୍ କରିଛନ୍ତି ସତ ମାତ୍ର ଗ୍ରେଡ୍ ତାଲିକାରେ ସେମାନେ ତଳକୁ ଖସିଛନ୍ତି । ଏଭଳି ହେବାର କାରଣ କଣ? କାହିଁକି ପିଲାଏ ପଛରେ ପଡ଼ିଲେ? ଆମେ, ଏହାର କାରଣ ଜାଣିବା ପାଇଁ ଅନୁସନ୍ଧାନ କଲୁ । ସେଥିପାଇଁ କେନ୍ଦୁଝର ଜିଲ୍ଲାରେ ଥିବା କେତୋଟି ଆଦର୍ଶ ବିଦ୍ୟାଳୟକୁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଯାଇଥିଲା । ସେଥିରୁ ଯେଉଁ ତଥ୍ୟ ପାଇଲୁ, ତାହା ବଖାଣିଲେ ଅସଲ ରହସ୍ୟ ପଦାକୁ ଆସିବ ।

ଭାତହାଣ୍ଡିରୁ ଗୋଟିଏ ଭାବେ ଆମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସୁନ୍ଦରାପାଳ, ହାଟଡିହିକୁ ଆଲୋଚନା କରୁଚେ । ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୮୮ । ପୁଅ ୧୫୫, ଝିଅ ୨୩୩ । ପ୍ରତି ଶ୍ରେଣୀରେ ଦୁଇଟି ଲେଖାଏଁ ସେକ୍ସନ୍ । ଅର୍ଥାତ୍ ସମୁଦାୟ ଦଶଟି ସେକ୍ସନ୍‌ରେ ପାଠପଢ଼ା ଚାଲିଛି । ମୁଣ୍ଡ ଗଣତି ଭାବେ ଦଶଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି । ସାଧାରଣରେ ଧାରଣା ଦଶଟି ସେକ୍ସନ୍‌କୁ ୧୦ ଶିକ୍ଷକ ରୀତିମତ ପାଠ ପଢ଼ାଉଥିଲେ । ବାସ୍ତବ ଚିତ୍ର ଓଲଟା । ସ୍କୁଲରେ ହିନ୍ଦୀ ଓ ପିଇଟି ଶିକ୍ଷକ ନାହାଁନ୍ତି । ସଂସ୍କୃତି ଶିକ୍ଷକ, ଆର୍ଟ ଶିକ୍ଷକ, କମ୍ପ୍ୟୁଟର ଶିକ୍ଷକ ଅନ୍ୟ ବିଷୟରେ ପଢ଼ାଇବା ଅସମ୍ଭବ । ଗଣିତ ଓ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । କମ୍ପ୍ୟୁଟର ଶିକ୍ଷକ ଟ୍ରେନିଂ ଆଳରେ ମାସମାସ ଧରି ଡେପୁଟେସନ୍‌ରେ । କମ୍ପ୍ୟୁଟର ଶିକ୍ଷା ପୁରାପୁରି ଠପ୍ । ମଧ୍ୟାହ୍ନ ଭୋଜନ ରନ୍ଧା ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ପାଠ ପଢ଼ାଇବାକୁ ଆଦୌ ସମୟ ନାହିଁ । ତେଣୁ କେତୋଟି ସେକ୍ସନ୍ ଫାଙ୍କା ପଡ଼ିବା ଥୟ । ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନଥିବାରୁ ଅସ୍ଥାୟୀ ଭାବେ ୧୫କିଲୋମିଟର ଦୂରରେ ଛାତ୍ରଛାତ୍ରୀଙ୍କୁ ରଖା ଯାଉଛି । ଗାଡ଼ିରେ ଯିବା ଓ ଆସିବାରେ ଘଣ୍ଟାଏରୁ ଅଧିକ ସମୟ ଅପଚୟ ହେଉଛି । ସ୍କୁଲରେ ସୁଇପର ରାତ୍ରି ଜଗୁଆଳ ନଥିବାରୁ କ୍ଲାସ୍ ରୁମ୍ ଅସନା ହେଉଛି ।

ସୁନ୍ଦରାପାଳ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବାରିକ । ସେ ସୋସିଆଲ ଷ୍ଟଡିଜ୍ ଶିକ୍ଷକ । ଇତିହାସ, ଭୂଗୋଳ ଓ ନଗର ବିଜ୍ଞାନ ପଢ଼ାଇବା ତାଙ୍କ ଦାୟିତ୍ୱ । ୨୦୨୨ ଅଗଷ୍ଟ ୧୨ ତାରିଖରେ ତାଙ୍କ ବିରୋଧରେ କେତେକ ଛାତ୍ରୀ ଅଭିଯୋଗ କରିଛନ୍ତି । କ୍ଲାସ୍‌ରେ ଛାତ୍ରଙ୍କ ସହିତ ନିଶାସକ୍ତ ଭାବେ ପ୍ରେମାଳାପ ଓ ଅରୁଚିକର ଟିପ୍‌ପଣୀ ଦେଉଥିବା ବାବଦରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ, ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ ସେଠୀ, କେନ୍ଦୁଝର ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଡିଓ ବିଚିତ୍ରା ନନ୍ଦ କର, ବିଇଓ ଅଭୟ ବେହେରାଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି । କେବଳ ଏତିକିରେ କଥା ଅଟକି ନାହିଁ, ଅଗଷ୍ଟ ୨୨ ତାରିଖରେ ଷଷ୍ଠ ଶ୍ରେଣୀର ଜଣେ ଆଦିବାସୀ ଛାତ୍ରକୁ ସେ ଏକ ଲୁହା ପାଇପ୍‌ରେ ନିଷ୍ଠୁର ପିଟିଥିଲେ । ଇତିହାସ ବହିର ଦ୍ୱିତୀୟ ଅଧ୍ୟାୟ ପଢ଼ାଉଥିବା ବେଳେ ସେ ସମ୍ପୃକ୍ତ ଛାତ୍ରକୁ 'ଛଅ'ଟି ରତ୍ନ'ର ନାମ ପଚାରିଥିଲେ । ମାତ୍ର ପିଲାଟି ଉତ୍ତର ଦେଇ ନପାରିବାରୁ ତାକୁ ମାଡ଼ ହୋଇଥିଲା । ଏହି ମୁକ୍ତବୃତ୍ତ ସ୍ତମ୍ଭକାର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ଉତ୍ତର ଦେଲେ, ପିଲାଟିକୁ ଧୀରେ ପିଟିଛି । କ୍ଲାସ୍‌ରେ ଛଅଟି ରତ୍ନ କଣ ତାହାପୂର୍ବରୁ ପଢ଼ାଇଥିଲେ କି ବୋଲି ପ୍ରଶ୍ନ ହେବାରୁ ସେ ମନା କରିଥିଲେ । ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କେତେକ ଛାତ୍ରୀ କହିଲେ, ଅଗଷ୍ଟ ୧୫ ପ୍ୟାରେଡ୍ ପାଇଁ 'ସୁନ୍ଦର ମେକ୍‌ଅପ୍' ନେଇ ଆସିବାକୁ ସେ ବାରମ୍ବାର କହିଥିଲେ । ବିନା କାରଣରେ ପ୍ରଧାନ ଶିକ୍ଷକ ସେମାନଙ୍କୁ ଛୁଉଁ ଥିବାରୁ ସେମାନେ ଅସହଜ ମଣୁଥିଲେ । ଶହଶହ ଛାତ୍ରୀ ବିଦ୍ୟାଳୟରେ ପଢୁଥିଲେ ହେଁ କୌଣସି ଶିକ୍ଷୟିତ୍ରୀଙ୍କୁ ନେଇ 'ଯୌନ ଶୋଷଣ ନିରୋଧ ସେଲ' ଗଠନ କରାଯାଇ ନାହିଁ । ତା' ହୋଇଥିଲେ, ଏଭଳି ଅଘଟଣକୁ ରୋକାଯାଇ ପାରନ୍ତା ।

ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଏହି ମୁକ୍ତବୃତ୍ତ ସ୍ତମ୍ଭକାରକୁ କହିଛନ୍ତି କେତେକ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ମିଛ ଖବର ଛାପିଛନ୍ତି । ତାଙ୍କୁ ଗାଳି ଗୁଲଜ କରିଥିବା କେତେକ ସ୍ଥାନୀୟ ଲୋକଙ୍କ ବିରୋଧରେ ସେ ସୋସୋ ଥାନାରେ ଏତଲା ଦାଏର କରିଛନ୍ତି । ତେବେ ଏଭଳି ଅଭାବନୀୟ ଘଟଣା ଭବିଷ୍ୟତରେ ଘଟିବ ନାହିଁ ବୋଲି ସେ ଆମ ନିକଟରେ ଘୋଷଣା କରିଛନ୍ତି । ମାତ୍ର ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଲେଖା ପ୍ରସ୍ତୁତ କରିବା ପୂର୍ବରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତାଙ୍କୁ ଚାକିରିରୁ ସସ୍‌ପେଣ୍ଡ କରିଛନ୍ତି । ତାଙ୍କୁ ଦୈନିକ କେନ୍ଦୁଝର ଡିଇଓ ଅଫିସ୍‌ରେ ହାଜିରା ଦେବାକୁ ନିର୍ଦ୍ଦେଶ ରହିଛି । ସ୍କୁଲ ଗୁଡ଼ିକ 'ଦଣ୍ଡମୁକ୍ତ ଅଞ୍ଚଳ' । ମାତ୍ର ତା' ସାଙ୍ଗକୁ 'ନିଶାମୁକ୍ତ ଅଞ୍ଚଳ' ଲେଖାଯିବା ଆବଶ୍ୟକ ବୋଲି ତାଙ୍କର ଧାରଣା ।

ବ୍ୟାଚେଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାସ, ଗଣଶିକ୍ଷା ସଚିବ ଅଶ୍ୱସ୍ତ ଏସ ଏ ସମ୍ପର୍କରେ ଅବଗତ ଅଛନ୍ତି କି ନା ଆମେ ଜାଣୁନା । ଅନ୍ୟ ବିଦ୍ୟାଳୟରେ କଣ ଘଟୁଛି ନଘଟୁଛି ତାହା ସେମାନଙ୍କୁ ଅଧିକ ମାଲୁମ । ଆଦର୍ଶ ବିଦ୍ୟାଳୟ ପିଲାଙ୍କ ଭବିଷ୍ୟତ ପାଇଁ ଆମେ ଛୋଟ ପରାମର୍ଶ ଦେବାକୁ ଉଚିତ୍ ମଣୁଚେ । ପିଲାଙ୍କୁ ଷଷ୍ଠ ଶ୍ରେଣୀରେ ଭର୍ତ୍ତି କରି ଇଂଲିଶ୍ ମିଡିୟମ୍‌ରେ ପାଠ ପଢ଼ା ଯାଉଥିବାରୁ ପିଲାଏ ଠିକ୍ ଭାବେ ପାଠକୁ ଗ୍ରହଣ କରିପାରୁ ନାହାନ୍ତି ।

ତେଣୁ ଆଦର୍ଶ ବିଦ୍ୟାଳୟକୁ ଗଣଶିକ୍ଷା ବିଭାଗ ପ୍ରଥମ ଶ୍ରେଣୀରୁ ଆରମ୍ଭ କରିବାକୁ ଯୋଜନା କରୁ । କେବଳ ସେତିକି ନୁହେଁ ଗଣିତ, ବିଜ୍ଞାନ, ଇତିହାସ ଆଦି ପାଠ ପଢ଼ାଉଥିବା ଶିକ୍ଷକ ଇଂଲିଶ୍‌ରେ ଅଧିକ ଦକ୍ଷ ହେବା ଦରକାର । ଆମେ ଆଶା ଓ ପ୍ରାର୍ଥନା କରୁଛୁ, ଆଦର୍ଶ ବିଦ୍ୟାଳୟର ପିଲାଏ ଖୁବ୍ ଗୌରବ ଅର୍ଜନ କରନ୍ତୁ । ସେମାନଙ୍କ ପିତାମାତାଙ୍କ ସ୍ୱପ୍ନ ସାକାର ହେଉ । ଜୟ ଜଗନ୍ନାଥ ।

ଓରାଳି, କେନ୍ଦୁଝର
ମୋ: ୯୯୩୭୭୭୯୧୨୪୪

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

**ଭାଗ-୨୫**

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା...



ଉମାକାନ୍ତ ରାଉତ(ଅରୂପ)
♥ ଫ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଚାଳଘର ଆଗ ନୁଆଁଣିଆ ପରେ
ଜହ୍ନିଫୁଲ କଣିବାଡ଼
କୁଆଁର ପୁନେଇଁ ଚାନ୍ଦ ପାଇଁ ତୋଳା
କଇଁ ସହ କଇଁ ନାଡ଼ । ୨୫୧ ।

ଭିଟାମାଟି ପରେ ଖଂଜା ପରେ ଖଂଜା
ଏବେ ସେ ସ୍ମୃତି ପାଉଁଶ
ଆଉ କେଉଁଠିବି ପାଉନି ମୋ ଗାଆଁ
ଅନୂଢ଼ା କୁଆଁରୀ ହସ । ୨୫୨ ।

ସୂରୁଜ ଉଠିଲେ ଆକାଶ ଲଲାଟେ
ଉଛୁଳେ କଅଁଳ ଖରା
ଗାଆଁ ମନ୍ଦିରର ଦଧିନ ଭିତରେ
ଘୁମୁରେ ଘୁମୁରା ପାରା । ୨୫୩ ।

ବାଉଁଶ ବଣର ଡାହୁକ ପିଲାଟି
ଅରମା ବଣରେ ଲୁଚେ
ଆମ ଗାଆଁ ତୋଟା ଗହଳ ଗଛରେ
ଆମ୍ବ ଓ ପଣସ ପାଚେ । ୨୫୪ ।

ଗାଆଁ ବୋହୁଥିବା ନାଳି ସଡ଼କରେ
ହାଟୁଆ ହାଟକୁ ଚାଲେ
ଶଗଡ଼ମାନଙ୍କ ଶକତ ଅଣ୍ଟାରୁ
ଲଣ୍ଠନଟି ମାନ ଝୁଲେ । ୨୫୫ ।

କୁହୁଡ଼ି ଚରିଲେ ଗାଆଁର ଆକାଶ
ସବୁରି ଆଲୁଅ ଲିଭେ
ବହଳ ଅଂଧାର ନିଶା ଗରଜିଲେ
ଚଉକିଆ ଡାକ ଶୁଭେ । ୨୫୬ ।

ପ୍ରତିକୂଳତାର ଅଥୟ ଜଳେ ସେ
ନିର୍ବିକାର ପଦ୍ମପତ୍ର
ଅବିଚଳ ତା'ର ଓଁକାର ଧ୍ୱନି
ପ୍ରତିବଦ୍ଧତାର ମନ୍ତ୍ର । ୨୫୭ ।

ସରଳ ଶବ୍ଦଙ୍କ ବଳିଷ୍ଠ ଚେତନା
ଗାଇଆଳ ବଂଶୀଗୀତ
ପ୍ରେମ ବିହରର ଶକ୍ତ ଆଲିଙ୍ଗନ
ଚୁନିଚୁନି ପଟ୍ଟଚିତ୍ର । ୨୫୮ ।

ବିରହକୁ ସିଏ ଧୋଇ ଦେଇପାରେ
ଲୁହର ବନ୍ୟାରେ ଆହା
ପ୍ରେମର ଫସଲ ସୃଜିପାରେ ତା'ର
ମୌନାବତୀ ମାଟି ଆଁ । ୨୫୯ ।

ସଜସଂଜର ସଂପାନରେ ଯେବେ
ସଂଜବତୀଟିଏ ହସେ
ମନ ସରୋବର ନଳିନୀ ଓଠରେ
ଗାଁ ମହମହ ବାସେ । ୨୬୦ ।(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍,
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା

**୩୮**



**ଦୀପକ ରଂଜନ ମିଶ୍ର**

## ॥ ଆଣ୍ଡାମାନ ଦ ଇଣ୍ଡିଆନ୍ ବାଷ୍ଟାଇଲ୍-୨ ॥




ସେତେବେଳେ ଜେଲ୍‌ର ସ୍ଥିତି କିଛି ଭଲ ନଥାଏ । ପୁରୁଣା ହୋଇଯାଇଥିବାରୁ କାନ୍ଥରେ ସ୍ଥାନେ ସ୍ଥାନେ ସୃଷ୍ଟି ହୋଇଥାଏ ଫାଟ । ବର୍ଷା ସମୟରେ ଛାତରୁ ପାଣି ଗଳେ । ଆଣ୍ଡାମାନରେ ସେମିତି ବି ବର୍ଷକୁ ନଅମାସ ବର୍ଷା । ଆଠ ଦଶଦିନରେ କେତେବେଳେ କେମିତି ସୂର୍ଯ୍ୟଙ୍କ ଦର୍ଶନର ସୌଭାଗ୍ୟ ମିଳୁଥାଏ । କୋଠରୀଗୁଡ଼ିକ ସନ୍ତସନ୍ତିଆ ତଥା ଅନ୍ଧାରୁଆ । ତହିଁରେ ମଶା ଓ ଛାରପୋକଙ୍କ ରାଜତ୍ୱ । କଏଦୀମାନେ ସେଇ କୋଠରୀଭିତରେ ଥିବା କାଠ ପଟାରେ ଶୋଇରହି ନିଦ୍ରାହୀନ ରାତି ବିତାନ୍ତି । ମଶାଙ୍କ ଯୋଗୁଁ ପ୍ରାୟ ସମସ୍ତେ ହେଉଥିଲେ ମ୍ୟାଲେରିଆରେ ଆକ୍ରାନ୍ତ । ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନଙ୍କୁ ରାତିରେ ଲଣ୍ଠନଟିଏ ବି ଦିଆ ହେଉ ନଥାଏ । କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ଲଣ୍ଠନ ଥାଏ ଏକ ବିଳାସର ସାମଗ୍ରୀ । ବେଳେ ବେଳେ କାନ୍ଥରେ ଥିବା ଫାଟ ଦେଇ ସାପମାନେ ପଶିଆସନ୍ତି କୋଠରୀ ଭିତରକୁ । ସର୍ପାଘାତରେ କଏଦୀଙ୍କ ମୃତ୍ୟୁ ବି ହୁଏ । ସମୁଦ୍ର ମଧ୍ୟରେ ଛୋଟ ଦ୍ୱୀପଟିଏ ହୋଇଥିବାରୁ ସେଠାରେ ପାନୀୟ ଜଳ ମିଳିବା ଥିଲା କଷ୍ଟ । ସରକାର ବି ତା'ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରୁ ନଥାନ୍ତି । ଜେଲ୍ ଭିତରକୁ ପାନୀୟ ଜଳ ଯୋଗାଣ ଥିଲା ସ୍ୱଳ୍ପ ଓ ଅନିୟମିତ । ଅଧିକାଂଶ ଦିନ କଏଦୀମାନେ ଗାଧୋଇବାର ବି ସୁଯୋଗ ପାଆନ୍ତି ନାହିଁ । ବେଳେ ବେଳେ ଖାଦ୍ୟ ପ୍ରସ୍ତୁତି ପାଇଁ ମଧ୍ୟ ପାଣି ଅଭାବ ହୋଇଯାଏ । ଜଳର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ତାକୁ ପିଇ ଝାଡ଼ାବାନ୍ତି, କୋଷ୍ଠକାଠିନ୍ୟ ତଥା କୃମିଦୋଷ ଦେଖାଦେଉଥିଲା ବନ୍ଦୀଙ୍କଠାରେ ।

ସେଠିକାର ସ୍ୱାସ୍ଥ୍ୟ ବିଭାଗ କଥା ନକହିବା ଭଲ । ରୋଗୀ ଡାକ୍ତରଖାନାକୁ ଗଲେ ତା'ର କଥା କେହି ବି ଶୁଣିବାକୁ ଆଦୌ ଇଚ୍ଛୁକ ନଥାନ୍ତି । ତାନ୍ତ୍ରିକ ମନ୍ତ୍ର ପଢ଼ି ମନ୍ତୁରା ପାଣି ଦେବାଭଳି ସେଠି ଥିବା କମ୍ପାଉଣ୍ଡର କାଠ ଆଲମାରୀରେ ରଖିଥିବା ଗୋଟିଏ କାଚ ବୋତଲରୁ କିଛି ରଙ୍ଗୀନ ପାଣି ଲୁହା କପ୍‌ରେ ଢାଳି ତାକୁ ପିଇବାକୁ ଦିଅନ୍ତି । ପ୍ରତ୍ୟେକ ରୋଗ ପାଇଁ ସେଇ ଏକା ବୋତଲର ନାଲିଆ ପାଣି । ରୋଗର ଲକ୍ଷଣ ବିଷୟରେ ଜାଣିବାର ଆଦୌ ଆଗ୍ରହ ହିଁ ନଥାଏ ଡାକ୍ତରଙ୍କର । କଏଦୀମାନେ ଏଭଳି ଅବିଚାର କଥା ଉଚ୍ଚ କର୍ତ୍ତୃପକ୍ଷଙ୍କ କାନକୁ ଆଣିଲେ ବି ଡାକ୍ତରଙ୍କ ବ୍ୟବହାରରେ କିଛି ପରିବର୍ତ୍ତନ ହେଉ ନଥାଏ । ସେଥିପାଇଁ ଅଧିକାଂଶ କଏଦୀ ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଖାନାକୁ ନଯାଇ ନିଜ କୋଠରୀ ଭିତରେ ପଡ଼ିରହିବା ଭଲ ବୋଲି ଭାବୁଥାନ୍ତି ।

ଜେଲ୍‌ରେ କଏଦୀଙ୍କୁ ଦିଆଯାଉଥିବା ଖାଦ୍ୟ ବି ଥାଏ ଖୁବ୍ ନିମ୍ନମାନର । ସକାଳୁ ସେମାନଙ୍କୁ ଗୋଟେ କପ୍ ଲପ୍‌ସି ପିଇବାକୁ ଦିଆ ଯାଉଥାଏ । ଚାଉଳକୁ ପାଣିରେ ସିଝାଇ ତାହା ପ୍ରସ୍ତୁତ ହୁଏ । ସେଥିରେ ଉପଯୁକ୍ତ ପରିମାଣର ଲୁଣ ବି ଦିଆ ହୁଏନି । ଅନେକ ସମୟରେ ସେଥିରେ ଧଳା, ଲମ୍ବା ଲମ୍ବା ଚାଉଳ ପୋକ ଭାସୁଥିବାର ଦେଖି କଏଦୀଙ୍କ ଭୋକ ମରିଯାଏ । ଦ୍ୱିପହର ବେଳକୁ ଭାତ, ରୁଟି, ଡାଲି ଓ ତରକାରୀ ଦିଆଯାଏ ଖାଇବାକୁ । ଆଣ୍ଡାମାନର ଜଳବାୟୁରେ ପନିପରିବା ଚାଷ ସେତେ ଭଲ ହେଉ ନଥିବାରୁ ଯାହା ଯେତିକି ବାହାରେ ତାହା ଅଧିକାରୀମାନଙ୍କ ପାଇଁ ନିଅଣ୍ଟ । କଏଦୀଙ୍କ ତରକାରୀ ହୁଏ ବିଭିନ୍ନ ପତ୍ର ଓ ଡାଳରେ । ତାହା ଥାଏ ସ୍ୱାଦହୀନ । ବର୍ଷା ଦିନିଆଁ ପୋଖରୀର ଗୋଳିପାଣି ଭଳି ଡାଲିର ଅବସ୍ଥା । ସେଥିରେ ଫାଳେ ଡାଲିର ଦର୍ଶନ ଭାଗ୍ୟରେ ଥିଲେ ଜୁଟେ । ଭାତ ଓ ରୁଟିର ଅବସ୍ଥା ବି ତଦ୍ରୂପ । ଭାରତରୁ ଚାଉଳ, ଅଟା, ଡାଲି ଇତ୍ୟାଦି ଜାହାଜରେ ସେଠାକୁ ନିଆଯାଇ ଗୋଦାମରେ ରଖାଯାଉଥାଏ । ସେଠାରେ ମାସ ମାସ ପଡ଼ି ରହିବା ଫଳରେ ସେଥିରେ ପୋକ ହୋଇଯିବା ସହ ବାହାରୁଥାଏ ଦୁର୍ଗନ୍ଧ । ତାକୁ ଖାଇବା ମାନେ ରୋଗ କିଣିବା । ସନ୍ଧ୍ୟା ପୂର୍ବରୁ ଡାଲି, ତରକାରୀ ଓ ରୁଟି ଖାଇବାକୁ ଦିଆଯାଏ । ତାହାବି ସେଇ ଧରଣର । କଏଦୀମାନେ ବାଧ୍ୟ ହୁଅନ୍ତି ତାକୁଇ ଖାଇ ପେଟ ପୂରାଇବା ପାଇଁ । ଖାଦ୍ୟ ଉପରେ ଆଖି ପଡ଼ିଗଲେ ବାନ୍ତି ଉଠାଉ ଥିବାରୁ ସେମାନେ ଖାଇବସିଲେ ସେ ଆଡ଼କୁ ଆଦୌ ଅନାଉ ନଥିଲେ । ତଥାପି କେହି ଅକସ୍ମାତ ଦେଖି ଦେଲେ ସେ ନଖାଇ ଉଠିଯାଏ ଚୁପଚାପ୍ । ସାଥୀମାନେ ବୁଝି ପାରନ୍ତି ତା'ର ଉଠିଯିବାର କାରଣ । ହେଲେ କେତେଦିନ ଜଣେ ନଖାଇ ଭୋକରେ ରହି ପାରିବ ? ତେଣୁ ରାଜବନ୍ଦୀମାନେ ଏଭଳି ଘୋର ଅବ୍ୟବସ୍ଥାର ବିରୋଧ କରିବାକୁ ମନସ୍ଥ କରନ୍ତି ।

ଭାରତରେ ଜେଲରେ ଥିବାବେଳେ ସେମାନଙ୍କୁ ସେମିତି କିଛି କଠିନ ପରିଶ୍ରମର କାମ କରିବାକୁ ଦିଆ ହେଉ ନଥିଲା । କିନ୍ତୁ ଆଣ୍ଡାମାନ ପହଂଚିବା ପରେ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ କରିବାକୁ ବାଧ୍ୟ କରାହୁଏ । ସନ୍ଧ୍ୟା ସୁଦ୍ଧା ନିର୍ଦ୍ଦିଷ୍ଟ ପରିମାଣର କାମ କରି ନପାରିଲେ ସେଥିପାଇଁ ଉପଯୁକ୍ତ ଦଣ୍ଡ ବିଧାନର ମଧ୍ୟ ବ୍ୟବସ୍ଥା ଥାଏ । ରାଜବନ୍ଦୀମାନେ ଉଚ୍ଚ ଶିକ୍ଷିତ ହୋଇଥିବାରୁ କେହି ଶାରୀରିକ ପରିଶ୍ରମ କରିବାରେ ଥାଆନ୍ତି ଅନଭିଜ୍ଞ । ଦେଶ ବିଦେଶର ଖବର ଜାଣିବା ପାଇଁ ପତ୍ର ପତ୍ରିକାର ଆବଶ୍ୟକତା ଅନୁଭବ କରୁଥିବା ବେଳେ ସେମାନଙ୍କୁ ସେଥିରେ ମଧ୍ୟ କଟକଣାର ସମ୍ମୁଖୀନ ହେବାକୁ ପଡ଼େ । ବହିପତ୍ର କିଣିବାକୁ ବି ଅନୁମତି ମିଳେନାହିଁ । ଜେଲ୍ ଭିତରେ ଖେଳକୁଦର କୌଣସି ବ୍ୟବସ୍ଥା ନଥିବା ବେଳେ ଚାଲ୍‌ବୁଲ୍ କରିବାର ମଧ୍ୟ ସ୍ୱାଧୀନତା ନଥାଏ । ଘରୁ ଚିଠି କି ପାର୍ଶଲ ଆସିଲେ ତାହା ମଧ୍ୟ ସେମାନଙ୍କୁ ଦିଆହେଉ ନଥାଏ । ଆଉ ସବୁଠାରୁ ଅସହ୍ୟ ଥାଏ ଜେଲ୍ କର୍ମଚାରୀଙ୍କ ସେମାନଙ୍କ ପ୍ରତି ଦୁର୍ବ୍ୟବହାର । ପ୍ରତି କଥାରେ ସେମାନଙ୍କୁ ସର୍ବ ସମକ୍ଷରେ ଅପମାନିତ କରାହେଉଥିବାଟା ସେମାନଙ୍କୁ ଖୁବ୍ ବାଧୁଥାଏ ।

ଏଇସବୁ କାରଣରୁ ରାଜବନ୍ଦୀଙ୍କ ଭିତରେ ଅସନ୍ତୋଷର ନିଆଁ କୁହୁଳୁଥିବା ସମୟରେ ଲାହୋର ଷଡ଼ଯନ୍ତ୍ର କେଶ୍‌ର ଅଭିଯୁକ୍ତ କମଲନାଥ ତିୱାରୀ, ବଟୁକେଶ୍ୱର ଦତ୍ତ, ମହାବୀର ସିଂହ, କୁନ୍ଦନଲାଲ ଓ ଡା. ଗୟାପ୍ରସାଦ ୧୯୩୩ ମସିହା ଜାନୁଆରୀ ମାସରେ ଆଣ୍ଡାମାନରେ ଯାଇ ପହଂଚନ୍ତି । ଭାରତୀୟ ଜେଲ୍ ମାନଙ୍କରେ ଏମାନେ ଦୀର୍ଘଦିନ ଧରି ଆମରଣ ଅନଶନ କରି ଆପଣା ଦାବି ପୂରଣ କରିବାକୁ କର୍ତ୍ତୃପକ୍ଷଙ୍କୁ ବାଧ୍ୟ କରିବାରେ ସଫଳ ହୋଇଥାନ୍ତି । ଲାହୋର ହରତାଳ ବେଳେ ସମଗ୍ର ଦେଶର ଜନସାଧାରଣ ସେମାନଙ୍କ ଦାବିକୁ ସମର୍ଥନ ଜଣାଇ ରାଜରାସ୍ତାକୁ ଓହ୍ଲାଇ ଆସିଥିଲେ ଓ ଶେଷକୁ ସରକାର ବାଧ୍ୟ ହୋଇଥିଲେ ମୁଣ୍ଡ ନୁଆଁଇବାକୁ । ତେଣୁ ସେଲ୍ୟୁଲାର ଜେଲ୍‌ରେ ପହଂଚିବା ମାତ୍ରେ ସେମାନେ ଜେଲ୍‌ର ବିଭିନ୍ନ ଅବ୍ୟବସ୍ଥା ଦେଖି ପୁଣିଥରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇ ଅନ୍ୟ ସହବନ୍ଦୀମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିଦିଅନ୍ତି । ଅନେକଦିନ ପର୍ଯ୍ୟନ୍ତ ଆଲୋଚନା ଚାଲେ । ସରକାରଙ୍କ ଠାରେ କ'ଣସବୁ ସେମାନଙ୍କର ଦାବି ରହିବ, କେମିତି ସେମାନେ ହରତାଳ ଆରମ୍ଭ କରିବେ ଓ ତାକୁ ଜାରି ରଖିବେ, କେଉଁ ପରିସ୍ଥିତିରେ ହରତାଳ ଭଙ୍ଗାହେବ, କେଉଁଭଳି ପରିସ୍ଥିତିରେ କ'ଣ ସବୁ ବୁଝାମଣା ହେବା ଆବଶ୍ୟକ ଇତ୍ୟାଦି ଇତ୍ୟାଦି । ଏଠିକାର ପରିସ୍ଥିତି ଦେଖି ସେମାନେ ଜାଣି ସାରିଥାନ୍ତି ଯେ ସେମାନଙ୍କୁ ଦୀର୍ଘଦିନ ହରତାଳ ଜାରି ରଖିବାକୁ ପଡ଼ିବ ତଥା ତାଙ୍କ ଭିତରୁ କେତେଜଣଙ୍କ ମୃତ୍ୟୁ ନହେବା ପର୍ଯ୍ୟନ୍ତ ଭାଇସରାୟଙ୍କ ନିଦ୍ରା ଭଙ୍ଗ ସମ୍ଭବ ନୁହେଁ ।

ଅନଶନର ପ୍ରାକ୍ ପ୍ରସ୍ତୁତି ପାଇଁ ଗୋଟିଏ ଛୋଟ କମିଟି ଗଠନ କରି ଆପଣା ଦାବିପତ୍ର ଲେଖି ଜେଲ୍ ଅଧିକାରୀଙ୍କୁ ଦିଆଯାଏ ସରକାରଙ୍କ ଉଦ୍ଦେଶ୍ୟରେ । ଉପରୁ କିନ୍ତୁ କିଛି ବି ଉତ୍ତର ଫେରେନାହିଁ । ଚିଫ୍ କମିଶନର ଓ ଜେଲ୍ ସୁପରିଂଟେଣ୍ଡେଣ୍ଟ ସେମାନଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ କଥାଟିକୁ ଟାଳି ଚାଲିଥାନ୍ତି । ପୂର୍ବରୁ ଏଭଳି ଯଥେଷ୍ଟ ଅନୁଭୂତି ଥିବାରୁ ଏମାନେ ମାତ୍ର ମାସେ ସମୟ ଦିଅନ୍ତି । ଯଦି ସେଇ ସମୟ ଭିତରେ ସରକାରଙ୍କ ଠାରୁ କିଛି ବି ବାର୍ତ୍ତା ନଆସେ ତେବେ ସେମାନେ ଆଉ କିଛି ବି ନଶୁଣି ହରତାଳ ଆରମ୍ଭ କରିଦେବେ । ଏଥର ରାଜବନ୍ଦୀମାନେ ଖୁସିରେ ଗୋଟିଏ ପରେ ଗୋଟିଏ ଦିନ ଗଣିବା ଆରମ୍ଭ କରିଦିଅନ୍ତି । ନିର୍ଦ୍ଧାରିତ ଦିନ ଆସି ପହଂଚିଯାଏ ହେଲେ କିଛି ବି ଖବର ସରକାରଙ୍କ ଠାରୁ ଆସେନାହିଁ । ଆପଣା ନିଷ୍ପତ୍ତି ମୁତାବକ ୧୯୩୩ ମସିହା ମଇ ମାସରେ ୩୩ ଜଣ ରାଜବନ୍ଦୀ ଜେଲ୍ ଭିତରେ ଆମରଣ ଅନଶନ ଆରମ୍ଭ କରନ୍ତି । ସେମାନଙ୍କ ସହିତ ଆହୁରି କେତେକ କମ୍ରେଡ୍ ହରତାଳରେ ଯୋଗଦେବାକୁ ଇଚ୍ଛା ପ୍ରକାଶ କରିବାରୁ ସେମାନଙ୍କୁ ପରିସ୍ଥିତି ଦେଖି ପରେ ଯୋଗ ଦେବାକୁ ପରାମର୍ଶ ଦିଆଯାଏ । ସରକାରଙ୍କ ସହ ରାଜବନ୍ଦୀଙ୍କ ସଂଘର୍ଷ ଆରମ୍ଭ ହୋଇଯାଏ । ଜେଲ୍ ଅଧିକାରୀମାନେ ଭାବୁଥିଲେ ଏମାନେ ସମସ୍ତେ ବାକ୍ୟବୀର ହୋଇଥିବେ ବୋଲି । କିନ୍ତୁ ବନ୍ଦୀମାନେ ସତକୁ ସତ ହରତାଳ ଆରମ୍ଭ କରିଦେବା ଦେଖି ସେମାନେ ବ୍ୟସ୍ତ ବିଚଳିତ ହୋଇଯାଆନ୍ତି । ପରିସ୍ଥିତି ଯେମିତି ଆଗକୁ ଆଉ ଅଧିକ ଖରାପ ନହୁଏ ସେଇଥିପାଇଁ ଯତ୍ନବାନ ହୋଇ ସେମାନେ ପ୍ରତ୍ୟେକ ହରତାଳକାରୀଙ୍କୁ ନେଇ ପାଞ୍ଚ ନମ୍ବର ବ୍ଲକ୍‌ର ପ୍ରଥମ ଓ ଦ୍ୱିତୀୟ ମହଲାର ଗୋଟିଏ ଗୋଟିଏ କୋଠରୀରେ ତାଲା ପକାଇ ରଖିଦିଅନ୍ତି । ଆଗରୁ ଯେତେ ଯାହା ଅତ୍ୟାଚାର କଲେ ବି କେହି କିଛି କହୁ ନଥିବା ଆଉ ଏଇ ଲାହୋର ଷଡ଼ଯନ୍ତ୍ରର ଅଭିଯୁକ୍ତମାନେ ଆସିବା ପରେ ହରତାଳର ସୂତ୍ରପାତ ହେବା ଦେଖି ଜେଲ୍ ଅଧିକାରୀମାନେ ଠଉରେଇ ସାରିଥାନ୍ତି ଯେ ସବୁ ନାଟର ଗୋବର୍ଦ୍ଧନ କେଉଁମାନେ ହୋଇଥିବେ । ତେଣୁ କମଳନାଥ ତିୱାରୀ, ବଟୁକେଶ୍ୱର ଦତ୍ତଙ୍କ ସାଙ୍ଗରେ ଆସିଥିବା ରାଜବନ୍ଦୀମାନଙ୍କୁ ପରସ୍ପର ଠାରୁ ଅଲଗା କରି କୋଠରୀମାନଙ୍କରେ ବନ୍ଦୀ କରିଦିଆଯାଏ ଯେମିତି ସେମାନେ ଚିତ୍କାର କଲେ ବି କାହାରି ଚିତ୍କାର କାହା ପାଖରେ ପହଞ୍ଚି ପାରିବ ନାହିଁ । ଅନେକ ଦିନ ସେମାନଙ୍କୁ ସେଇ ଅନ୍ଧାରୁଆ କୋଠରୀ ଭିତରେ ରହିବାକୁ ପଡ଼େ । ହରତାଳକାରୀଙ୍କୁ ସମର୍ଥନ ଜଣାଇ ଯେଉଁ ବନ୍ଦୀମାନେ କାର୍ଯ୍ୟବନ୍ଦ ଡାକରା ଦିଅନ୍ତି ସେମାନଙ୍କୁ ତୃତୀୟ ବ୍ଲକ୍‌ର ତଳ ମହଲାରେ ଓଜନିଆ ହାତକଡ଼ି ଓ ବେଡ଼ି ପିନ୍ଧାଇ ବନ୍ଦୀ କରିଦିଆଯାଏ । ପରସ୍ପର ଠାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲେ ଏମାନଙ୍କ ମନୋବଳ ଭାଙ୍ଗିଯିବ ବୋଲି ଆଶା କରିଥାନ୍ତି ଜେଲ୍ କର୍ତ୍ତୃପକ୍ଷ । କିନ୍ତୁ ରାଜବନ୍ଦୀମାନେ ସମସ୍ତେ ଥିଲେ ଖୁବ୍ ଦୃଢ଼ ମାନସିକତାର । ସେମାନେ ଯେକୌଣସି ପରିସ୍ଥିତି ଆସିଲେ ବି ଅନଶନ ତ୍ୟାଗ ନକରିବାକୁ ନିଷ୍ପତ୍ତି ନେଇଥାଆନ୍ତି ।

ଏଭଳି ହରତାଳକାରୀଙ୍କୁ ଜେଲ୍ ଭିତରେ ବଞ୍ଚେଇ ରଖିବା ପାଇଁ ବଳାତ୍‌ପାନର ବ୍ୟବସ୍ଥା କରିଥାନ୍ତି ଜେଲ୍ କର୍ତ୍ତୃପକ୍ଷ । ବଳପୂର୍ବକ ସେମାନଙ୍କ ନାକରେ ରବର ନଳୀ ପୂରାଇ ତହିଁରେ କ୍ଷୀର ଢାଳିଦିଆଯାଏ ଦିନେ ଦୁଇଦିନ ଅନ୍ତରରେ । ହେଲେ ଆଣ୍ଡାମାନରେ ସେତେବେଳେ ଥିବା ଡାକ୍ତରମାନଙ୍କର ଏଭଳି ବଳାତ୍‌ପାନ୍‌ର ଆଦୌ ଅଭିଜ୍ଞତା ହିଁ ନଥାଏ । ସାଧାରଣତଃ ଅନଶନକାରୀମାନେ ଦୁର୍ବଳ ହୋଇଗଲାପରେ ହିଁ ତାହା ଆରମ୍ଭ କରାଯାଇଥାଏ । କିନ୍ତୁ ଆଣ୍ଡାମାନର ଡାକ୍ତରମାନେ ଅନଶନ ଆରମ୍ଭ ହେବାର ଷଷ୍ଠଦିନ ହିଁ ବଳାତ୍‌ପାନ କରିବାକୁ ନିଷ୍ପତ୍ତି ନିଅନ୍ତି । ଯାହା ଫଳରେ ବନ୍ଦୀମାନଙ୍କର ପ୍ରବଳ ପ୍ରତିରୋଧକୁ ମଧ୍ୟ ସାମ୍ନା କରିବାକୁ ପଡ଼େ । ସାଙ୍ଗରେ ଆଠ ଦଶଜଣ ପଠାଣ କଏଦୀ ଧରି ସେମାନେ ଜଣେ ଜଣେ ଅନଶନକାରୀଙ୍କ କୋଠରୀକୁ ଯାଆନ୍ତି । ଦୁଇଜଣ ଡାକ୍ତର ଆପଣା ଦଳବଳ ସହ ମହାବୀର ସିଂହଙ୍କ କୋଠରୀରେ ପ୍ରବେଶ କରନ୍ତି । ଉତ୍ତର ପ୍ରଦେଶର ରାଜପୁତ୍, ଜଣେ ହଟ୍ଟାକଟ୍ଟା ପଞ୍ଚହତା ପହଲବାନ୍ ଥିଲେ ମହାବୀର ସିଂହ । ପଠାଣ କଏଦୀଙ୍କୁ ପନ୍ଦର କୋଡ଼ିଏ ମିନିଟ୍ ପର୍ଯ୍ୟନ୍ତ ରୀତିମତ୍ କୁସ୍ତି କରିବାକୁ ପଡ଼େ ତାଙ୍କୁ କାବୁ କରିବା ପାଇଁ । ଶେଷକୁ ତଳେ ପଡ଼ି ଧଇଁସଇଁ ହେବାବେଳେ ସମସ୍ତେ ଏକାବେଳେ ତାଙ୍କ ଉପରକୁ ଚଢ଼ିଯାଇ ମାଡ଼ି ବସନ୍ତି । ଡାକ୍ତରମାନେ ଭାବନ୍ତି ଏଥର ବଳାତ୍‌ପାନ୍ ଖୁବ୍ ସହଜରେ କରିହେବ ବୋଲି । ସେମାନେ କିନ୍ତୁ ମହାବୀର ସିଂହଙ୍କୁ ଜାଣି ନଥାନ୍ତି । ସିଏ ଥିଲେ ଏଇ ମାମଲାରେ ପୋଖତ । ଏଇଟା ଥିଲା ତାଙ୍କର ଅଷ୍ଟମ ଅନଶନ । ଡାକ୍ତରଙ୍କୁ ବୋକା ବନାଇବାର ସମସ୍ତ କୌଶଳ ତାଙ୍କୁ ମାଲୁମ୍ ଥାଏ । ଅତି ଅଭିଜ୍ଞ ଡାକ୍ତର ହିଁ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇ ପାରୁଥିଲେ । ଆଉ ଏଠିକାର ଡାକ୍ତରମାନେ ତ ଥିଲେ ସମ୍ପୂର୍ଣ୍ଣ ଅନଭିଜ୍ଞ । ନାକରେ ରବର ନଳୀ ପୂରେଇବା ବେଳେ ମହାବୀର ଖୁବ୍ ଜୋର୍‌ରେ କାଶିବାରୁ ତାହା ଗଳା ପାଖରେ ଖାଦ୍ୟନଳୀ ବଦଳରେ ଶ୍ୱାସନଳୀ ଭିତରକୁ ପଶିଯାଏ । ଡାକ୍ତର ତାହା ଜାଣି ନପାରି କ୍ଷୀର ଢାଳିବାର ଆଦେଶ ଦିଅନ୍ତି । ଫୁସ୍‌ଫୁସ୍‌କୁ କ୍ଷୀର ଚାଲିଯିବାରୁ ଭୀଷଣ କାଶ ହେବାସହ ମହାବୀର ସିଂହ ଛଟପଟ ହେବାକୁ ଲାଗନ୍ତି । ଏମାନେ କିନ୍ତୁ ପ୍ରକୃତ ପରିସ୍ଥିତି ବିଷୟରେ ଆଦୌ ଚିନ୍ତା କରି ନପାରି ଭାବନ୍ତି ସେ ବାହାନା କରୁଛନ୍ତି ବୋଲି । ତେଣୁ ସମସ୍ତେ ଏକା ଥରକେ ମାଡ଼ିବସି ପ୍ରାୟ ଦୁଇ ଲିଟର କ୍ଷୀର ନଳୀବାଟେ ଢାଳି ଦିଅନ୍ତି । କିଛିକ୍ଷଣ ଭିତରେ ହୃତ୍‌ସ୍ପନ୍ଦନ ମନ୍ଥର ହେବାସହ ସେ ସଂଜ୍ଞାହୀନ ହୋଇ ପଡ଼ିବାରୁ ଡାକ୍ତର ପରିସ୍ଥିତିର ଗମ୍ଭୀରତା ହୃଦୟଙ୍ଗମ କରି ତାଙ୍କୁ ଡାକ୍ତରଖାନାକୁ ନେଇଯିବାକୁ ଆଦେଶ ଦିଅନ୍ତି ।

ପଠାଣ କଏଦୀମାନେ ତାଙ୍କୁ ଷ୍ଟ୍ରେଚର୍‌ରେ ବୋହିନେବା ବେଳେ ସାଥୀମାନେ ତାଙ୍କ କୋଠରୀ ଭିତରୁ ତାହା ଦେଖି ପ୍ରମାଦ ଗଣନ୍ତି । କ'ଣ ହୋଇଛି ମହାବୀରଙ୍କର ତାହା ଜାଣିବା ପାଇଁ ଯେତେ ଚିତ୍କାର କରି ଡାକ୍ତରଙ୍କୁ ପଚାରିଲେ ବି ସେ ଦୁହେଁ କିଛି ନକହି ଚୁପଚାପ୍ ଚାଲିଯାଆନ୍ତି । ସାରାଦିନ ସାଥୀମାନେ ଅପେକ୍ଷା କରି ରହନ୍ତି ତାଙ୍କ ବିଷୟରେ କିଛି ଖବର ପାଇବା ଆଶାରେ । ଲାହୋରରେ ଜତୀନ୍‌ଦା'ଙ୍କ ବୀରଗତି ପ୍ରାପ୍ତି ପରେ ତାଙ୍କୁ ଜେଲ୍ ଭିତରେ ସମସ୍ତ କଏଦୀ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଆସି ଜେଲ୍ ଫାଟକ ପର୍ଯ୍ୟନ୍ତ ତାଙ୍କ ଶବାଧାର ସହିତ ଯାଇଥିଲେ । ଏବେ ସେଇଭଳି କିଛିର ଆଶା କରୁଥିଲେ ବନ୍ଦୀମାନେ । କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ କିଛି ବି ସୂଚନା ନମିଳିବାରୁ ସେମାନେ ସମସ୍ତେ ଏକାଠି ହୋଇ ଖବର ନଜାଣିଲା ପର୍ଯ୍ୟନ୍ତ ନିଜ ନିଜ କୋଠରୀ ଭିତରକୁ ଯିବାକୁ ସ୍ପଷ୍ଟ ମନା କରନ୍ତି । ୱାର୍ଡ଼ରମାନେ ବଳ ପ୍ରୟୋଗ କରି ସେମାନଙ୍କୁ ପିଟିମାରି କୋଠରୀ ଭିତରକୁ ଠେଲି ତାଲା ବନ୍ଦ କରିଦିଅନ୍ତି । ଜେଲ୍ ଅଧିକାରୀଙ୍କ ଏଭଳି ବ୍ୟବହାର ତଥା ନିରବତାରୁ ବନ୍ଦୀମାନେ ତାଙ୍କ ସାଥୀ ମହାବୀର ନିଶ୍ଚିତ ବୀରଗତିକୁ ପ୍ରାପ୍ତ ହୋଇଛନ୍ତି ବୋଲି ଠଉରେଇ ନେଇଥାନ୍ତି । ସନ୍ଧ୍ୟା ଆଠଟା ବେଳେ ଜେଲ୍ ଘଣ୍ଟା ବାଜିବାରୁ ସମସ୍ତେ ନିଜ ନିଜ ବନ୍ଦ କବାଟ ପାଖରେ ଛିଡ଼ାହୋଇ ଗଳା ଫଟାଇ ଚିତ୍କାର କରି ତିନିଥର ସ୍ଲୋଗାନ୍ ଦିଅନ୍ତି - ଇନ୍‌କିଲାବ୍ ଜିନ୍ଦାବାଦ୍ । ସେଲ୍ୟୁଲାର ଜେଲ୍‌ର ନିର୍ଜୀବ କାନ୍ଥ ସହ ଦୂରରେ ଥିବା ଚିଫ୍ କମିଶନରଙ୍କ ବଙ୍ଗଳା ମଧ୍ୟ ସେଇ ସ୍ଲୋଗାନ୍‌ରେ ଥରିଉଠେ । ଏହାହିଁ ଥାଏ ଦିବଙ୍ଗତ ସାଥୀଙ୍କ ଉଦ୍ଦେଶ୍ୟରେ ରାଜବନ୍ଦୀଙ୍କର ଶେଷ ସେଲ୍ୟୁଟ୍ । (କ୍ରମଶଃ.....)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ଆଲୋଚନା...

# ଗୁର ସାକ୍ଷାତ୍ ପରଂବ୍ରହ୍ମ



ଗୁରୁଙ୍କୁ ନ ମଣିବ ନର, / ଗୁରୁ ହିଁ ସାକ୍ଷାତ ଈଶ୍ୱର ।

ଶିକ୍ଷା ଓ ସଂସ୍କୃତି ଯେ କୌଣସି ଦେଶର ସଭ୍ୟତାର ମାନଦଣ୍ଡ । ସଂସାରର ସୃଜନଶୀଳ ସ୍ଥିତିରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ଥାନ ଚିର ବନ୍ଦନୀୟ, ଅଭିନନ୍ଦନୀୟ । ଏମାନେ ଜାତୀୟ ଜୀବନର ଆତ୍ମାର ପରିଚୟ । ସବୁ ଶିକ୍ଷା ମୂଳରେ ଗୁରୁଙ୍କ ଆଦର୍ଶ ଓ ଅବଦାନ ଯଥେଷ୍ଟ ରହିଛି । ଶିକ୍ଷା ମଣିଷର ଭାବମୂର୍ତ୍ତି ବଦଳାଏ, ମଣିଷକୁ ସୁମାର୍ଜିତ କରାଏ, ସୁମାର୍ଗରେ ଯିବାପାଇଁ ପ୍ରବର୍ତ୍ତାଏ । ଶିକ୍ଷା ସର୍ବଦା ଅଗାଧ ଗାମ୍ଭୀର୍ଯ୍ୟରେ ପରିପୂର୍ଣ୍ଣ । ଗୁରୁ ଶବ୍ଦର ଅର୍ଥ ହେଉଛି ଗୁ ଅର୍ଥ ଅନ୍ଧକାର ରୁ ଅର୍ଥ ଆଲୋକ ଅର୍ଥାତ୍ ଯିଏ ଅନ୍ଧକାରରୁ ଜ୍ଞାନରୂପୀ ପୁନେଇଁର ଜ୍ୟୋସ୍ନା କୁ ଆହରଣ କରିବାକୁ ବାଟ ଦେଖାନ୍ତି ସେ ହିଁ ପ୍ରକୃତରେ ଗୁରୁ ପଦବାଚ୍ୟ ।

ଗୁରୁ ଚିରକାଳ ନମସ୍ୟ ଓ ପୂଜ୍ୟ । ଗୁରୁ ଅଜ୍ଞାନ ଅନ୍ଧକାର ଦୂର କରି ଶିଷ୍ୟକୁ ଜ୍ଞାନ ପ୍ରଦାନ କରନ୍ତି । ବିଦ୍ୟାର୍ଥୀ ମାନଙ୍କ ପାଇଁ ଗୁରୁ ହେଉଛନ୍ତି ବନ୍ଧୁ, ଦାର୍ଶନିକ ଏବଂ ପଥ ପ୍ରଦର୍ଶକ ।

ଗୁରୁ ବ୍ରହ୍ମା,ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର / ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ । ଅର୍ଥାତ ପରମାତ୍ମା ପରବ୍ରଂହ ହେଉଛନ୍ତି ଶୂନ୍ୟବାସୀ ନିରାକାର । ସ୍ଥୁଳ ସୂକ୍ଷ୍ମ କାରଣର ବହୁ ଉର୍ଦ୍ଧ୍ୱରେ ତାଙ୍କର ସ୍ଥିତି । ଜ୍ୟୋତି ସ୍ୱରୂପରେ ବିରାଜିଥାନ୍ତି ମହାଶୂନ୍ୟରେ । ତାଙ୍କର ସାକାର ସ୍ୱରୂପ ହେଉଛି ଗୁରୁ । ତେଣୁ ଓଡିଆ ଭାଗବତରେ ଅଛି ମୁହିଁ ବସଇ ଗୁରୁ ଦେହେ ମୋ ବିନୁ ଗୁରୁ ଭିନ୍ନ ନୁହେଁ । ନର ସ୍ୱରୂପ ଧାରଣ କରିଥିଲେ ମଧ୍ୟ ଭଗବାନଙ୍କ ଦିବ୍ୟଶକ୍ତି ପୂରି ରହିଥାଏ ତାଙ୍କଠାରେ । ତେଣୁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ବୋଲି କୁହାଯାଏ କାରଣ ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଏବଂ ମହେଶ୍ୱର ସଂହାର କର୍ତ୍ତା ଠିକ ସେହିପରି ଗୁରୁ ଶିଷ୍ୟ ମାନଙ୍କ ପାଖରେ ଥିବା ଅଜ୍ଞାନ ଓ କୁସଂସ୍କାରକୁ ଦୂରେଇ ସତ୍‌ଚେତନା ଓ ଦିବ୍ୟ ଗୁଣାବଳୀରେ ଆଲୋକିତ କରିଥାନ୍ତି ତାଙ୍କର ଗୁଣାବଳୀକୁ । ଶିକ୍ଷକ, ଅଧ୍ୟାପକ ଇନଷ୍ଟ୍ରକଟର,ଡେମନଷ୍ଟ୍ରେଟର ସମସ୍ତେ ଛାତ୍ର ଛାତ୍ରୀ ଙ୍କ ଦୃଷ୍ଟିରେ ଗୁରୁତୁଲ୍ୟ । ଗୁରୁ ଶବ୍ଦ ସଦ୍‌ଗୁରୁକୁ ବୁଝାଏ । ଅସଦ୍ ଗୁରୁ ,ଗୁରୁ ପଦବାଚ୍ୟ ନୁହେଁ । ଗୁରୁଙ୍କ ଚରିତ୍ର ସର୍ବଦା ବିଦ୍ୟାର୍ଥୀ ପ୍ରତି ସୁନ୍ଦର, ସାବଲୀଳ ହେବା ଦରକାର । ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବା ଗୁରୁ ଙ୍କର ପ୍ରଧାନ କର୍ତ୍ତବ୍ୟ । ପିଲା ମାନଙ୍କର ସୃଜନୀଶକ୍ତିର ବିକାଶ ସଙ୍ଗେ ସଙ୍ଗେ ସେମାନଙ୍କର ଧିଶକ୍ତିର ବିକାଶ କରାଇବା ଏବଂ ସୃଜନଶୀଳ ଗତିପଥରେ ବାଟ କଢ଼େଇନେବା ଶିକ୍ଷକର ଗୁରୁ ଦାୟିତ୍ୱ ।

ଗାନ୍ଧିଙ୍କ ମତରେ ଶିଶୁର ସାମଗ୍ରିକ ଅଭିବୃଦ୍ଧି ହିଁ ଶିକ୍ଷା ।

ବିବେକାନନ୍ଦଙ୍କ ମତରେ - ଚରିତ୍ର ଗଠନ ହିଁ ଶିକ୍ଷା ।

ଶିକ୍ଷା ମଣିଷର ଏକ ମୌଳିକ ଅଧିକାର, ଏକ ପ୍ରାକୃତିକ ବିଭବ । ପ୍ରାଗୈତିହାସିକ ଯୁଗରେ ମଣିଷ ପରିବେଶ ସହିତ ନିଜକୁ ଖାପ ଖୁଆଇ ଚଳେଇବା ପାଇଁ ଯେଉଁ ଚିନ୍ତନ ଓ ଧିଶକ୍ତିର ବ୍ୟବହାର କରୁଥିଲା ସେହିଠାରୁ ଆରମ୍ଭ ହେଲା ମଣିଷର ଶିକ୍ଷା । ବିଦ୍ୟାଳୟ ଏପରି ଏକ ସ୍ଥାନ ଯେଉଁଠାରେ ପିଲାଟିର ଭବିଷ୍ୟତ ଗଢ଼ିବା ପାଇଁ ପିତାମାତା ଶିଶୁଟିକୁ ଛାଡିଥାନ୍ତି । ଗୁରୁଙ୍କୁ ଈଶ୍ୱର ସମ କରିବା ଦ୍ୱାରା ଆମର ପଂଚ ଇନ୍ଦ୍ରିୟ ଯଥା; ଚକ୍ଷୁ,ନାସା, କର୍ଣ୍ଣ, ଜିହ୍ୱା ଓ ତ୍ୱକ ପଂଚ କର୍ମନ୍ଦ୍ରିୟ ଯଥା; ପାଦ, ପାଣି,ବାକ୍, ଉପସ୍ତ ଓ ପାୟୁ ସର୍ବୋପରି ମନ, ଏକାଦଶ ଇନ୍ଦ୍ରିୟ ସଂଯତ ହେଲେ ଆତ୍ମ ମନରେ ଯାବତୀୟ ଭୌତିକ ଜ୍ଞାନ ଓ ଦିବ୍ୟଜ୍ଞାନ ଲାଭ କରିବା ନିମିତ ଶ୍ରଦ୍ଧା ଜାତ ହେବ । ଗୁରୁଙ୍କ ଆଦେଶକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କଲେ ଆମେ ତମ ଗୁଣ, ରଜ ଗୁଣକୁ ଅତିକ୍ରମ କରି ସତ୍ୱ ଗୁଣରେ ଉପନୀତ ହେବା । ଫଳରେ ଆମ୍ଭେମାନେ ବୈଜ୍ଞାନିକ, ଦାର୍ଶନିକ, ପ୍ରାବନ୍ଧିକ, କବି, ଚିତ୍ରକର, ଚିକିତ୍ସକ, ଯନ୍ତ୍ରୀ ପଦବୀ ମଣ୍ଡନ କରି ପାରିବା । ଗୁରୁଭକ୍ତି ଓ ବ୍ରହ୍ମଚର୍ଯ୍ୟ ବଳରେ ବେଦବ୍ୟାସ, ଚତୁର୍ବେଦ, ଅଷ୍ଟାଦଶ ପୁରାଣ ଭାଗବତ ଗୀତା, ଶ୍ରୀମଦ୍ ଭାଗବତ୍ ରଚନା କରି କାଳଜୟୀ ହୋଇ ପାରିଛନ୍ତି । ସ୍ୱାମୀ ବିବେକାନନ୍ଦ, ଗୁରୁକୃପା ଲାଭକରି ସ୍ୱୀୟ ଜ୍ଞାନ ବଳରେ ସମଗ୍ର ବିଶ୍ୱକୁ ଜୟ କରି ପାରିଥିଲେ ।

ପ୍ରାଚୀନ ଭାରତରେ ପ୍ରତିଷ୍ଠିତ ବିଦ୍ୟାଳୟ ନ ଥିଲା କି ବେତନଭୋଗୀ କର୍ମଚାରୀ ଶିକ୍ଷା ପଦରେ ନିଯୁକ୍ତ ହେଉ ନ ଥିଲେ । ତାଳପତ୍ର ପୋଥି ଗୁରୁକୁଳ ଶିକ୍ଷା ଥିଲା ଶିକ୍ଷାର ମାଧ୍ୟମ । ଗୁରୁ ମାନେ ନିଷ୍କପଟ,ନିରଳସ ଶିକ୍ଷାଦାନ କରି ଆଶ୍ରମରେ ଉତମ ଚରିତ୍ରର ମନୁଷ୍ୟ ସୃଷ୍ଟି କରୁଥିଲେ । ଶିଷ୍ୟମାନେ ଶାନ୍ତ, ଶୃଙ୍ଖଳିତ ଜୀବନ ଅତିବାହିତ କରୁଥିଲେ । ଶସ୍ତ୍ର ଶାସ୍ତ୍ର, ନୀତିଶିକ୍ଷା, ଗୋପାଳନ, କୃଷି, ବୃକ୍ଷରୋପଣ, ଖାଦ୍ୟ ସଂରକ୍ଷଣ, ତପ,ଧର୍ମ ଆଚରଣ ଦ୍ୱାରା ମନୁଷ୍ୟ ମନର ସଂଯମ ରକ୍ଷା କରୁଥିଲେ । ବେଦାଧ୍ୟୟନ ଥିଲା ମୁଖ୍ୟ ବିଷୟ । ତକ୍ଷଶିଳା, ନାଳନ୍ଦା, ସାରନାଥ, ଉଜ୍ଜୟିନୀ ଥିଲା ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ । ସେତେବେଳକୁ ଶିଷ୍ୟମାନେ ଗୁରୁ ମାନଙ୍କୁ ହେଲୋ ସାର୍ ! ଗୁଡ ମର୍ଣ୍ଣିଙ୍ଗ । ହାଓ ଆର୍ ୟୁ ? ସମ୍ବୋଧିତ କରୁ ନ ଥିଲେ । ଆଗରେ ଭକ୍ତି ପ୍ରଦର୍ଶନ କରି ପଛରେ ଗୁରୁଙ୍କ ଉଦ୍ଦେଶ୍ୟରେ ଅପଭାଷା ପ୍ରୟୋଗ କରୁ ନ ଥିଲେ । ଗୁରୁ-ଶିଷ୍ୟ ପରଂପରା ଅତି ପବିତ୍ର ଓ ମଧୁର ଥିଲା । ଗୁରୁ ବ୍ରହ୍ମା ରୂପରେ ସୃଷ୍ଟିକର୍ତ୍ତା ଅର୍ଥାତ୍ ସେ ନୂଆ ଜିନିଷ ସୃଷ୍ଟି କରି ଶିଷ୍ୟକୁ ନବଜନ୍ମ ଦିଅନ୍ତି । ଗୁରୁ ବିଷ୍ଣ ରୂପରେ ପାଳନକର୍ତ୍ତା ଅର୍ଥାତ୍ ଶିଷ୍ୟକୁ ନିଜ ସନ୍ତାନ ଭାବି ଆଦର କରନ୍ତି । ସ୍ନେହ ପୂର୍ଣ୍ଣ ବ୍ୟବହାର କରି ସତ୍ ଉପଦେଶ ଦିଅନ୍ତି । ଗୁରୁ ମହେଶ୍ୱର ରୂପରେ ସଂହାର କର୍ତ୍ତା ଅଥାତ୍ ଶିଶୁର ଦୋଷ ଦୁର୍ବଳତାକୁ ସଂହାର କରନ୍ତି । ଅଜ୍ଞାନ ଅନ୍ଧକାର ଦୂର କରି ଜ୍ଞାନାଲୋକ ପ୍ରଦାନ କରନ୍ତି । ବିପଥଗାମୀ ମାନବ ସମାଜକୁ ସତ୍‌ମାର୍ଗରେ ପରିଚାଳିତ କରନ୍ତି । ଏ ଧରାପୃଷ୍ଠରେ ଯୁଗେ ଯୁଗେ ଅନେକ ସଦ୍‌ଗୁରୁଙ୍କ ଆବିର୍ଭାବ ଘଟିଛି । ସେମାନଙ୍କ ମଧ୍ୟରେ ନିଜର ନିଷ୍ଠା, ପବିତ୍ରତା ସତ୍ ଚରିତ୍ର ଓ ପ୍ରଗାଢ଼ ଜ୍ଞାନ ପାଇଁ ଗୁରୁ-ଶିଷ୍ୟ ମାନଙ୍କ ମନ ମନ୍ଦିରରେ ପୂଜାର ପାତ୍ର ରୂପେ ଚିର ସ୍ମରଣୀୟ ହୋଇ ରହୁଥିଲେ । ସେମାନଙ୍କ ମଧ୍ୟରେ ମହାପୁରୁଷ ସ୍ୱାଧୀନତା ସଂଗ୍ରମୀ ଯୋଗୀଶ୍ରେଷ୍ଠ ପରମ ପ୍ରଭୁ ଶ୍ରୀ ଅରବିନ୍ଦ ଓ ସର୍ବପଲ୍ଲୀ ରାଧାକୃଷ୍ଣନ ଉତ୍ୟାଦି ଅନ୍ୟତମ । ପ୍ରତିବର୍ଷ ଗୁରୁଦିବସ ଦିନ ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ନାମକୁ ସୁମରଣା କରି ସେପଟେମ୍ବର ମାସ ୫ ତାରିଖରେ ପାଳନ କରାଯାଏ ଗୁରୁଦିବସ । ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ୧୮୮୮ ମସିହା ସେପଟେମ୍ବର ମାସ ୫ ତାରିଖରେ ତାମିଲନାଡୁର ଥିରୁଭାନିରେ ହୋଇଥିଲା । ସେ ଜଣେ ଦାର୍ଶନିକ ଥିଲେ, ପ୍ରଚଣ୍ଡ ସ୍ମୃତିଶକ୍ତିର ଗନ୍ତାଘର ଥିଲେ । ରାଧାକ୍ରିଷ୍ଣନଙ୍କୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଦିନୁ ତାଙ୍କ ସାଙ୍ଗସାଥୀ, ଅଧ୍ୟାପକମାନେ ଖୁବ୍ ଭଲ ପାଉଥିଲେ । ସେ ଖୁବ୍ ଲାଜକୁଳା, ନମ୍ର ଓ ସୁଧୀର ଥିଲେ । ସେ ଥିଲେ ପ୍ରଭୁ ଭେଙ୍କେଟଶ୍ୱରଙ୍କ ପରମ ଭକ୍ତ । କେବଳ ହିନ୍ଦୁଧର୍ମରେ ନୁହଁ ଖ୍ରୀଷ୍ଟଧର୍ମରେ ମଧ ତାଙ୍କର ସୁଖ୍ୟାତି ଥିଲା ।

ମାନ୍ଦ୍ରାଜର ଖ୍ରୀଷ୍ଟିୟାନ କଲେଜରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀର ପ୍ରଥମ ହୋଇ ସେ ବି.ଏ ପାସ୍ କରିଥିଲେ । ତା’ ପର ବର୍ଷ ଟିଚରସ୍ କଲେଜରୁ କୃତିତ୍ୱ ସହିତ ଏଲ.ଟି ପାସ୍ କରିଥିଲେ । ୧୯୦୯ ମସିହାରେ ମାନ୍ଦ୍ରାଜର ପ୍ରେସିଡେନସି କଲେଜରେ ଅଧ୍ୟାପକ ରୂପେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ମହୀଶୂର ବିଶ୍ୱ ବିଦ୍ୟାଳୟରେ ଦର୍ଶନ ବିଭାଗରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ୧୯୨୬ ମସିହାରେ ସେ ହାଭାର୍ଡ଼ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଦର୍ଶନ କଂଗ୍ରେସରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଏବଂ ଭାରତୀୟ ଦର୍ଶନର ପ୍ରଚାର କରିଥିଲେ । ୧୯୩୧ ମସିହାରେ ସେ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟର କୁଳପତି ରୂପେ ଯୋଗ ଦେଇଥିଲେ । ୧୯୩୯ ଖ୍ରୀଷ୍ଟାବ୍ଦରେ ବାରଣାସୀର ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ତଥା ମଦନମୋହନ ମାଲବ୍ୟଙ୍କ ଅନୁରୋଧକ୍ରମେ ରାଧାକ୍ରିଷ୍ଣନ୍ ଉକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ରୂପେ ଯୋଗ ଦେଇଥିଲେ । ୧୯୪୯ ରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କ ପରାମର୍ଶକ୍ରମେ ସେ ରୁଷିଆର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ହୋଇଥିଲେ ସେ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଥିଲେ । ୧୯୫୨ ମସିହାରେ ସେ ଭାରତର ଉପରାଷ୍ଟ୍ରପତି ଭାବେ ଯୋଗ ଦେଇଥିଲେ । ୧୯୬୨ ମସିହା ମେ ମାସ ୧୨ ତାରିଖରେ ସେ ଭାରତର ଦ୍ୱିତୀୟ ରଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିଥିଲେ । ୧୯୬୩ ରେ ସେ ଇଂଲଣ୍ଡର ସର୍ବୋଚ୍ଚ ଉପାଧି ଅଡର ଅଫ ମେରିଟ ରେ ଭୂଷିତ ହୋଇ ଅଧିକ ଲୋକପ୍ରିୟ ହୋଇ ପାରିଥିଲେ । ୧୯୭୫ ଅପ୍ରେଲ ୧୬ ତାରିଖରେ ରାଧାକ୍ରିଷ୍ଣନ ୮୬ ବର୍ଷ ବୟସରେ ଭାରତବାସୀଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ ।

ସେ ଥିଲେ ଜଣେ ଜ୍ଞାନଯୋଗୀ । ଭାରତର ତଥା ପୃଥିବୀର ବିଭିନ୍ନ ଦେଶରୁ ବିଭିନ୍ନ ସମୟରେ ବହୁ ସମ୍ମାନସୂଚକ ପଦବୀ ଓ ଉପାଧି ଲାଭ କରିଥିଲେ । ସେ ମଧ ଭାରତ ଦର୍ଶନକୁ ବିଦେଶରେ ପହଞ୍ଚାଇ ବାରେ ସିଦ୍ଧହସ୍ତ ଥିଲେ । ଥରେ ତାଙ୍କର କିଛି ପ୍ରିୟ ଛାତ୍ର ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ଅନୁରୋଧ କରନ୍ତେ, ଜଣେ ଶିକ୍ଷକ ଭାବରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବାରୁ ଏବଂ ଶିକ୍ଷକ ସମାଜର ସମ୍ମାନାର୍ଥେ ସେ ତାଙ୍କ ଜନ୍ମ ଦିବସଟିକୁ ଗୁରୁଦିବସ ରୂପେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଭାରତ ସରକାର ତାହାକୁ କାର୍ଯ୍ୟକାରୀ କରାଇ ତାଙ୍କୁ ସମ୍ମାନିତ କରିବା ପାଇଁ ଭାରତରେ ଗୁରୁ ପରମ୍ପରାକୁ ବଜାୟ ରଖିବାରେ ସମର୍ଥ ହୋଇ ପାରିଛନ୍ତି ।



ଆଲେଖ୍ୟ : ଜୟଶ୍ରୀ ପଟ୍ଟନାୟକ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

## ସ୍ମୃତି ଶତଦଳ ୨୫୬

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ଜୀବନ ଶୈଳୀ- ଛୋଟା ଭୀମ୍



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ସୂର୍ଯ୍ୟାଲୋକର ଆଦ୍ୟ ଲଗ୍ନରୁ ସୂର୍ଯ୍ୟାସ୍ତର ମ୍ଳାନ କିରଣ ଅସ୍ତମିତ ହେବାଯାଏଁ ଜୀବନ ରାସ୍ତାରେ ଅବିଶ୍ରାନ୍ତ ଭାବରେ ଚାଲିଛି ଏବଂ ଅନେକ ସହଯାତ୍ରୀମାନଙ୍କୁ ଭେଟିଛି । ବେଳେବେଳେ ତାଙ୍କ ବିବିଧତାରେ ମୁଗ୍ଧ ହୋଇଛି ଓ ଆଉ କେତେବେଳେ ସେମାନଙ୍କର ଯନ୍ତ୍ରଣା ଓ ବିବଶତା ମତେ ମ୍ରିୟମାଣ କରିଦେଇଛି କିନ୍ତୁ ସତ କଥା କହିଲେ ମଣିଷ ଜୀବନର ଏହି ବିବିଧତା ହିଁ ମତେ ମୁଗ୍ଧ କରିଛି । ବିଭିନ୍ନ ସମୟରେ ସେମାନେ ରୋଗୀ ଭାବରେ, ରୋଗୀର ଆଟେଣ୍ଡାଣ୍ଡ ଭାବରେ ମୋ ସାମ୍ନାକୁ ଆସିଛନ୍ତି, ଯାହା ମୋ’ ମନରେ ଚିରଦିନ ଷ୍ଟାମ୍ପ ହୋଇ ରହିଯାଇଛି । ବିଶେଷ ଭାବରେ ଅଳ୍ପ ବୟସର ଝିଅମାନଙ୍କର କିଛି ଅସୁବିଧା ହେଲେ ମୁଁ ସେମାନଙ୍କୁ ଚିକିତ୍ସାରେ ଅଗ୍ରାଧିକାର ଦେଇଛି ।

ଆଗକାଳରେ ସାନପିଲାମାନେ ବା’ ପୁଅଝିଅମାନେ ମୋଟା ହେଲେ ସମସ୍ତେ ଖୁସି ହୋଇଯାଉଥିଲେ ବରଂ ପିଲାଦିନୁଁ ବେଶୀ ଓଜନର ପିଲାଟିଏ ଜନ୍ମ ହେଲେ ଅନେକେ ଆମ ପିଲାର ସ୍ୱାସ୍ଥ୍ୟ ଭଲ ଅଛି ଏବଂ ସେ ଡଉଲ ଡାଉଲ କୃଷ୍ଣଙ୍କ ଭଳି ଦିଶୁଛି ବୋଲି କହି ଗର୍ବ ଅନୁଭବ କରନ୍ତି, କିନ୍ତୁ ଆଜିକାଲି ଭାରତରେ ମୋଟା ଶିଶୁଙ୍କର ସଂଖ୍ୟା ତଥା ତାଙ୍କ ଦେହର ଚର୍ବିର ଆଧିକ୍ୟ ବହୁଗୁଣରେ ବଢିଯାଇଛି ଏବଂ ଏହା ଏକ ବିରାଟ ସମସ୍ୟା ସୃଷ୍ଟି କରିଛି । ଯେଉଁମାନେ ପିଲାବେଳୁ ବହୁତ ମୋଟା ହୋଇଯାଉଛନ୍ତି, ସେମାନେ ଅଳ୍ପ ସମୟରେ ହୃଦ୍‌ରୋଗ, ମଧୁମେହ ରୋଗ, ଉଚ୍ଚରକ୍ତଚାପ ଆଦି ରୋଗ ଭୋଗିଛନ୍ତି ।

ସେହିଭଳି ଗୋଟିଏ ଅତିରିକ୍ତ ମୋଟା ଝିଅକୁ ଭେଟିଥିଲି, ଯାହା କଥା ପୁଣି ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । । ସାଧାରଣତଃ ଅଳ୍ପବୟସର ଝିଅମାନଙ୍କୁ ପ୍ରାଇଓରିଟି ବେସିସ୍‌ରେ ମୁଁ ଚିକିତ୍ସା କରିଥାଏ । ସେଇ ଝିଅ ର ନାଁ ରଶ୍ମୀ (ଛଦ୍ମନାମ) ତା’ ମା’ ସାଙ୍ଗରେ ମୋ ପାଖକୁ ଆସିଥିଲା । ଝିଅଟି ଯେତେବେଳେ ମୋ ରୁମ ଭିତରକୁ ପଶି ଆସିଲା ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲି । ତାର ରୋଗର ଇତିହାସ ନେବା ପୂର୍ବରୁ ଆଗ ଝିଅର ଓଜନ ନେବାକୁ କହିଲି । ଓଜନ ଯନ୍ତ୍ର ଉପରେ ଠିଆ ହେଉ ହେଉ କଣ୍ଟା ଦେଖାଇଲା ମାତ୍ର ୧୨୫ କେ.ଜି. । ସେ ମୋ ମୁହଁକୁ ଚାହିଁଲା, ମୁଁ କିଛି କହିଲିନି । ବସିବାକୁ ଇଙ୍ଗିତ ଦେଲି । ସେ ନୁହେଁ ତା’ ମାଆ ହିଁ ମତେ କହିବା ଆରମ୍ଭ କଲେ “ମାଡ୍ୟାମ ବହୁ କଷ୍ଟରେ ଝିଅକୁ ଆପଣଙ୍କ ପାଖକୁ ନେଇ କରି ଆସିଛି, ସେ ମୋଟେ ଆସିବାକୁ ଚାହୁଁନଥିଲା । ତାର ମାସିକ ଋତୁସ୍ରାବରେ ଅସୁବିଧା ହେବା ସହ ଓଜନ ହୁ ହୁ ହୋଇ ବଢି ଚାଲିଛି । ତେଣୁ ବ୍ୟତିବ୍ୟସ୍ତ ହୋଇ ମୁଁ ଆପଣଙ୍କ ପାଖକୁ ତାର ଚିକିତ୍ସା କରିବାକୁ ଆଣିଛି । ଆପଣ ତା’ କଥା ବୁଝନ୍ତୁ । ପ୍ରାୟ ଏଇ ବୟସର ଝିଅମାନଙ୍କର ପଲିସିଷ୍ଟିକ ଓଭାରିଆନ ଡିଜିଜ ବା ପି.ସି.ଓ.ଡି ହୋଇଥାଏ ଏବଂ ସେଥିରେ ଏଇ ସବୁ ଲକ୍ଷଣ ଦେଖା ଦେଇଥାଏ ।

ତାର ସବୁ ପ୍ରକାର ରକ୍ତ ପରୀକ୍ଷା, ଅଲଟ୍ରାସାଉଣ୍ଡ ଆଦି ହେଲା ଏବଂ ଓଭାରିଆନ୍ ଟ୍ୟୁମର ହୋଇଛି ବୋଲି ଜଣାପଡିଲା । ଲାପାରୋସ୍କୋପିକ ଅସ୍ତ୍ରୋପଚାର ହେଉ କି ପେଟ କାଟି ଅସ୍ତ୍ରୋପଚାର ହେଉ, ଯେମିତି ହେଲେ ବି ତାର ଅତିରିକ୍ତ ଚର୍ବି ଅଂଶ କମାଇବାକୁ ପଡିବ । ତେଣୁ ମୋର ପ୍ରଥମ ଉପଦେଶ ଥିଲା, ଜୀବନ ଶୈଳୀ ପରିବର୍ତ୍ତନ ଓ ଖାଦ୍ୟ ପଦାର୍ଥରେ ନିୟନ୍ତ୍ରଣ ରଖି ଓଜନ କମାଇବା ହେଉଛି ଝିଅଟିର ପ୍ରଥମ କାମ । ଏଥିରେ ଝିଅଟି କିଛି ଉଁ କି ଚୁଁ ନକରି ମୁଣ୍ଡ ହଲାଇଲା । ଯେମିତି ଏଇ ସାଙ୍ଗେ ସାଙ୍ଗେ ସେ ଓଜନ କମାଇବାକୁ ବଦ୍ଧ ପରିକର । କିନ୍ତୁ ଝିଅଟିର ମା’ ଆଗକୁ ଚାଲି ଆସି କହିଲେ ମାଡ୍ୟାମ ଝିଅର ଦୈନିକ ଖାଦ୍ୟ ପଦାର୍ଥର ତାଲିକା ଆଗ ଶୁଣନ୍ତୁ । ସେ ଗାଁ ପାଖ କଲେଜରେ ପାଠପଢେ । ସେଥିରେ କୋ-ଏଜୁକେଶନ ଅଛି । ସେ ଘରୁ ସାଇକେଲ ଚଢି କଲେଜ ଯିବା ଆସିବା କରେ । ସକାଳ ଜଳଖିଆ ଆଗ ସଦ୍ୟ ଛଣା ହୋଇଥିବା ବରା ଓ ପିଆଜି ଖାଏ ଏବଂ ଏକାସାଙ୍ଗରେ ଗୋଟିଏ ନୁହେଁ କି ଦୁଇଟି ନୁହେଁ ଛଅ ଛଅଟି ଅଣ୍ଡା ନିଜେ ଭାଙ୍ଗି ଆମଲେଟ କରି ଖାଏ । ତା’ପରେ କଲେଜ ବାହାରେ । ରାସ୍ତାରେ ଖୁବ୍ ସ୍ପିଡରେ ଏମିତିକି ବେଳେବେଳେ ସ୍କୁଟରଠାରୁ ମଧ୍ୟ ଅଧିକ ଜୋରରେ ସାଇକେଲ ଚଲାଇ ଯାଏ । ତା’ର ମୋଟାପଣିଆ ଯୋଗୁଁ ବେଳେବେଳେ ପୁଅମାନେ ବହୁତ କମେଣ୍ଟ ମାରନ୍ତି । କଲେଜରୁ ଫେରିଲା ବେଳକୁ ତାକୁ ବହୁତ ଭୋକ ଲାଗୁଥାଏ । ଏଇ ସମୟରେ କେହି ପୁଅ ପିଲା କମେଣ୍ଟଟିଏ ମାରିଦେଲେ ସରିଗଲା କଥା ସେ, ସଙ୍ଗେ ସଙ୍ଗେ ସାଇକେଲ ଚଲାଇ ଗୋଡାଇ ଗୋଡାଇ ତାକୁ ଧରେ , ସ୍କୁଟିରେ ଯାଉଥିଲେ ବି ସେ ତା’ପାଖରେ ପହଞ୍ଚ, ପ୍ରଥମେ ତାର କାନ ଓ ସାର୍ଟ କଲର ଧରି ତାକୁ ଟାଣି ଆଣି ତଳେ ପକାଇ ଦିଏ ଏବଂ ତା’ପରେ ଅନବରତ ତା’ଉପରେ ବିଧା, ଗୋଇଠା, ଚାପୁଡା ଆଦି ବର୍ଷାଇଚାଲେ । ସେଇ ମାଡ ଓ ଗାଳି ଭିତରେ ତାକୁ ପ୍ରତିଜ୍ଞା କରାଏ ଯେ, ସାରା ଜୀବନ ଝିଅମାନଙ୍କୁ ଏପରି କମେଣ୍ଟ ମାରିବ ନାହିଁ । ବିଚରା ପିଲାଟି ବୋଧେ ତା’ ଜୀବନରେ ଏମିତି ମାଡ କେବେ କାହାଠାରୁ ଖାଇନଥିବ । କଲେଜରେ କି କ୍ଲାସ ରୁମରେ କେହି ପୁଅପିଲା ବଦମାସି କଲେ, ସେ ଛାଡେ ନାହିଁ । ତା’ ନାଲି ଆଖି ଓ ହାତ ବିଧାକୁ ସମସ୍ତେ ଡରନ୍ତି । ଆଜ୍ଞା ଏ ଝିଅ ପାଇଁ କେତେ ଫେରାଦ ମୁଁ କାହାଠୁ ଶୁଣିବି । ଶେଷକୁ ପ୍ରିନ୍ସିପାଲ ମଧ୍ୟ ତାଗିଦ୍ କଲେ ଓ ଆମକୁ ଚେତାବନୀ ଦେଲେ । ଯେଉଁଦିନ ସେ ପୁଅପିଲାଙ୍କୁ ମାଡ ମାରି ଆସିଥିବ, ଆସୁ ଆସୁ ଘରେ ପହଞ୍ଚି କହିବ, ସାଙ୍ଗେ ସାଙ୍ଗେ ମୋ ପାଇଁ ଚିକେନ୍ ତରକାରୀ କର । ସେଥିପାଇଁ ଘରେ କୁକୁଡା ପାଳିଛୁ । ସେ ନିଜେ ଗୋଟିଏ କୁକୁଡା ମୋଡିବ ଆଉ ଏକ କେଜି ଓଜନର ଚିକେନ ତରକାରୀ ଖାଇବ ଏବଂ ରାତିରେ ମାତ୍ର ୨୦-୩୦ଟି ଠୁଙ୍କା ପୁରୀ ଓ ଛେନା ତରକାରୀ ଖାଇବ । ତା’ଛଡା କେ.ଜି କେ.ଜି ଓଜନର ବାରମଜା ଓ କୁର୍‌କୁରେ ଦିନରାତି ଖାଉଥାଏ, ତା’ ପାଟି କେବେ ବନ୍ଦ ହୁଏନି । ଏଥିରେ କି ଡାଏଟିଂ ସେ କରିବ ?

ମା’ ଏ ସବୁ କଥା କହିଲା ବେଳେ ଝିଅଟି ମତେ ଜୁଲୁଜୁଲୁ ଆଖିରେ ଅନାଇଥାଏ, ଯେମିତି ଅତି ନିରୀହ ଝିଅଟିଏ, କିଛି ଜାଣିନି । କିନ୍ତୁ ତା’ ଦୁଷ୍ଟ ଆଖି ଭିତରେ ଦୁଷ୍ଟାମିର ଚିତ୍ର ମତେ ସ୍ପଷ୍ଟ ଦିଶୁଥିଲା । ଏ ସବୁ କୀର୍ତ୍ତି କଳାପ ଶୁଣିଲା ପରେ ମୋ ମୁହଁରୁ ଗୋଟିଏ ଶବ୍ଦ ତା’ ପାଇଁ ବାହାରିଥିଲା – ଛୋଟା ଭୀମ୍ । ମତେ ତ ସେ ହଁ ହଁ ମାରିଦେଲା । କିନ୍ତୁ କିଲୋଗ୍ରାମ କଥା ଛାଡନ୍ତୁ, ଗୋଟିଏ ଗ୍ରାମ ବି କମିବାର ନାଁ ଧରିଲାନି । ଏ ପ୍ରଫେସନରେ ବହୁତ ଝିଅ ଦେଖିଛି, କିନ୍ତୁ ସେ କୌତୁକିଆ ଝିଅର କଥା ଏ ଯାଏଁ ମନ ଭିତରେ ଖୋଦେଇ ହୋଇ ରହିଯାଇଛି । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୩)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

### ।। ତିନି ବନ୍ଧୁ ।।

ଏହା କହି ମୁଁ ତା’ କମ୍ବଳକୁ ଟାଣିଦେଲି । ତାକୁ ଭିଡ଼ି ଭିଡ଼ି ଶ୍ମଶାନଘାଟକୁ ଫେରିଲୁ । ସେ କିଛି କହିଲାନି । କିନ୍ତୁ ମୁହଁ ଫୁଲେଇ ଚାଲିଲା । ତା’ର ଟିକେ ବି ଇଚ୍ଛା ନଥିଲା । ତା’ଛଡ଼ା ତା’ ପାଖରେ କିଛି ଚାରା ନଥିଲା । କାହିଁକିନା ଏକୁଟିଆ ଘରକୁ ଫେରିବାକୁ ତା’ ପାଖରେ ସାହସ ନଥିଲା । ଏକଥା ମୁଁ ଜାଣି ସାରିଥିଲି । କିନ୍ତୁ ପୁନଶ୍ଚ ଶ୍ମଶାନଘାଟକୁ ଫେରିବା ମୋ ମନରେ ଅନ୍ୟ ଏକ ଭୟ ସୃଷ୍ଟି କରୁଥିଲା । କିନ୍ତୁ ମୁଁ ଡରିବିନି ବୋଲି ମନୋବଳ ଦୃଢ଼ କରି ସାରିଥିଲି ।

ଘାଟ ପାଖକୁ ଆସି ଆମେ ଠିକ୍ ସେହି ସ୍ଥାନରେ ବସିଗଲୁ । ଆମେ ଚୁପଚାପ୍ ବସିଥିଲୁ । ଆକାଶରେ ତାରା ଥଣ୍ଡାରେ ସ୍ଥିର ହୋଇଯାଇ ଥାଆନ୍ତି । କାକର ବହୁତ ପଡୁଥିଲା । ହାଲ୍‌କା ବାଦଲ କି କୁହୁଡ଼ି ଆକାଶରେ ଧୂଆଁ ପରି ଉଡୁଥିଲା । ପବନର ବେଗ ଆହୁରି ବଢ଼ି ଯାଉଥିଲା । ଯେଉଁଥିରେ ବାଲିଗୁଡ଼ା ବେଲୁନ ଉଡ଼ିଲା ପରି ଉଡୁଥିଲା । ପବନ ପାଇଁ ଗଙ୍ଗାନଦୀର ହୃଦୟରେ ବହୁତ ବଡ଼ ବଡ଼ ଢେଉ ସୃଷ୍ଟି ହେଉଥିଲା । ପଛପଟେ ଖପୁରୀ ଓ ନର କଙ୍କାଳ ସେମିତି ପଡ଼ିଥିଲା । କିନ୍ତୁ ଶବ ତା’ ସ୍ଥାନରେ ନଥିଲା । ଢେଉ ଠେଲି ଠେଲି ତାକୁ ଦୂରକୁ ନେଇଯାଇଥିଲା ।

ଶବ କୂଳକୁ କୂଳକୁ ଆସିବା ଦେଖି ମୁଁ ଭିତରେ ବହୁତ ଡରି ଯାଇଥିଲି । କିନ୍ତୁ ମୁଁ ଦୀନେଶ୍ୱରକୁ ସାହସ ଦେଲି । ଦେଖ୍ ଭାଇ ଡରିବୁନି । ପବନ ପାଇଁ ଢେଉରେ ପିଟି ହୋଇ ହୋଇ ଶବଟା କୂଳକୁ ଭାସି ଆସୁଛି । କିଛି ସମୟ ପରେ ପାଣିରେ ଆଗକୁ ଭାସିଯିବ ।

ଦୀନେଶ୍ୱର କିଛି କହିଲାନି । କେବଳ ମୋତେ ଏମିତି ଦୃଷ୍ଟିରେ ଚାହିଁଲା ଯେ ଯେମିତି ବଳି ଚଢ଼ାଯିବ ଆଉ କିଛି ସମୟ ପରେ । ମୁଁ ଅନୁଭବ କଲି ମୋ ସ୍ୱର ବହୁତ ଅସ୍ୱାଭାବିକ ହୋଇ ଯାଇଥିଲା ଏବଂ ମୋତେ ମୋ ନିଜକୁ ଡର ଲାଗୁଥାଏ ।

ଶବ କୂଳକୁ ନ ଆସି ବାଲିଆ ପଠାରେ କରେ କରେ ଲାଗି ଲାଗି ଆଗକୁ ଭାସି ଗଲା । ଏଥିରେ ମୋ ମନବଳ ସାମାନ୍ୟ ଦୃଢ଼ ହେଲା । ମୁଁ ଗୋଟେ ଅସ୍ୱାଭାବିକ ଉନ୍ମନା ହୋଇ ଦୀନେଶ୍ୱରକୁ କହିଲି, ‘ଭାଇ ଦୀନେଶ୍ୱର ଗୋଟେ ଗୀତ ଗାଇଲୁ । ଆମେ ବାଜି ଜିତି ଯାଇଛେ ।’

ଦୀନେଶ୍ୱର ଭଲ ଗୀତ ଗାଏ । ଏ ପର୍ଯ୍ୟନ୍ତ ଚୁପଚାପ୍ ବସି ସାମ୍ନାକୁ ଦେଖୁଥିଲା । ମୋ କଥା ଶୁଣି ଅଚାନକ ଖୁବ୍ ଜୋର୍‌ରେ ଗୀତ ଗାଇଲା । ‘ଚରଣ କମଳ ବନ୍ଦେ ହରିରାଇ’ । କିନ୍ତୁ ଠିକ୍ ଏତିକି ବେଳେ ପବନ ଖୁବ୍ ଜୋର୍‌ରେ ବହିଲା ।

ଆଖି ପାଖରୁ, ପଛପଟୁ, ମୁଣ୍ଡ ଉପରୁ ଚାରି ଆଡୁ ପବନରେ ବାଲି ଉଡୁଥିଲା । ପଛପଟୁ ହୁ ହୁ’ ଶବ୍ଦ ଆସୁଥିଲା । ମୋ ପଛପଟ ପଡ଼ିଥିବା ଖପୁରୀ ଉଡ଼ି, ଗଡ଼ିଗଡ଼ି ମୋ ପାଖରେ ପଡ଼ିଲା ଚାରିଫୁଟ ଦୂରରେ ।

ମୋ ହୋସ ଉଡ଼ିଗଲା । ଦୀନେଶ୍ୱର ଗୀତ ଗାଇବା ବନ୍ଦ କରିଦେଲା । ମୋ ସାରା ଶରୀରରେ ଅପରିସୀମ ଭୟ ଜୀବନ୍ତ କୀଟ ସାଲୁବାଲୁ ହେଲା ପରି ଅନୁଭୂତ ହେଲା ।

ତଥାପି ମୁଁ ଦୀନେଶ୍ୱରକୁ କହିଲି, ‘ତୁ ବିଲକୁଲ ଡରନା, ଗୋଟେ କବିତା ଶୁଣେଇଲୁ । ‘କିନ୍ତୁ ମୋ ମୁଠା ଝାଳେଇ ଯାଇଥିଲା । ଦାନ୍ତକୁ ଦାନ୍ତ ଲାଗିଯାଇ ଥିଲା ।

ସାଙ୍ଗେ ସାଙ୍ଗେ ସେ ମୋ ଆଡ଼କୁ ମୁହଁ କରି କମ୍ବଳ ଭିତରୁ ଡାହଣ ହାତ ବାହାର କରି, ମୁଠାକୁ ପବନରେ ଉଡ଼େଇ, ବୁଲେଉ ଚିଲେଇ ଚିଲେଇ ‘ଭୁଷଣ’ଙ୍କ କବିତା ଗାଇବାକୁ ଲାଗିଲା ।

ମୁଁ ଏବଂ ଦୀନେଶ୍ୱର ଦୁହେଁ ସ୍କୁଲର ଅନ୍ତାକ୍ଷରୀ ଟିମର ସଦସ୍ୟ ଥିଲୁ । ସେଥିପାଇଁ ଆମକୁ ଭୂଷଣ ତଥା ଅନ୍ୟ ପୁରୁଣା, ନୂଆ କବିଙ୍କର ବେହିସାବ କବିତା ମୁଖସ୍ଥ ଥିଲା । ହଁ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଆମେ ଯେତେବେଳେ କବିତା ପାଠ କରୁଥିଲୁ, ଦୀନେଶ୍ୱରର କବିତା ଆବୃତ୍ତି ସବୁଠୁ ଭିନ୍ନ ଥିଲା । ସେ ସବୁବେଳେ ଚିତ୍କାର କରି ଆବୃତ୍ତି କରେ, ଯେମିତି ବହୁତ କ୍ରୋଧ ଭରି ରହଛି ଭିତରେ ।

ଦୀନେଶ୍ୱର ଗଳାଫାଡ଼ି ଚିତ୍କାର କରି ଗାଉଥିଲା । ତା’ ମୁହଁ ବିକୃତ ଦେଖା ଯାଉଥିଲା । ବିଭିନ୍ନ ମୁଦ୍ରା କରି କରି ଗୀତ ଗାଉଥାଏ । ତା’ର ଏମିତି ଗୀତ ଗାଇବା ଦେଖି ମୋ ମନ ଭିତରେ ଅଦ୍‌ଭୂତପୂର୍ବ ଉତ୍ତେଜନା ସୃଷ୍ଟି ହେଉଥିଲା ଆଉ ମୋ ଭିତରେ କ୍ରୋଧର ଅନୁଭବ ହେଉଥାଏ । ଯେମିତି ମୋତେ କେଉଁ ଯୁଦ୍ଧ ଆହ୍ୱାନ କରୁଛି । ମୁଁ ବି ଭୂଷଣଙ୍କର ଗୋଟେ କବିତା ପଢ଼ିଲି । ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ବି ଆମେ ଗାଉଥିଲୁ । ଦେଶାତ୍ମକବୋଧ କବିତା ଥିଲା ।

ଆମେ ସବୁକିଛି ଭୁଲି ଆମେ କବିତା ପାଠରେ ମଗ୍ନ ରହିଲୁ । ଜଣେ ଗାଉଥିଲା, ଆଉ ଜଣେ ତା’ର ଉତ୍ତର ରଖୁଥିଲା । ଭୂଷଣଙ୍କର ଯେତେ କବିତା ମୋର ମନ ଥିଲା, ସବୁ ଆଗେ ସାରିଦେଲି, ତା’ ପରେ ଅନ୍ୟ କବିଙ୍କର କବିତା ଆବୃତ୍ତି କରିଲି । ଏବେ ସବୁ ଶୃଙ୍ଗାର ରସର କବିତା ସବୁ ମନେ ପଡ଼ିଲା । କିନ୍ତୁ ଏ ସବୁ କବିତାକୁ ବି ଆମେ ବହୁତ ଚିଲ୍ଲେଇ ଚିଲ୍ଲେଇ ଆବୃତ୍ତି କରିଲୁ । ଯେମିତି ଆମେ ଦୁହେଁ ଦୁହିଁଙ୍କର ଶତ୍ରୁ । ଦୁହେଁ କ୍ରୋଧରେ କବିତା ଆବୃତ୍ତି କରୁଥିଲୁ ।

ଆମ ପାଖରେ ବହୁତ କବିତା ଥିଲା । ଆମେ କଣ୍ଠସ୍ଥ କରି ରଖିଥିଲୁ । କହି ହେବନି କେତେଡେରି ପର୍ଯ୍ୟନ୍ତ ଆମେ ଚିଲ୍ଲେଇ ଚିଲ୍ଲେଇ କବିତା ଆବୃତ୍ତି କରିଥିଲୁ । ଆମେ ସବୁକଥା ଭୁଲିଯାଇଥିଲୁ ଅଥବା ଭୁଲିବା ପାଇଁ ଏଭଳି ଆଚରଣ କରୁଥିଲୁ । ଇଏ ଗୋଟେ ଅଦଭୂତ ଜିନିଷ ଆମ ସହ ଘଟୁଛି । ଯାହା ଆମେ କେବେ କଳ୍ପନା ବି କରି ନଥିଲୁ । ଦୀନେଶ୍ୱର ଯେମିତି ଗର୍ଜନ କରି ଗାଉଥିଲା, ତାହା ପ୍ରଶଂସନୀୟ । ମୋ ଉତ୍ତେଜନା ମୋ ଭିତରେ ରହୁନଥିଲା । ମୋ ଇଚ୍ଛା ହେଉଥିଲା ଦୀନେଶ୍ୱର ସହ ଲଢ଼ିବାକୁ । ତାକୁ ପକେଇ କି ବାଡ଼ନ୍ତି ନହେଲେ ତା ଠାରୁ ମାଡ଼ ଖାଆନ୍ତି ।

ଆମେ ଯେତେ ମନରେ ଥିବା ସବୁ କବିତା ଆବୃତ୍ତି କରି ସାରିଲୁ । ଆଉ କିଛି ମନେ ପଡୁ ନଥିଲା । ଦୀନେଶ୍ୱର ମୋତେ ପଚାରିଲା, କ’ଣ ଏବେ ପଂଝା ଲଢ଼େଇ କରିବା ?

ତା’ ସ୍ୱର ଆଗ ଅପେକ୍ଷ ଆହୁରି ଉତ୍ତେଜିତ ଥିଲା । ମୁଁ ଉତ୍ତର ଦେଲି ‘ହଁ’ ।

ତା’ ପରେ ଆମେ ପୁରାତନ କାଳର ଯୋଦ୍ଧା ମାନଙ୍କ ପରି ଯୁଦ୍ଧ କରିବାକୁ ଲାଗିଲୁ । ସବୁ ପ୍ରକାର ଯୁଦ୍ଧ କୌଶଳରେ ଲାଗିଗଲୁ । ଶେଷରେ ମଲ୍ଲଯୁଦ୍ଧ କରିବାକୁ ଲାଗିଲୁ । ପଂଝା ଲଢ଼େଇରେ ଦୀନେଶ୍ୱର ମୋ ଠାରୁ କମ୍‌ଜୋର୍ ଥିଲା । ପଂଝା ଲଢୁ ଲଢୁ ଦୁହେଁ ଦୁହିଁଙ୍କୁ ଠେଲି ପକେଇ ଦେଲୁ । କେତେ ସମୟ ପର୍ଯ୍ୟନ୍ତ ଆମେ କମ୍ବଳ ଫୋପାଡ଼ି ଗଡ଼ାତଡ଼ା ହେଉଥିଲୁ । ଆମେ ଶେଷରେ କୁସ୍ତି ଲଢ଼ିବା ଆରମ୍ଭ କରି ଦେଇଥିଲୁ । ଜଣାନାହିଁ ଆଉ କେତେ ସମୟ ପର୍ଯ୍ୟନ୍ତ ଏମିତି ଲଢ଼ି ଥାଆନ୍ତୁ କେଜାଣି ।

କିନ୍ତୁ ପଶ୍ଚିମପଟ ସ୍ନାନଘାଟରୁ ‘ହରେ ରାମ ହରେ ରାମ’ ଶବ୍ଦ ଭାସି ଆସିଲା । ଆମେ ସେ ଶବ୍ଦ ଶୁଣି ଚୁପଚାପ୍ ସ୍ଥିର ହୋଇ ଠିଆ ହେଲୁ ।

ଦୁହେଁ ସେହି ଦିଗକୁ ଚାହିଁଲୁ । ଏବେ ବି ସେମିତି ‘ହରେ ରାମ ହରେ ରାମ’ ଶବ୍ଦ ଶୁଭୁଥିଲା । ସେହି ଶବ୍ଦରେ ମୋର ସାରା କ୍ରୋଧ ଉତ୍ତେଜନା ସବୁ ସମାପ୍ତ ହୋଇଗଲା । ହୃଦୟରେ ଏକ ଅପୂର୍ବ ଖୁସିର ଶିହରଣ ଖେଳି ଗଲା । ବର୍ଣ୍ଣନା କରି ହେବନି ।

ଜଣା ପଡୁଥିଲା ଘାଟରେ କେହି ଜଣେ ସ୍ନାନ କରୁଛି । ମୂର୍ଖଙ୍କ ଭଳିଆ ଦୀନେଶ୍ୱର କହିଲା, ହଁ । ମୁଁ ଖୁସିକୁ ମୋ ଭିତରେ ରଖିଲି । ସକାଳ ହେବାକୁ ଆସିଲାଣି । ‘ଚାଲ ଚାଲ ପଳେଇବା ।’

ତା’ ପରେ ଆମେ ନିଜ ନିଜର କମ୍ବଳ ଘୋଡ଼େଇ ହେଲୁ, ଚପଲ ପିନ୍ଧିଲୁ । ଦୀନେଶ୍ୱର ଗୋଟିଏ ବିଚିତ୍ର ବ୍ୟବହାର କଲା ।

ଦୀନେଶ୍ୱର ତା’ ହାତ ମୁଠାକରି ଉପରକୁ ଉଠାଇଲା । ନାରା ଲଗାଇଲା ‘ଭାରତ ମାତା କି ଜୟ’ । ଏହି ନାରାରେ କେତେ ପ୍ରେରଣା ଦାୟିନୀ ଶକ୍ତି ଥିଲା ଯେ ମୁଁ ଆପେ ଆପେ ତା’ ସହ ଯୋଗ ଦେଇ ଚିଲ୍ଲେଇଲି । ମୋ ଭିତରେ ଏତେ ଉତ୍ସାହ ଥିଲା କି ମୁଁ ଖପୁରୀକୁ ଉଠାଇବାକୁ ତୀବ୍ର ଇଚ୍ଛା ହେଲା । ସେ ଖପୁରୀ ନରକଙ୍କାଳ ସେ ଶବ କେତେ ମାମୁଲି ଲାଗିଲେ ମୋତେ ସେହି ମୁହୂର୍ତ୍ତରେ । ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ ଏ ସବୁକୁ ଦେଖି ଆମେ ଏତେ ଭୟଭୀତ ଥିଲୁ କିଛି ସମୟ ପୂର୍ବରୁ । ମୁଁ ହାତରେ ତ ନୁହେଁ କିନ୍ତୁ ଡାହାଣ ଗୋଡ଼ ପଞ୍ଜାରେ ଖପୁରୀକୁ ଗୋଟେ ଗୋଇଠା ମାରିଲି ଯେ ଖପୁରୀ ଯାଇ ଖଣ୍ଡେ ଦୂରରେ । ଏଥିରେ ମୋତେ ଖୁବ୍ ସନ୍ତୋଷ ମିଳିଲା ।

ତା’ ପରେ ଆମେ ଶିଘ୍ର ଶିଘ୍ର ସ୍ନାନଘାଟକୁ ଚାଲିଲୁ । ସ୍ନାନ ଘାଟରେ ବହୁତସାରା ଲୋକ ସ୍ନାନ କରୁଥିଲେ । ‘ଜୟ ଗଙ୍ଗେ’, ‘ହର ହର ମହାଦେବ’, ‘ହରେ ରାମ’ ଶବ୍ଦରେ ଘାଟ ମୁଖରିତ ହେଉଥିଲା । ଆମେ ପୁରାପୁରି ଘାଟ ପାଖରେ ପହଞ୍ଚିଲୁ । ତୁରନ୍ତ ଦୁହେଁ ଦୁହିଁଙ୍କୁ ଦେଖି ହସିବାକୁ ଲାଗିଲୁ । ଆମ ହସ ବନ୍ଦ ହେଉନଥିଲା । ଆମେ ଘାଟ କୂଳରେ ବସି ବି ଅନେକ ସମୟ ହସିଲୁ । ତା’ ପରେ ଦୁହେଁ ଗଙ୍ଗାସ୍ନାନ କଲୁ । ସ୍ନାନ ସାରି ଆମେ ଅତ୍ୟଧିକ ଗମ୍ଭୀର ହୋଇଗଲୁ ।

କପଡ଼ା ପିନ୍ଧି ଯେତେ ବେଳେ ଆମେ ଘରମୁହାଁ ହେଲୁ ପୂର୍ବାକାଶ ଲାଲିମା ଦେଖାଯାଉଥିଲା । ପବନ ଶାନ୍ତ ହୋଇଯାଇଥିଲା । ମୁଁ ମୋ ଭିତରେ ଗୋଟେ ଅଦଭୂତ କ୍ଳାନ୍ତ ଅନୁଭବ କରୁଥିଲି । ମୋ ସାରା ଶରୀର ଧକ୍ ଧକ୍ ହେଉଥିଲା । ମାଂସପେଶୀ ସବୁ ଦରଜ । ତା’ ସହ ମୋ ଅନ୍ତର ଭିତରେ ଏକ ଅଦ୍‌ଭୁତ ଆତ୍ମବିଶ୍ୱାସସର ଅନୁଭବ ହେଉଥିଲା । ହଠାତ୍ ଯେମିତି ମୋ ବୟସ ବଢ଼ିଗଲା ଏବଂ ଦାୟିତ୍ୱବାନ ହୋଇଗଲି ଲାଗୁଥାଏ । ଲାଗୁଥାଏ କି ମୋତେ କୌଣସି ଜିନିଷରେ ଡର ନାହିଁ । ମୁଁ ଦୁନିଆରେ ସମସ୍ତଙ୍କ ସହ ତଥା ମୃତ୍ୟୁ ସହ ବି ଯୁଦ୍ଧ କରି ପାରିବି ।

ପରୀକ୍ଷା ସରିଗଲା ପରେ ଆମେ ଆଜାଦ ହୋଇଗଲୁ । ବର୍ତ୍ତମାନ ଆମେ କ୍ରାନ୍ତିକାରୀ ସଂଗଠନର କାର୍ଯ୍ୟକ୍ରମ ସବୁ କରିପାରିବୁ । ସର୍ବପ୍ରଥମ ଡାକବାଲା ଉପରେ ଡକାଏତି କରିବା ଯୋଜନାକୁ ତ୍ୱରାନ୍ୱିତ କରିବାକୁ ହେବ । (କ୍ରମଶଃ)

ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ଯୁବ ବିଜେଡି ବ୍ଲକ ସଭାପତିଙ୍କ ଧର୍ମପତ୍ନୀ ବିୟୋଗ : ଅଂଚଳରେ ଶୋକର ଛାୟା



ନୀଳଗିରି, ୦୩/୦୯ (ନି.ପ୍ର): ଔପଦା ବ୍ଲକ ଯୁବ ବିଜେଡି ସଭାପତି ବିଜୟ କୁମାର ପ୍ରଧାନଙ୍କ ଧର୍ମପତ୍ନୀ ନିର୍ବାଚନୀ ମହାନ୍ତି (୩୮) ଦୀର୍ଘ ଦିନ ଧରି କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ଦିନ ଉକ୍ତ ମେଡିକାଲରେ ମୃତ୍ୟୁବରଣ କରିଛନ୍ତି । ଉକ୍ତ ଦୁଃଖଦ ଖବର ଅଂଚଳରେ ପ୍ରସାରିତ ହେବାପରେ ଏକ ପ୍ରକାର ଶୋକର ଛାୟା ଖେଳି ଯାଇଛି । ମରଶରୀର କାଣ୍ଡଗରଡ଼ି ଗ୍ରାମ ପଂଚାୟତ ଅଙ୍କୁରଖୁଂଟା ପହଂଚିବା ପରେ ମରଶରୀର ନିକଟରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ବିଜେଡି ନେତା ସନ୍ତୋଷ ଖଟୁଆ, ଏସ.ସି. ସେଲ ସଭାପତି ଶରତ ଦାସ, ବିଜେପି ନେତା ଗଙ୍ଗାଧର ମିଶ୍ର, କପିଳ ସାମଲ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲାବିଜେଡି ଯୁବ ସଭାପତି ତାପସ କୁମାର ପରିଡ଼ା, ନୀଳଗିରି ବିଜେଡି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟା ଉଷାରାଣୀ ରାଉଳ, ପୂର୍ବତନ ଜିଲ୍ଲା ପରିଷଦସଭ୍ୟ ଶୁଭେନ୍ଦୁ ଶେଖର ଜେନା ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକ ସନ୍ତପ୍ତ କରିବାରକୁ ସମବେଦନା ଜଣାଇଥିଲେ । ସୂଚନାଥାଉକି ନିର୍ବାଚନୀ ମହାନ୍ତି ପେଷାରେ ଜଣେ ଶିକ୍ଷୟିତ୍ରୀ ଥିବା ବେଳେ ତାଙ୍କର ଜଣେ ପୁଅ ଓ ଜଣେ ଝିଅ ଥିବାର ଜଣାଯାଇଛି ।

## ମାୟାଧର ପାଢ଼ୀଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୦୩/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତ ର ମଖଲପୁର ଗ୍ରାମର ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ତଥା ସମାଜସେବୀ ମାୟାଧର ପାଢ଼ୀ ଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି । ଏଥି ସହିତ ସପ୍ତାହ ବ୍ୟାପୀ ଶ୍ରୀମଦ ଭାଗବତ ପରାୟଣ ଓ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସଭାରେ ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ । ପଣ୍ଡିତ ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଶିକ୍ଷାବିତ ଦୁଃଶାସନ ରାଉତ, କବି ଡକ୍ଟର ବସନ୍ତ ଦାସ, କବି ବନମାଳୀ ବାରିକ, ଅଧ୍ୟାପକ ବିରେନ୍ଦ୍ର ମହାପାତ୍ର, ନାରାୟଣ ଦାଶ ପ୍ରମୁଖ




ଏହି ଉତ୍ସବ ରେ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ମାୟାଧର ପାଢ଼ୀ ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ସ୍ୱର୍ଗତ ପାଢ଼ୀ ଙ୍କ ସୁପୁତ୍ର ଶୈଳେନ୍ଦ୍ର ନାରାୟଣ ପାଢ଼ୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ଭଗବାନ ପାଢ଼ୀ, ଅଭିରାମ ପାଢ଼ୀ, ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ,ବିଶ୍ୱ ବିସ୍ମୟ ପାଢ଼ୀ, ଉପେନ୍ଦ୍ର ପାଢ଼ୀ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ୧୯୨୩ ମସିହାରେ ମାୟାଧର ଜନ୍ମ ହୋଇ ୨୦୧୫ ମସିହାରେ ମୃତ୍ୟୁ ବରଣ କରିଥିଲେ । ଶ୍ରାଦ୍ଧ ପିଣ୍ଡ ଦେଇଥିଲେ ବଡ଼ପୁଅ ଦେବେନ୍ଦ୍ର ପାଢ଼ୀ । ବେଦ ପାଠ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସାଇ ବିସ୍ମୟ ପାଢ଼ୀ ଓ ଜ୍ୟୋତିପ୍ରଭା । ସ୍ୱର୍ଗତ ପାଢ଼ୀଙ୍କ ସହ ଧର୍ମିଣୀ ଗଭାମଣି ପାଢ଼ୀ,ବୋହୂ ବୀଣାପାଣି, ସରୋଜିନୀ, ତିଲୋତ୍ତମା, ସ୍ନେହଲତା, ଶୈଳବାଲା, ଗୀତା, କ୍ଷେତ୍ରବାସୀ, ଅମରେନ୍ଦ୍ର, ଜ୍ଞମରେନ୍ଦ୍ର ପାଢ଼ୀ, ଦାମ ପାଢ଼ୀ, ଧନିଆ ପାଢ଼ୀ ଓ ନାତି ନାତୁଣୀ ଯୋଗଦେଇଥିଲେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପର୍ଶୁରାମ ପଣ୍ଡା, ଉପେନ୍ଦ୍ର ପାଣିଗ୍ରାହୀ ଭାଗବତ ପରାୟଣ କରିଥିଲେ । ଏହି ଉତ୍ସବ ରେ କବି ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ,କବି ରତ୍ନାକର ପଣ୍ଡା,ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଶିକ୍ଷାବିତ ଦିବାକର ନାୟକ, ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, କବି ଭାଗିରଥି ମହନି, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋଟାରିଆନ ପ୍ରଭାତ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନୀତୀଶଙ୍କୁ ଝଟ୍‌କା....

ଢ଼େର ଅଧିକ। ୨୦୦୦ ବିଧାନସଭା ନିର୍ବାଚନରେ ଦଳ ରାଜ୍ୟରେ କେବଳ ଗୋଟିଏ ଆସନ ଜିତିଥିଲା, କିନ୍ତୁ କ୍ରମାଗତ ଭାବେ ନିର୍ବାଚନରେ ମଣିପୁରରେ ଗୋଟିଏ ଆସନ ଜିତିବାରେ ବିଫଳ ହୋଇଥିଲା। ୨୦୧୭ ବିଧାନସଭା ନିର୍ବାଚନରେ ଜେଡିୟୁ ମଣିପୁରରେ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ। ବିଶେଷ କଥା ହେଉଛି ଯେ ରାଜ୍ୟରେ ବିଜେପି ସରକାରଙ୍କ ଠାରୁ ଜେଡିୟୁ ଅଲଗା ହେବା ସମ୍ପର୍କରେ ସୂଚନା ସାମ୍ନାକୁ ଆସିବା ପରେ ବିଧାୟକଙ୍କ ଦଳ ଛାଡିବା ନିଷ୍ପତ୍ତି ସାମ୍ନାକୁ ଆସିଛି। ଏଥିସହିତ, ୩ରୁ ୪ ସେପଟ୍ଟେମ୍ବରରେ ପାଟନାରେ ଜେଡିୟୁ ବିଧାୟକଙ୍କ ଏକ ବୈଠକ ବସିବାକୁ ଯାଉଛି, ଯେଉଁଠାରେ ସମର୍ଥନ ପ୍ରତ୍ୟାହାର କରିବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ରହିଛି।

### ମୋଦିଙ୍କ ବିରୋଧରେ....

ବିଭିନ୍ନ ଦଳର ନେତାଙ୍କ ସହ କଥା ହେବି। ଲୋକସଭା ନିର୍ବାଚନ ପୂର୍ବରୁ ସାରା ଦେଶରେ ବିରୋଧୀଙ୍କୁ ଏକଜୁଟ କରିବାକୁ ହେବ। ୨୦୨୪ ଲୋକସଭା ନିର୍ବାଚନରେ ବିରୋଧୀ ଏକଜୁଟ ହେଲେ ସହଜରେ ବିଜେପିକୁ ପରାସ୍ତ କରି ହେବ। ସେଥିପାଇଁ ଏବେଠୁ ପ୍ରସ୍ତୁତି ଜରୁରୀ। ଏହା ପୂର୍ବରୁ ରାଜ୍ୟସଭା ସାଂସଦ ତଥା ବିହାର ବିଜେପିର ବରିଷ୍ଠ ନେତା ସୁଶୀଲ ମୋଦୀ କହିଥିଲେ ଯେ ବର୍ତ୍ତମାନ ଅରୁଣାଚଳ ପ୍ରଦେଶ ପରେ ମଣିପୁର ମଧ୍ୟ ଜେଡି(ୟୁ) ମୁକ୍ତ ହୋଇଛି। ଖୁବ୍ ଶୀଘ୍ର ଆମେ ବିହାରରେ ଜେଡିୟୁ-ଆରଜେଡି ଗଠବନ୍ଧନ ଭାଙ୍ଗି ରାଜ୍ୟକୁ ଜେଡିୟୁ ମୁକ୍ତ କରିବୁ। ନୀତୀଶଙ୍କୁ ଟା ?ର୍ଗେଟ କରି ସେ କହିଥିଲେ ଯେ, ହୋର୍ଡିଙ୍ଗ ଏବଂ ପୋଷ୍ଟର ଲଗାଇ କେହି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ।

## ଓଡିଶାରେ ହେବ ସୂର୍ଯ୍ୟକିରଣ ସୋ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ବାୟୁସେନା ପକ୍ଷରୁ ଓଡ଼ିଶାରେ ସୂର୍ଯ୍ୟକିରଣ ସୋ ହେବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ। ସେ କହିଛନ୍ତି ଭୁବନେଶ୍ୱର ଓ ପୁରୀରେ ସୂର୍ଯ୍ୟକିରଣ ସୋ କରାଯିବ। ସେପ୍ଟେମ୍ବର ୧୬ ତାରିଖରେ ଭୁବନେଶ୍ୱର କୁଆଖାଇ ନଦୀ ଶଯ୍ୟାରେ ଏବଂ ୧୮ ତାରିଖରେ ପୁରୀର ରାଜଭବନ ଉପରେ ସୋ କରାଯିବା ନେଇ ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏନେଇ ପ୍ରତିରକ୍ଷା ବିଶେଷଜ୍ଞ ତଥା ଏୟାର କମୋଡର ତୁଷାରକାନ୍ତି ରଥ କହିଛନ୍ତି ଯେ, ଏଭଳି ସୋ ଓଡ଼ିଶାର ଯୁବପିଢିଙ୍କୁ ଏୟାରଫୋର୍ସରେ ଯୋଗ ଦେବାକୁ ଅଧିକ ଉତ୍ସାହିତ କରିବ। ଏପରି ସୋ ୧୯୭୮-୭୯ରେ ଆରମ୍ଭ ହୋଇଥିଲା। ଏହାକୁ ଥଣ୍ଡରବୋଲ୍ଡ କୁହାଯାଉଥିଲା।

## ବଜ୍ରାଘାତରେ ଚାଷୀ ଗୁରୁତର



ନୀଳଗିରି,୦୩/୦୯ (ନି.ପ୍ର): ଶନିବାର ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ଆରବନ୍ଧ ଡାହିସାହି ଗ୍ରାମର ଚାଷୀ ଜଗନ୍ନାଥ ନାଏକ ନିଜ ଘରବାରୀ ଥିବା ପରିବା ବଗିଚାରେ ସାର ଦେଉଥିବା ବେଳେ ହଠାତ୍ ଘଡ଼ଘଡ଼ି ମାରିବାରୁ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିଲେ । ପରିବାର ଲୋକେ ପ୍ରଥମେ ବରହମପୁର ଡାକ୍ତରଖାନା ଓ ପରେ ନୀଳଗିରି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଜଗନ୍ନାଥ ନାଏକ ଆମ ଆଦମୀ ପାର୍ଟିର ସକ୍ରିୟ କର୍ମୀ ହୋଇଥିବା ବେଳେ ଆମ ଆଦମୀ ପାର୍ଟିର ସଂଜୀବ ଭାଇ ଓ ରଘୁଭାଇ ବରହମପୁର ମେଡିକାଲରେ ପହଂଚି ୧୦୮ ଯୋଗେ ଗୁରୁତର ଜଗନ୍ନାଥକୁ ନୀଳଗିରି ଡାକ୍ତରଖାନାକୁ ପଠାଇଥିଲେ ।

## କ୍ରୀଷ୍ଟା କ୍ଲବ ପକ୍ଷରୁ ମାଗଣା ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି,୦୩/୦୯ (ନି.ପ୍ର): ନୀଳଗିରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "କ୍ରୀଷ୍ଟା କ୍ଲବ' ବରିସାହି ନୀଳଗିରି ଆନୁକୂଲ୍ୟରେ ଏକ ମାଗଣା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶନିବାର ଦିନ ପୂର୍ବାହ୍ନ ପ୍ରାୟ ୧୦ଘଟିକା ସମୟରେ ନୀଳଗିରି ବ୍ଲଡ ବ୍ୟାଙ୍କ ସହଭାଗିତାରେ କ୍ରୀଷ୍ଟା କ୍ଲବର ସଦସ୍ୟମାନଙ୍କୁ ନେଇ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ଏନ.ଏ.ସି. ଚେୟାରମ୍ୟାନ ଅମ୍ବିକା ଦାସ ଏବଂ ୫ନଂ. ୱାର୍ଡ କାଉନସିଲର ଆଦ୍ୟାଶା ଦାସ ଆନୁଷ୍ଠାନିକ ଭାବେ ଫିତାକାଟି ଉଦ୍‌ଘାଟନ କରିଥିଲେ । ଉକ୍ତ କ୍ଲବର ସଭାପତି ଚନ୍ଦନ ଦାସ, ସମ୍ପାଦିକା ରଂଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପବିତ୍ର ଗଣେଶ ପୂଜା ଉପଲକ୍ଷେ ଉକ୍ତ ରକ୍ତଦାନ ଶିବିର ସହ ଅନ୍ନଛତ୍ର, କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ ଶିବିରରେ ମୋଟ ୩୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କ୍ଲବର ସଭ୍ୟ ଜିତେନ୍ଦ୍ର ରାଉତ, ସୌମ୍ୟରଂଜନ ସ୍ୱାଇଁ, ଲଳିତ ନାୟକ, ନିହାର ରଂଜନ ନାୟକ, ଚନ୍ଦ୍ରକାନ୍ତ ରାଉତ, ପ୍ରକାଶ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲା ପରିକ୍ରମା କରୁଛି 'ଅହିଂସା ରଥ'

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀର ଗାଥାକୁ ମନେ ପକାଇବା ପାଇଁ ସାରା ରାଜ୍ୟରେ ଅହିଂସା ରଥ ପରିକ୍ରମା କରୁଛି । ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା, ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଚଳଚ୍ଚିତ୍ର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ନେଇ ଏହି ରଥ ଆଜି କଳାହାଣ୍ଡି ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଅହିଂସା ରଥ ଆଜି କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ସୀମାରେ ଅବସ୍ଥିତ ଗୋଲାମୁଣ୍ଡା ବ୍ଲକର ତୁମୁରାଠାରେ ଦୁଇଟି ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ସ୍ୱାଗତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ପଟେଲ, ଧର୍ମଗଡ ଉପଜିଲ୍ଲାପାଳ ସଚିନ ପାୱାର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ,ବିଡିଓ ଶ୍ରୀଧର ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା, ପଞ୍ଚାୟତ ସମିତି ସଭ୍ୟ ବନିତା ନାଇକ, ଶ୍ରୀମତୀ ସସ୍ମିତା ମଙ୍ଗରାଜ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସଂକୀର୍ତ୍ତନ ଦଳ ପ୍ରମୁଖ ସ୍ୱାଗତ କରିଥିଲେ । ଗୋଟିଏ ଅହିଂସା ରଥ ଗୋଲାମୁଣ୍ଡା ପଞ୍ଚାୟତରୁ ବୃନ୍ଦାବାହଲ, ବେହେରା ବାଟ ଦେଇ ଧର୍ମଗଡରେ ପହଞ୍ଚିଛି ଏବଂ ଅନ୍ୟ ଅହିଂସା ରଥଟି ଗୋଲାମୁଣ୍ଡାରୁ ମହାଲିଙ୍ଗ, ବୋର୍ଡା, କର୍ଲାପଡ଼ା, ପଷ୍ଟିକୁଡ଼ି ମାର୍ଗଦେଇ କେସିଙ୍ଗାଠାରେ କାର୍ଯ୍ୟକ୍ରମ କରିଛି । ଏହି କ୍ରମରେ ଗୋଲାମୁଣ୍ଡା ନୋଡାଲ ହାଇସ୍କୁଲ ରେ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ସହ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାଲିଂଗ ପଞ୍ଚାୟତଠାରେ ସରପଞ୍ଚ ଶ୍ରୀ ଗୌରୀ ଚନ୍ଦନ ରଥକୁ ସ୍ୱାଗତ କରିଥିଲେ । ସ୍ଥାନୀୟ କଳାକାର, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଘୁମୁରା, ବଜାସାଲ ଆଦି ନୃତ୍ୟ ଆୟୋଜିତ ହେବା ସହ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୋର୍ଡା ଗ୍ରାମପଞ୍ଚାୟତଠାରେ ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ବେହେରା ପଞ୍ଚାୟତଠାରେ ବ୍ଲକ ଅଧକ୍ଷା ଶ୍ରୀମତୀ ବବିତା ପାଟଯୋଷି,ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଗୋପୀ ମହାନନ୍ଦ, ଛାତ୍ରଛାତ୍ରୀମାନେ ରଥକୁ ସ୍ୱାଗତ କରିଥିଲେ । ସୁନ୍ଦରଗଡ଼ଠାରେ ଆଜି ଦ୍ୱିତୀୟ ଦିବସରେ ଗୋଟିଏ ରଥ ବଡଗାଁ, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ଭ୍ରମଣ କରିଥିବାବେଳେ ଅନ୍ୟ ରଥଟି ବାଲିଶଙ୍କରା ଓ ସବଡେଗା ବ୍ଲକ ପରିକ୍ରମା କରିଛି ।

## ସେପ୍ଟେମ୍ବର ମାସ ପାଇଁ ମିଳିତ ଜନଶୁଣାଣି ଶିବିର ଆୟୋଜନ କାର୍ଯ୍ୟସୂଚୀ

ଭଦ୍ରକ, ୦୩/୦୯ (ନି.ପ୍ର): ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବା ଅନ୍ୟ ଯେକୌଣସି ସମସ୍ୟା ନେଇ ଭଦ୍ରକ ଜିଲ୍ଲାର ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗର ସମାଧାନ ପାଇଁ ମାସର ପ୍ରତ୍ୟେକ ସୋମବାର ଏବଂ ସୋମବାର ଛୁଟି ଦିବସ ଥିଲେ ପରଦିନ ମଙ୍ଗଳବାର ରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ । ସେପ୍ଟେମ୍ବର ମାସ ପାଇଁ ଏହି ଶିବିର ଆୟୋଜନ ନେଇ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ୫.୯.୨୨ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତା ୧୨.୯.୨୨ ସୋମବାର ଦିନ, ବାସୁଦେବପୁର ବ୍ଲକ୍‌ରେ, ୧୯.୯.୨୨ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓ ମାସର ଶେଷ ସୋମବାର ତା ୨୬.୯.୨୨ରେ ଭଣ୍ଡାରିପୋଖରୀ ବ୍ଲକ୍‌ରେ ଏହି ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଜଣାଇବାକୁ ଚାହୁଁଥିବା ଜିଲ୍ଲାବାସୀ ଏହି ଶିବିରର ସୁଯୋଗ ନେଇ ପାରିବେ ।

## ଶୁଭଶ୍ରୀ ଆତ୍ମହତ୍ୟା ମାମଲା : ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ୍ କଲା ପୋଲିସ୍

ଭୁବନେଶ୍ୱର,୦୩/୦୯ (ନି.ପ୍ର): ଶାସ୍ତ୍ରୀନଗରର ଶୁଭଶ୍ରୀ ମହାପାତ୍ର ଆତ୍ମହତ୍ୟା ମାମଲାରେ ଖାରବେଳନଗର ଥାନା ପୋଲିସ୍ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛି। ମୁଖ୍ୟ ଅଭିଯୁକ୍ତ ଚିତରଂଜନ ଜେନାଙ୍କୁ ସାଥୀରେ ନେଇ ଶାସ୍ତ୍ରୀନଗରର ସ୍ଥିତ ଘରେ ପହଂଚି ଆତ୍ମହତ୍ୟା ପରେ କିଭଳି ମୃତଦେହକୁ ବାହାର କରିଥିଲା ସେନେଇ ପୋଲିସକୁ ଡେମୋ ଦେଖାଇଥିଲେ। ଶୁଭଶ୍ରୀଙ୍କୁ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତକାଲି ପୋଲିସ୍ ଚିତକୁ ଗିରଫ କରିଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯିବ। ପ୍ରମାଣ ନଷ୍ଟ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ବାବୁନାଙ୍କ ବିରୋଧରେ ଦଫା ୨୦୧ ମଧ୍ୟ ଲାଗୁ କରାଯାଇଛି। ୩୦ ଅଗଷ୍ଟ ୨୦୨୨ରେ ଶୁଭଶ୍ରୀ ଏବଂ ବୟଫ୍ରେଣ୍ଡ ଚିତରଂଜନଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା। ଶୁଭଶ୍ରୀ ମାନସିକ ଭାରସାମ୍ୟ ହରାଇ ବେକରେ ଓଢଣୀ ଲଗାଇ ଫ୍ୟାନରେ ଝୁଲି ପଡିଥିଲେ। କିଛି ସମୟ ପରେ ଶୁଭଶ୍ରୀଙ୍କ ଘରକୁ ଆସି ଚିତରଂଜନ ଶୁଭଶ୍ରୀଙ୍କୁ ଫ୍ୟାନରୁ ଓହ୍ଲାଇ ବେଡ୍ ଉପରେ ଶୁଆଇ ଦେଇଥିଲେ। ପରେ ଶୁଭଶ୍ରୀଙ୍କ ଓଢଣୀକୁ ବରୁଣେଇ ବାଇପାସ୍ ନିକଟ ଏକ ଡ୍ରେନ୍ ମଧ୍ୟରେ ଫୋପାଡି ଦେଇଥିଲେ।

## ବାସୁଦେବପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ବାସୁଦେବପୁର, ୦୩/୦୯ (ନି.ପ୍ର): ବାସୁଦେବପୁର ପୌରପାଳିକା ପକ୍ଷରୁ ସ୍ୱାୟତ ଶାସନ ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି । ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ଏଥିରେ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ,ଧାମନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ପୌରପାଳିକା ର ଅଧକ୍ଷା



ନିବେଦିତା ବେହେରା, ଶିକ୍ଷାବିତ ଦୁଃଶାସନ ରାଉତ,ଉପାଧକ୍ଷ ଉତ୍ତମ ବାରିକ,କାଉନସିଲର ଭକ୍ତରଂଜନ ପଟ୍ଟନାୟକ, ଜଗବନ୍ଧୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗ ରେ କଳା, ସାହିତ୍ୟ, ସଂସ୍କୃତି, ସମାଜସେବା, ମେଧାବୀ ଛାତ୍ର ଛାତ୍ରୀ ପ୍ରମୁଖ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପୌରପାଳିକା ପକ୍ଷରୁ ନାଟକ,ଡ୍ରାମା ଓ ବିଶିଷ୍ଟ କଣ୍ଠଶିଳ୍ପୀ ତାନସେନ ସିଂ ଏବଂ ସାଥି କଳାକାର ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଶିଷ୍ଟ ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଭାଗିରଥି ବଳ, ସୁରେଶ ମହାନ୍ତି, ଅସିତ ଦାଶ, ଦୀନବନ୍ଧୁ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ସକାଳ ସମୟରେ ପୌରପାଳିକା ରେ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । ତହସିଲ କାର୍ଯ୍ୟାଳୟ ଠାରେ ଥିବା ଶୌଚାଳୟ ଉଦଘାଟନ ହୋଇଥିଲା । ପୌରପାଳିକା ର ସମସ୍ତ କର୍ମଚାରୀ ବିଭିନ୍ନ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## କଂସାବାସନ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ

ବସ୍ତା, ୦୩/୦୯ (ନି.ପ୍ର): ଦିନକୁଦିନ ରୂପସା ଥାନା ଅଞ୍ଚଳରେ ଚୋରି, ଛୀନତାଇ ବଢ଼ି ବଢ଼ି ଚାଲିଛି। ପୋଲିସ କୁ ଖୋଲା ଖୋଲି ଚ୍ୟାଲେଞ୍ଜ କରି ଲୁଟେରାମାନେ ରାତି ଦିନ ଲୁଟି ଚାଲିଛନ୍ତି। ପୋଲିସ ର ନିଷ୍କ୍ରିୟତା ଯୋଗୁଁ ନିୟମିତ ବାଇକ ଚୋରି, ବାଇକ ଡ଼ିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ ସାଙ୍ଗକୁ ଦୋକାନ ତାଲା ଭାଙ୍ଗି ଚୋରି କରିବାକୁ ଚୋର ମାନଙ୍କୁ ମଉକା ମିଳୁଛି । ରୂପସା ପାଟପୁର ବଜାରରେ ଥିବା ଏକ କଂସାବାସନ ଦୋକାନର ତାଲା ଭାଙ୍ଗି ଶୁକ୍ରବାର ରାତିରେ ଦୁର୍ବୃତ୍ତ ମାନେ ଲକ୍ଷାଧିକ ଟଙ୍କାର ଷ୍ଟିଲ ଜିନିଷ ଓ କଂସାବାସନ ସାମଗ୍ରୀ, ଇନଭେଟର ବ୍ୟାଟେରୀ, ଇଣ୍ଡକ୍ସନ, ପ୍ରେସର କୁକର ଆଦି ଲୁଟି ନେଇଥିବା ଅଭିଯୋଗ ହୋଇଛି । ଚୋରି ବେଳର ଦୃଶ୍ୟ ବଜାରରେ ଥିବା ଅନ୍ୟ ଦୋକାନର ସିସିଟିଭି ଫୁଟେଜରେ କଏଦ ହୋଇଛି । ପୋଲିସ ପେଟ୍ରୋଲିଙ୍ଗ ନ ଥିବାର ସୁଯୋଗ ନେଇ ରାତି ୨.୨୮ମିନିଟ ରେ ୩ ଟି ବାଇକ ରେ ୬ ଜଣ ଲୁଟେରା ଝୋଟମିଲ ରାସ୍ତାପଟୁ ଆସି କଂସା ଦୋକାନରୁ ଚୋରି କରି ସେହି ରାସ୍ତା ଦେଇ ପଳାଇ ଥିଲେ କ୍ଷ କଂସା ଦୋକାନୀଙ୍କ ଅଭିଯୋଗ ମୂଳେ ଥାନାରେ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ଉପସ୍ଥିତି ରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାରମ୍ବାର ରୂପସା ଥାନା ଅଂଚଳ ରେ ଚୋରି, ଚୀନତାଇ ବୃଦ୍ଧି ପାଉଥିବାରୁ ଏସପି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହୋଇଛି ।

## ଜିଲ୍ଲା ଦକ୍ଷତା କମିଟି ବୈଠକ




ଭଦ୍ରକ, ୦୩/୦୯ (ନି.ପ୍ର): ଗତକାଲି ତା ୨।୯।୨୨ରିଖ ଶୁକବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଦକ୍ଷତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରମୁଖ ଅଧିକାରୀ ତଥା ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ମିଶି ୨୫ଜଣ ଯୋଗଦାନ କରିଥିଲେ । କମିଟିର ଆୟୋଜକ ତଥା ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଅଜୟ କୁମାର ଦାଶ, ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ଦକ୍ଷତା ବିକାଶ ଯୋଜନାର ଫଳାଫଳ ଉପରେ ଜିଲ୍ଲାପାଳ ତଥା ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ । ବର୍ତ୍ତମାନ ପରିପ୍ରେକ୍ଷୀରେ ଚାହିଦା ଥିବା ଦକ୍ଷତା କାର୍ଯ୍ୟକ୍ରମକୁ ନେଇ ନୂତନ ଦକ୍ଷତା ବିକାଶ ଯୋଜନା ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ତଥ୍ୟ ବିଭାଗୀୟ ଅଧିକାରୀଙ୍କ ଠାରୁ ଆଣି ଅନ୍ୟ ଏକ ସବ୍‌କମିଟି ମାଧ୍ୟମରେ ଅନୁମୋଦନ ନିମନ୍ତେ ସିଦ୍ଧାନ୍ତ ନିଆଗଲା । ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଠାରୁ ନିଜ ବିଭାଗରେ ନିଯୁକ୍ତି ଚାହିଦା ଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ । କିନ୍ନରମାନଙ୍କର ବିକଳ୍ପ ରୋଜଗାର ନିମନ୍ତେ ଜିଲ୍ଲାରେ ଏକ ସ୍ୱତନ୍ତ୍ର ତାଲିମ୍‌ର ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାରେ ଏମ୍.ଏସ୍.ଡ଼ି.ଇ. ଅଧିନରେ ଯୋଗଦେଇଥିବା । ଏମ୍.ଜି.ଏନ୍.ଏଫ୍. ସମସ୍ତ ବିଭାଗ ସହିତ ସଂଯୋଗ ରଖି ସମସ୍ତ ଆବଶ୍ୟକୀୟ ତଥ୍ୟ ଆଣି ନୂତନ ଦକ୍ଷତା ବିକାଶ ଯୋଜନା ପ୍ରସ୍ତୁତ କରି ତୁରନ୍ତ ଏକ ବୈଠକ ମାଧ୍ୟମରେ ଅନୁମୋଦନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ନିୟୋଜନ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ପାଳିତ

ଉଦଳା, ୦୩/୦୯ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍ ତଥା କୁଶଳଦା ହାଇସ୍କୁଲ ର ପ୍ରାଣ ପତିଷ୍ଠାତା ସ୍ୱର୍ଗତଃ ଅନ୍ତର୍ଯ୍ୟାମୀ ବେହେରା (ବାବୁ)ଙ୍କର ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଗତ ତା ୩୧/୦୮/୨୨ ରିଖ ବୁଧବାର ଦିନ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ତାଙ୍କ କୁଶଳଦାସ୍ଥ ବାସଭବନରେ ପାଳିତ ହୋଇଯାଇଛି । ତାଙ୍କ ବାସଭବନରେ ଆୟୋଜିତ ତିଳତର୍ପଣ ଓ ଶ୍ରାଦ୍ଧ କାର୍ଯ୍ୟକ୍ରମରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଅବସରପ୍ରାପ୍ତ ଉଚ୍ଚପ୍ରଶାସନିକ ଅଧିକାରୀ ଡ଼ଃ ଅରବିନ୍ଦ ବେହେରା, ମଧ୍ୟମ ପୁତ୍ର ଆପିକଲ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଡ଼ଃ ଅମୀୟ କୁମାର ବେହେରା, ଛାତ୍ର ସଂଘ ତରଫରୁ କୁଶଳଦା ହାଇସ୍କୁଲ ପୁରାତନ ଛାତ୍ର ସଂଘର ସଭାପତି ଯତୀନ୍ଦ୍ର ମୋହନ ଶତପଥୀ, ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ, ସଂଘର ସଂପାଦକ ରବିକାନ୍ତ



ମହାପାତ୍ର, ବରିଷ୍ଠ ସଭ୍ୟ କୁଳମଣି ନାୟକ, ସର୍ବେଶ୍ୱର ବାରିକ ତଥା ଅନ୍ୟମାନେ ଯୋଗଦାନ କରି ବାବୁଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଗତ ତା ୦୧/୦୯/୨୦୨୨ ରିଖ ଗୁରୁବାର ଦିନ ଛାତ୍ରଛାତ୍ରୀ ସଂଘର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଶିକ୍ଷକ ନେତା ସନାତନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ଓ ସ୍ମାରକୀ ପୁରସ୍କାର ବିତରଣ ସଭାରେ ପୁରାତନ ଛାତ୍ର ତଥା ପ୍ରାକ୍ତନ ମନ୍ତ୍ରୀ ବୀରଭଦ୍ର ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ କୁଶଳଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶୀଧର ବାରିକ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ସ୍ୱର୍ଗୀୟ ବେହେରାଙ୍କର ଜୀବନାଦର୍ଶ ସମ୍ପର୍କରେ ସ୍ୱକୀୟ ବକ୍ତବ୍ୟ ମାନ ରଖିଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ର ସଂଘର ସଂପାଦକ ତଥା ବରିଷ୍ଠ ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିବାବେଳେ ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ଆଦିକନ୍ଦ ବେଜ୍, ମନମୋହନ ମହାପାତ୍ର, ଅଧ୍ୟାପକ କରୁଣାକର ମହାପାତ୍ର, ଚନ୍ଦ୍ର ଶେଖର ଦାସ ଓ ଜୟପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅରବିନ୍ଦ ଶତପଥୀ ପ୍ରମୁଖ ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କ ଅନନ୍ୟ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନର ଛାତ୍ରଛାତ୍ରୀ ମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହେଲେ ଭବିଷ୍ୟତରେ ସେମାନେ ଜଣେ ଜଣେ ସଫଳ ମଣିଷ ହୋଇପାରିବେ ବୋଲି ଆଶା ପ୍ରକାଶ କରିଥିଲେ ।


**e-Procurement Notice for Road & Building Works Identification No. 03/ SERMLS/2022-23**

1. Procurement Officer :- Superitending Engineer Rural Works Division, Jaleswar
2. Name of the Work :- Road and Building
3. Total No. of Works :- 2 Nos
4. Estimated Cost :- Approx. Estimated Cost Rs.38 lakhs & Rs. 8.84 lakhs
5. Class of Contractor :- 'D' & 'C' Class
6 Time of Completion. :- Two & Three months (As per annexure)
7 Availability of tender On-line for bidding :- From 05.092022 at 03.00 P.M. to 12.09.2022 upto 5.00 P.M.
8. Last date & time of seeking tender clarification :- 09.09.2022 upto 5.00 P.M
9. Date & Time of Opening of tender in the office of the Superitending Engineer, R.W.Division, Jaleswar :- 13.09.2022 at 11.00 A.M.

Further details can be seen from the web site- **www.tendersodisha.gov.in**

OIPR : 25051/11/0004/2223

Superitending Engineer,
R.W.Division, Jaleswar

ଧ୍ୱନି ପ୍ରତିଧ୍ୱନି



# ଝାରସୁଗୁଡା ଗସ୍ତରେ ମୁଖ୍ୟ ସଚିବ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ଝାରସୁଗୁଡ଼ା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରଜିଲ୍ଲାପାଳ ସରୋଜ ସାମଲ ଓ ଜିଲ୍ଲା ସ୍ତରୀୟ, ିଲ୍ଲ ଅଧିକାରୀଙ୍କ ସହ କାର୍ଯ୍ୟ ସମ୍ପର୍କରେ ସିଧାସଳଖ ଆଲୋଚନା କରିଛନ୍ତି । ଆଲୋଚନା ପରେ କାର୍ଯ୍ୟ ଚାଲିଥିବା ସ୍ଥାନ ପରିଦର୍ଶନ କରିଛନ୍ତି ଶ୍ରୀ ମହାପାତ୍ର । ଏହି ଅବସରରେ ଚଳିତ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ଜିଲ୍ଲାର ୫୦ ପ୍ରତିଶତ ପରିବାରଙ୍କୁ ପାଇପ୍ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ।୬ ମାସ ମଧ୍ୟରେ ହୃଦରୋଗ ହସ୍ପିଟାଲ୍ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।ଏହାସହ ୧୧ ଟି ମେଗା ଉଠା ଜଳସେଚନ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ କାମ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି।ଜଳସେଚିତ ଅଂଚଳରେ ଅଣ-ଧାନ ଅର୍ଥକରୀ 'ସଲ ଚାଷ ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କୃଷକମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ରହି ସେମାନଙ୍କ ଚାଷ ସମ୍ବନ୍ଧୀୟ ଆବଶ୍ୟକତା ଓ ସମସ୍ୟା ଅନୁସାରେ ସହଯୋଗ ଯୋଗାଇବାକୁ କୃଷି ଓ ଉଦ୍ୟାନଚାଷ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ସଚିବ । ମୁଖ୍ୟ ଶାସନ ସଚିବ ଝାରସୁଗୁଡ଼ାଠାରେ ହୃଦରୋଗ ହସ୍ପିଟାଲ୍, ଏଚ୍.କଟାପାଲିରେ ଜଳ ବିଶୋଧନ ପ୍ଲାଣ୍ଟ, ବାଂଝୀବୋରାରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଏବଂ ବନ୍ଦହରପାଲିରେ ଓ.ପି.ଜି.ସି. ପାୱାର ପ୍ଲାଂଟ୍ ଆଦିର କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ଓ.ସି.ପି.ଏଲ୍. ପ୍ଲାଂଟ୍ ପ୍ରଦର୍ଶନ ଏବଂ ନବନିର୍ମିତ ସମନ୍ୱୟ ଭବନ ଉଦ୍ଘାଟନ କରିଥିଲେ । ମୁଖ୍ୟ ଶାସନ ସଚିବଙ୍କ ଗସ୍ତକାଳରେ ଝାରସୁଗୁଡା ଜିଲ୍ଲାପାଳ ସରୋଜ କୁମାର ସାମଲ, ସୁନ୍ଦରଗଡ଼ ଜିଲ୍ଲାପାଳ ଗାଭାଲ ହର୍ଷଦ ପରାଗ, ଝାରସୁଗୁଡ଼ା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ତପିରାମ ମାଝୀଙ୍କ ସମେତ ସଂପୃକ୍ତ ବିଭାଗ ଓ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ସବୁ ମହଲରୁ ସମର୍ଥନ ପାଇଁ ବୈଠକ

ବାଲେଶ୍ୱର,୦୩/୦୯ (ନି.ପ୍ର): କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ କୁମାର ଦତ୍ତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆବାହକ ଡ. କେଶବ ଚରଣ ପଣ୍ଡା ଗତ ଛଅମାସ ମଧ୍ୟରେ ଏହି ଜନଦାବିକୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଥିବା ସୂଚନା ଦେଇଥିଲେ। ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଗତ ଜିଲା ପରିଷଦ ବୈଠକରେ ଏହି ଦାବିକୁ ସର୍ବସମ୍ମତିକ୍ରମେ ସମର୍ଥନ ମିଳିବା ପରେ ୪ଟି ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ



ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଇତି ମଧ୍ୟରେ ଅନ୍ୟ ବ୍ଲକ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ। ବାଲେଶ୍ୱର ସହରରେ ଥିବା ପ୍ରାୟ ୧୦ଟି ସାମାଜିକ ସଂଗଠନ ମଧ୍ୟ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, କୃଷିବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଧିକରୁ ଅଧିକ ଜନ ସମର୍ଥନ ପାଇଁ ଆସନ୍ତା ଦୁର୍ଗାପୂଜା ଜିଲାର ସମସ୍ତ ପୂଜା ମଣ୍ଡପ ନିକଟରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ସମ୍ବଳିତ ବ୍ୟାନର ଲଗାଇବାକୁ ପୂଜାକମିଟିମାନଙ୍କୁ ଅନୁରୋଧ କରାଯିବା ଓ ପ୍ରଚାରପତ୍ର ମାଧ୍ୟମରେ ବ୍ୟାପକ ଜନସମର୍ଥନ ପାଇଁ ଉଦ୍ୟମ କରାଯିବାକୁ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନପତ୍ର ସହ ଏହି ଦାବି ସଂପର୍କରେ ଅବଗତ କରାଇବାକୁ ଓ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଏ ସଂପର୍କରେ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏକ କୃଷି ପ୍ରଧାନ ଜିଲା ଭାବେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗ୍ରହଣ ସାଙ୍ଗକୁ କୃଷକ ଓ କୃଷିର ବିକାଶ କ୍ଷେତ୍ରରେ ଏହା ବେଶ ସହାୟକ ହେବ ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ଅଭୟ ଚନ୍ଦ୍ର ମିଶ୍ର, ରବିନାରାୟଣ ଭୋଳ, ଅପର୍ଣ୍ଣା ମହାପାତ୍ର, ପ୍ରବୋଧ କୁମାର ପାତ୍ର, ଭୂପତି କୁମାର ପାତ୍ର, ପ୍ରଫୁଲ୍ଲ କୁମାର ଦାସ, ଅନନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବିକୁମାର ପାଣିଗ୍ରାହୀ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାସ୍କର ଚନ୍ଦ୍ର ପାଢ଼ୀ ଶେଷରେ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ସେବାରେ ଭ୍ରାମ୍ୟମାଣ ଚିକିତ୍ସା ବ୍ୟବସ୍ଥାର ଶୁଭାରମ୍ଭ

ବାଲେଶ୍ୱର,୦୩/୦୯ (ନି.ପ୍ର): ବାଲେଶ୍ୱର ଜିଲାର ବରିଷ୍ଠ ନାଗରିକଙ୍କୁ ଆଶୁ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପରାମର୍ଶ ଏବଂ 'ପ୍ରୟାସ' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ଭ୍ରାମ୍ୟମାଣ ଚିକିତ୍ସା ଶୁଭାରମ୍ଭ ହୋଇଛି। ଜିଲାପାଳ ଦତ୍ତାତ୍ରୟ ଭାଓସାହେବ ଶିନ୍ଦେ ଏହାକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, 'ପ୍ରୟାସ' ସଂଗଠନର ମୁଖ୍ୟ ଜୀବନ ରଂଜନ ମଲିକଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ଗୋପୀନାଥ



ଦାସ, କମଳାକାନ୍ତ ବେହେରା, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସୀତାରାମ ପ୍ରଧାନ, ଦାମୋଦର ନାୟକ, ଯଶୋଦା ନନ୍ଦନ ଆଶ୍, କୃଷ୍ଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା ପ୍ରମୁଖ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଦ୍ୱାରା ଜିଲାର ଗ୍ରାମାଞ୍ଚଳରେ ରୋଗ ପୀଡ଼ିତ ତଥା ଶଯ୍ୟାଶାୟୀ ବରିଷ୍ଠ ନାଗରିକମାନଙ୍କ ଆଶୁ ଚିକିତ୍ସା ଯୋଗାଇ ଦେବାରେ ସହାୟକ ହେବ ବୋଲି ଜିଲାପାଳ ଆଶା ପ୍ରକାଶ କରିଥିଲେ। ଏହି ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ରରେ ଡାକ୍ତର, କମ୍ପାଉଣ୍ଡର ଓ ସେବିକା ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି।

# ବିଜେପିର ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍ : ବିଜେଡି

ଭୁବନେଶ୍ୱର,୦୩/୦୯ (ନି.ପ୍ର): ବିଜେପି ଯୁବ ମୋର୍ଚ୍ଚା ୨୨ ପ୍ରଶ୍ନ ମାଧ୍ୟମରେ ୨୨ ବର୍ଷର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି । ବିଜେପିର ଏଭଳି ଅଭିଯୋଗର ଜବାବ ରଖି ବିଜେଡି ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ବିଜେପିର ସାମ୍ବାଦିକ ସମ୍ମିଳନୀ ସମ୍ପୂର୍ଣ୍ଣ ଭିଳିହୀନ ଓ ଅନ୍ତଃସାରଶୂନ୍ୟ । ୨୦୧୪ରେ ସବକା ସାଥ, ସବକା ବିକାଶର ନାରା ଦିଆଯାଇଥିଲା । ୨୦୧୮ରେ ଏହାକୁ ପୂରା କରାଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା । କିନ୍ତୁ ଏବେ ଏହା ୨୦୪୫ ଯାଏଁ ଗଲାଣି । ଯେଉଁ ଦଳ ନିଜର ହିସାବ ଦେଇପାରୁନି ସେ କଣ ଅନ୍ୟଙ୍କୁ ପ୍ରଶ୍ନ କରିବ । ପ୍ରେସମିଟକୁ ଯଦି ଆସୁଛନ୍ତି ତେବେ ତଥ୍ୟ ସହ ଆସନ୍ତୁ । ଧାନ କ୍ରୟ ଅବଧି ବୃଦ୍ଧି ନେଇ ବିଜେପି ପ୍ରଶ୍ନ କରୁଛନ୍ତି କିନ୍ତୁ ପ୍ରତିଥର ଧାନ କ୍ରୟ ପାଇଁ ଅବଧି ବଢ଼ିଛି। ନାବାଳିକା ଦୁଷ୍କର୍ମରେ ଏନସିଆରବିରେ ତଥ୍ୟ ଶୂନ ରହିଛି । କିନ୍ତୁ ବିଜେପି ଯେଉଁ ତଥ୍ୟ ରଖିଛି ତାହା ସମ୍ପୂର୍ଣ୍ଣ ଭୁଲ। ୨୦୧୭,୨୦୧୮ ଓ ୨୦୧୯ ରେ କାହିଁକି ଏନସିଆରବି ତଥ୍ୟ ଆସୁନଥିଲା ବୋଲି ପ୍ରଶ୍ନ କରିଛି ବିଜେଡି। ହୁଏତ ବିଜେପି ଶାସିତ ରାଜ୍ୟରେ ଅପରାଧ ଅଧିକ ଥିଲା ବୋଲି ଆସୁନଥିଲା। ଓଡ଼ିଶାର ସ୍ଥିତି ଭଲ ଅଛି। ସେମାନେ ଆଗ ତାଙ୍କ ଘର ସମ୍ଭାଳନ୍ତୁ। ବିଜେପି ହତୋତ୍ସାହିତ ହୋଇ ଏପରି ବୟାନ ଦେଉଛନ୍ତି । ଏଭଳି ବୟାନ ଦେଲେ ସ୍ଥିତି ବଦଳିବନି। ବର୍ତମାନ କଂଗ୍ରେସ ଓ ବିଜେପି ସ୍ଥିତି ସମାନ। ଭୁଲ ତଥ୍ୟର ଫ୍ୟାକ୍ଟ୍ରି ବିଜେପି ପାଖରେ ଅଛି । ସେହି ତଥ୍ୟକୁ ବିଜେପି ଦେଉଛି ।

# ୧୯ ବର୍ଷରୁ କମ୍ ମୟୁରଭଂଜ କ୍ରିକେଟ ଦଳ ଘୋଷିତ



ବାରିପଦା, ୦୩/୦୯ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ୧୯ ବର୍ଷରୁ କମ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଂଟରେ ଅଂଶ ଗ୍ରହଣ କରିବା ପାଇଁ ମୟୁରଭଂଜ ଦଳ ଘୋଷିତ ହୋଇଯାଇଛି ଓ ଏହି ଦଳର ଅଧିନାୟକ ଏମ ବାଲକୃଷ୍ଣଓ, ଉପ ଅଧିନାୟକ ଲୋକନାଥ ପୃଷ୍ଟି ହୋଇଥିବା ବେଳେ ଅନ୍ୟ ଖେଳାଳି ମାନେ ହେଲେ ଅନାଦି ମହାନ୍ତ, ସ୍ମୃତି ରଂଜନ ନାୟକ, ବାର୍ଷ୍ଣେୟ ବିନାୟକ ଦାସ, ଚିନ୍ମୟ ପଣ୍ଡିତ, ମୋହିତ ପ୍ରହରାଜ, ସୁରେଇ ହେମ୍ବ୍ରମ, ହଂସରାଜ ସାହୁ, ଶେଖର ବେହେରା, ଅନିକେତ ପରିଡା, ସୁରଜ ମହାନା, ଏମଡି ରାଜା, ଦିବ୍ୟଜ୍ୟୋତି ପାଲବାବୁ ଓ ଜୀତ ଦେ ରହିଥିବାର ଜଣାଯାଇଛି । ଦଳ ସହିତ କୋଚ ଓ ମ୍ୟାନେଜର ଭାବେ ସତ୍ୟନାରାୟଣ ଜୀଉ ଗସ୍ତ କରିବେ ଓ ମନୁ ରାମ ଓ ସତ୍ୟନାରାୟଣ ଜୀଉ ଖେଳାଳି ଚୟନ କରିବାରେ ସହାୟତା କରିଥିଲେ । ଆସନ୍ତା କାଲି ଏହି ଦଳ କଟକ ଅଭିମୁଖେ ଯାତ୍ରା କରିବାସହ ୪ ତାରିଖ ଦିନ ପ୍ରଥମ ମ୍ୟାଚ ବରଗଡ଼ ସହିତ ଖେଳିବ ବୋଲି କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି । ଏହି ଦଳରେ ରାଇରଙ୍ଗପୁରରୁ ୪ଜଣ, କରଞ୍ଜିଆରୁ ଜଣେ, ବେତନଟୀରୁ ଜଣେ ଓ ବାକି ୯ ଜଣ ବାରିପଦାରୁ ସାମିଲ ଅଛନ୍ତି ବୋଲି ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ । ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧକ୍ଷ ଅମିତାଭ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ ଖେଳାଳି ମଣ୍ଟୁ ଦା ଓ ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ନୂଆଖାଇ ଉତ୍ସବ

ବାଲେଶ୍ୱର,୦୩/୦୯ (ନି.ପ୍ର): ରାଜ୍ୟ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିଷ୍ପତ୍ତି କ୍ରମେ ସମଗ୍ର ଓଡ଼ିଶାରେ କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଳନ କରାଯାଉଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି। ଜିଲା ସଂସ୍କୃତି ବିଭାଗ ଓ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ନୂଆଖାଇ ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଅଧକ୍ଷତା କରିବା ସହିତ ନୂଆଖାଇ ପର୍ବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଭିତ୍ତିକ ଏହି ପର୍ବକୁ ସମଗ୍ର ରାଜ୍ୟରେ ସପ୍ତାହବ୍ୟାପୀ ପାଳନ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ନିଆଯାଇଥିବା ବେଳେ ଜିଲାବାସୀଙ୍କ ପାଇଁ ଏହା ନୂଆ ଅନୁଭୂତି ଆଣିବ ବୋଲି ସେ ପ୍ରକାଶ କରିଥିଲେ। ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବଙ୍କୁ ସର୍ବବ୍ୟାପୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ପଶ୍ଚିମ ଓଡିଶାର ଏହି ମହାନ ସଂସ୍କୃତି ଓ ପରମ୍ପରା ପ୍ରତି ଓଡ଼ିଶାର ପ୍ରତ୍ୟେକ ଲୋକେ ଅନୁପ୍ରାଣିତ ହେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ ।

# ନିମ୍ନମାନର ରାସ୍ତା ନିର୍ମାଣ ନେଇ, ବିଡିଓଙ୍କ ନିକଟରେ ଅଭିଯୋଗ

ବସ୍ତା, ୦୩/୦୯ (ନି.ପ୍ର): ନିମ୍ନମାନର ରାସ୍ତା ନିର୍ମାଣ ପାଇଁ, ରାସ୍ତା କାମ ନସରୁଣୁ ରାସ୍ତା ଫାଟି ଆଁ। ନିମ୍ନ ମାନର କାମ ହୋଇଥିବା ନେଇ ବିଡିଓ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମ ବାସି। ଅଭିଯୋଗ ଅନୁଯାୟୀ ବସ୍ତା ବ୍ଲକ ତାଡ଼ଦା ପଞ୍ଚାୟତର ୨୦୨୨-୨୩ ଆର୍ଥିକ ବର୍ଷରେ, ପଞ୍ଚାୟତ ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନର ଯୋଜନାରେ ୨ଲକ୍ଷ ୫୦ହଜାର ଟଙ୍କା ଅଟକଳ ମୂଲ୍ୟରେ ଶ୍ୟାମରାଇପୁର ଗ୍ରାମର ବିକର୍ତ୍ତନ୍ ସିଂ ଘର ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ବ୍ୟୟ ବରାଦ ହୋଇଥିଲା। ଯାହାକି ଗତ ୨୭ ତାରିଖ ରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହୋଇଥିଲା। ତେବେ ନିର୍ମାଣ କାର୍ଯ୍ୟ କୁ ୨୪ଘଣ୍ଟା ନପୁରୁଣୁ ଅର୍ଥାତ୍ ୩୧ ତାରିଖ ବେଳକୁ ରାସ୍ତା ଫାଟି ଆଁ ହୋଇ ଯାଇଥିଲା। ଏ ପରିକି ପରବର୍ତ୍ତୀ ଅବସ୍ଥାରେ ମିସ୍ତ୍ରୀ ଗଇଁତି ସାହାଯ୍ୟରେ ରାସ୍ତା କୁ ଖୋଳି ପୁଣି ମରାମତି କରିଥିଲେ ବି ରାସ୍ତା ଫାଟି ଆଁ ହୋଇଯାଇଛି। ଏନେଇ ୱାର୍ଡ ସଭ୍ୟ ସୁଦର୍ଶନ ଦାସ ସମେତ, ଗ୍ରାମବାସି ଗୌର ମୋହନ ଦେ, ଝାଡେଶ୍ୱର ଦାସ, ସଞ୍ଜୟ ଦାସ ପ୍ରମୁଖ, ନିମ୍ନ ମାନର ରସ୍ତାନିର୍ମାଣ ହୋଇଥିବା ନେଇ ବସ୍ତା ବିଡିଓ ଜ୍ଞାନ ରଞ୍ଜନ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମାଇନ ମାରାଣ୍ଡି ଙ୍କୁ ପଚାରି ବୁଝିବାରୁ କହିଛନ୍ତି କ ନିମ୍ନମାନର କୌଣସି କାମ ହୋଇନାହିଁ। ନିମ୍ନ ମାନର କାର୍ଯ୍ୟ ହୋଇଥିଲେ ଅନ୍ୟ ସ୍ଥାନ ମାନଙ୍କରେ ରାସ୍ତାଫାଟି ଯାଇଥନ୍ତା ତାହା ନହୋଇ, କେବଳ ନିର୍ଦ୍ଦିଷ୍ଟ ଗୋଟିଏ ଜାଗାରେ ରାସ୍ତା ଫାଟୁଛି। ତେବେ ସମସ୍ୟାର ସମାଧାନ ପାଇଁ ତଦନ୍ତ ପରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସାହୁ ପ୍ରକାଶକରିଛନ୍ତି ।

# ମାଙ୍କଡ ଉପଦ୍ରବ ଆତଙ୍କିତ ଅଞ୍ଚଳ ବାସୀ



ବସ୍ତା, ୦୩/୦୯ (ନି.ପ୍ର): ଦିନକୁଦିନ ମାଙ୍କଡ ମାନଙ୍କ ଉପଦ୍ରବ ରେ ଆତଙ୍କିତ ଅଞ୍ଚଳବାସୀ । ଆଜିପର୍ଯ୍ୟନ୍ତ, ୩୦ ରୁ ଆଧିକ ଲୋକ ଆହତ ହୋଇଛନ୍ତି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବାଗଲଡିହା ଗ୍ରାମରେ,ଏକ ମାସରୁ ଅଧିକ ଦିନ ହେବ ୫୦ ରୁ ଅଧିକ ମାଙ୍କଡ ଏହି ଗ୍ରାମରେ ଆତଙ୍କ ଖେଳାଇ ଚାଲିଛନ୍ତି । ଯାହା ଫଳରେ ଲୋକେ ଭୟଭିତ ଅବସ୍ଥାରେ ରହୁଛନ୍ତି, ଲୋକେ ସବୁ ସମୟରେ ଘରେ କବାଟ ଲଗାଇ ରହୁଛନ୍ତି, ଅତି ଜରୁରି ହେଲେ ହାତରେ ଠେଙ୍ଗା ବାଡି ଧରି ବାହାରକୁ ବାହାରୁଛନ୍ତି। ମାଙ୍କଡ ମାନେ ବାଡି ବଗିଚାରେ ପନିପରିବା ସମେତ ଗଛ ଗୁଡିକୁ ନଷ୍ଟ କରିବା ସହିତ ଲୋକଙ୍କୁ ମଧ ଆକ୍ରମଣ କରି ଖଣ୍ଡିଆ ଖାବରା କରୁଛନ୍ତି, ଏହି ମାଙ୍କଡ ପଲ ଭିତରେ ୨ ଟି ମାଙ୍କଡ ପାଗଳ ହୋଇ ଥିବାରୁ ସେମାନେ ଏକୁଟିଆ ଲୋକଙ୍କୁ ଦେଖିଲେ ଗୋଡାଇ ଗୋଡାଇ କାମୁଡୁ ଥିବାର ଅଭିଯୋଗ ହୋଇଛି, ଏ ବାବାଦରେ ବନ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ ବନ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି । ତେବେ ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ପଦକ୍ଷେପ ନ ନେଲେ ଆଗାମିଦିନରେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେବୋଲି ଅଞ୍ଚଳ ବାସୀ ଦାବୀ କରିଛନ୍ତ।

# ନହଞ୍ଜରା ସ୍ଲିପିଂରୋଡ ନିର୍ମାଣର ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ

ଜଳେଶ୍ୱର, ୩/୯(ନି.ପ୍ର): ଜାତୀୟ ରାଜପଥ ୬୦ ନିର୍ମାଣ ହେବା ପରେ ଜଳେଶ୍ୱର ମ୍ୟୁନିସିପାଲଟିର ୧୫ନଂ ୱାର୍ଡ ନହଞ୍ଜରା ଓ ସହର ମହକୁମା ମଧ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିଛି । ନହଞ୍ଜରବାସୀ ସହରକୁ ଯିବାଲାଗି ଜାତୀୟ ରାଜପଥ କର୍ତ୍ତୃପକ୍ଷ ସେଠାରେ ଏକ ସଂକିର୍ଣ୍ଣ ଅଣ୍ଡର ପାସ୍ ନିର୍ମାଣ କରିଥିଲେ । ଫଳରେ ଉକ୍ତ ୱାର୍ଡକୁ ଦମକଳ, ଅମ୍ବୁଲାନ୍ସ, ଟ୍ରକ ଓ ଡମ୍ପର ଇତ୍ୟାଦି ପ୍ରବେଶ କରିପାରୁ ନାହିଁ । ଦୁଇହଜାର ଲୋକସଂଖ୍ୟା ବିଶିଷ୍ଟ ଉକ୍ତ ୱାର୍ଡର ଲୋକେ ଗୃହ ନିର୍ମାଣ ସାମଗ୍ରୀ ଓ ଅତ୍ୟାବଶ୍ୟକ ଜିନିଷପତ୍ର ପରିବହନ କରି ପାରୁ ନ ଥିବାରୁ ସେଠାରେ ଜାତୀୟ ରାଜପଥକୁ ଯୋଡିବାଲାଗି ଏକ ସ୍ଲିପିଂ ରୋଡ ନିର୍ମାଣ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ । ଏ ସଂପର୍କରେ ସାଂସଦ ପ୍ରତାପ ଷଡଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦେବାପରେ



ଖଡଗପୁର ଡିଭିଜନର ଅତିରିକ୍ତ ପ୍ରକଳ୍ପ ପରିଚାଳକଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଜଳେଶ୍ୱର ଗସ୍ତରେ ଆସି ଉଭୟ ପାର୍ଶ୍ୱର ସ୍ଲିପିଂ ରୋଡ ନିର୍ମାଣ ସଂପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ । ସ୍ଥାୟୀ ସ୍ଲିପିଂ ରୋଡ ନିର୍ମାଣ ହେବା ସୂଚନା ପାଇବାପରେ ଅଂଚଳବାସୀ ସାଂସଦଙ୍କୁ ଧନ୍ୟବାଦ ଦେବା ସହ ଖୁସି ପ୍ରକଟ କରିଛନ୍ତି । ଅଧିକାରୀମାନେ ଉକ୍ତ ସ୍ଥାନ ନିରିକ୍ଷଣ ସମୟରେ ଭାଜପା ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, କାଉନ୍ସିଲ ଉମା ହେମ୍ବ୍ରମ, ଶିବନାରାୟଣ ମହାପାତ୍ର, ଦୁର୍ଗାଶଂକର ଭୂୟାଁ, ଜଗନ୍ନାଥ ଗୋଚ୍ଛାୟତ, ରବିନ୍ଦ୍ର ପାତ୍ର, ଅନନ୍ତ ଦାସ, ସପନ ବ୍ରହ୍ମ, ମୁନା ପରିଡା, ସର୍ବେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ତ୍ରୀର ଦଶାହରେ ସ୍ୱାମୀ ମୃତ୍ୟୁ ଘଟଣା, ଦୁଇ ପିଲାଙ୍କ ଦାୟିତ୍ୱ ନେବ ଜିଲ୍ଲା ପ୍ରଶାସନ

ଭଦ୍ରକ, ୦୩/୦୯ (ନି.ପ୍ର): ସ୍ତ୍ରୀ ପଛେ ପଛେ ଚାଲିଗଲେ ସ୍ୱାମୀ। ସୁଖର ସଂସାର ଗଢ଼ିବା ପାଇଁ ଉଭୟ ସାଥି ହୋଇ ହାତ ଧରିଥିଲେ। ଏବେ ସ୍ତ୍ରୀ ର ମୃତ୍ୟୁ ହେବାର ଦଶ ଦିନରେ ସ୍ୱାମୀ ଙ୍କର ମଧ୍ୟ ମୃତ୍ୟୁ ହୋଇଛି। ବାପା ମାଆଙ୍କୁ ହରାଇ ଦୁଇ ଅନାଥ ଶିଶୁ ବାହୁନି ବାହୁନି କାନ୍ଦୁଛନ୍ତି। ଏମିତି ଏକ ହୃଦୟ ବିଦାରକ ଘଟଣା ଦେଖିବା ପାଇଁ ମିଳିଛି ଭଦ୍ରକ ବ୍ଲକ ଅନ୍ତର୍ଗତ ବଣିଆ ପଞ୍ଚାୟତରେ । ଅନାଥ ହୋଇଯାଇଛନ୍ତି ଦୁଇ ପିଲା । ଏହି ଘଟଣା ସମ୍ପୃକ୍ତ ଅଂଚଳ ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ତେବେ ସ୍ୱାମୀ ଡ୍ରାଇଭିଂ କରି ଯାହା ଟଙ୍କା ରୋଜଗାର କରୁଥିଲେ ସେଥିରେ ଘର ଚାଲୁଥିଲା । ଝିଅ ଓ ପୁଅ ଙ୍କ ସହ ସ୍ତ୍ରୀ ଙ୍କ ଚିକିତ୍ସା ପାଇଁ ଯଥା ସାଧ ଖର୍ଚ୍ଚ କରୁଥିଲେ। ଏହା



ମଧ ରେ ସେ ମଧ ରୋଗ ଗ୍ରସ୍ତ ହେଲେ । ଶେଷ ରେ ଅଗଷ୍ଟ ମାସ ୨୪ ତାରିଖ ରେ ସ୍ତ୍ରୀ ଙ୍କ ର ମୃତ୍ୟୁ ହୋଇଥିଲା । ଆଜି ଦଶାହ କର୍ମ ପାଇଁ ସମସ୍ତେ ଘାଟ ରେ ଥିବା ବେଳେ ସ୍ୱାମୀ ଙ୍କର ମଧ ମୃତ୍ୟୁ ଘଟିଛି । ଏମିତି ଘଟଣା ଘଟିଛି ଭଦ୍ରକ ବ୍ଲକ ବଣିଆ ପଞ୍ଚାୟତ ଅଧିନ ପେଡାସାହି ଗ୍ରାମରେ । ନରହରି ପେଡା ପେଷାରେ ଡ୍ରାଇଭର । ପ୍ରାୟ ଦୁଇବର୍ଷ ତଳେ ସ୍ତ୍ରୀ ଇତିଶ୍ରୀ ମଧ ଟିବି ରୋଗ ରେ ଆକ୍ରାନ୍ତ ହେଲେ କିନ୍ତୁ ବହୁ ଚିକିତ୍ସା ପରେ ଅଗଷ୍ଟ ମାସ ୨୪ ତାରିଖ ରେ ଇତିଶ୍ରୀ ଙ୍କର ମୃତ୍ୟୁ ହୋଇଥିଲା । ଆଜି ପରିବାର ଲୋକେ ଦଶାହ କର୍ମ ପାଇଁ ଘାଟ ରେ ଥିବା ବେଳେ ନରହରିଙ୍କର ମୃତ୍ୟୁ ହୋଇଛି । ପ୍ରଥମେ ସ୍ତ୍ରୀର ମୃତ୍ୟୁ, ପରେ ସ୍ୱାମୀର ମୃତ୍ୟୁ ହେବା ଘଟଣାରେ ଗ୍ରାମବାସୀ ଅବାକ ହୋଇଯାଇଛନ୍ତି । ବାପା ମାଆ ଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି ଦୁଇ ପିଲା । ଅନ୍ୟପଟେ ରୋଗରେ ଆକ୍ରାନ୍ତ ହୋଇ ଉଭୟ ସ୍ୱାମୀ ଓ ସ୍ତ୍ରୀ ୧୦ ଦିନ ବ୍ୟବଧାନ ରେ ଦୁନିଆ ରୁ ବିଦାୟ ନେଇଛନ୍ତି । ଗାଁ ଦାଣ୍ଡ ରେ କୋକେଇ ବନ୍ଧା ହୋଇଛି । ନରହରି ଙ୍କୁ ମଶାଣି କୁ ନେବା ରେଡ଼କ୍ରସ ପାଣ୍ଠି ରୁ ୧୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଆଶ୍ରମ ସ୍କୁଲ ରେ ଦୁଇ ପିଲା ଙ୍କ ଥଇଥାନ ସହ ପାଠ ପଢା ର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଦୁଇ ପିଲା ଙ୍କର ସୁବିଧା ଅସୁବିଧା ବୁଝିବା ସହ ସମସ୍ତ ଦାୟିତ୍ୱ ବହନ କରିବ ଭଦ୍ରକ ଜିଲ୍ଲା ପ୍ରଶାସନ । ଜିଲ୍ଲା ମଙ୍ଗଳ ଅଧିକାରୀ ମଧ୍ୟ ଉକ୍ତ ଘଟଣାରେ ଗାଁ କୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିବା ଜଣାପଡିଛି ।

# ବାଇକରୁ ପଡ଼ି ମହିଳାଙ୍କ ମୃତ୍ୟୁ

ବାଲେଶ୍ୱର,୦୩/୦୯ (ନି.ପ୍ର): ବାଇକରୁ ଖସିପଡ଼ି ସଦର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ବରିଷ୍ଠ ଆଇନଜୀବୀ ରଘୁନାଥ ଦାସଙ୍କ ପତ୍ନୀ ସୁଷମା ଦାସଙ୍କର ଶନିବାର ମୃତ୍ୟୁ ହୋଇଯାଇଛି। ବାଲେଶ୍ୱର ଟାଉନରୁ ଆଇନଜୀବୀ ଶ୍ରୀ ଦାସ ବାଇକରେ ପତ୍ନୀ ସୁଷମାଙ୍କୁ ନେଇ ଭୀମପୁର ଘରକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ସେମାନେ ରସାଲପୁରରୁ ଭୀମପୁର ରାସ୍ତାରେ ଯାଉଥିବା



ବେଳେ ଦୁର୍ଘଟଣା ଘଟିଥିଲା। ଗତ କିଛିଦିନ ପୂର୍ବରୁ ଏହି କଂକ୍ରିଟ ରାସ୍ତାରେ ହୋଇଥିବା ପ୍ରାୟ ଫୁଟେ ଉଚ୍ଚର ମରାମତି ସ୍ଥଳରେ ବାଇକର ଆଗ ଚକ ହଠାତ ଉଠିଯାଇଥିବା ବେଳେ ସୁଷମା ତଳକୁ ଖସିପଡ଼ିଥିଲେ। ଏଥିରେ ତାଙ୍କର ମୁଣ୍ଡର ପଛପାଖ କଂକ୍ରିଟରେ ମାଡ଼ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ବି ଡାକ୍ତର ସୁଷମାଙ୍କୁ ମୃତ ଘୋଷଣା କରିଥିଲେ। ସଂଧ୍ୟା ହୋଇ ଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନଥିବା ଜଣାଯାଇଛି। ଜଣେ ଧର୍ମପ୍ରାଣା ମହିଳାଙ୍କର ଆକସ୍ମିକ ବିୟୋଗକୁ ନେଇ ପରିବାର ସମେତ ଭୀମପୁର ମହାଜନସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo